


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ବୁଧବାର ୦୩ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 03 June 2026

Vol.No. 36 ■ No.145 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


# ସରକାରଙ୍କ ବଡ଼ କାର୍ଯ୍ୟାନୁଷ୍ଠାନ: ବଦଳିଲେ ସିବିଏସ୍ଇ ଅଧକ୍ଷ ଓ ସଚିବ, ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨/୬ : ସିବିଏସ୍ଇ ପୁନଃ ମୂଲ୍ୟାଙ୍କନ ବିବାଦରେ କେନ୍ଦ୍ର ସରକାର ନେଇଛନ୍ତି ବଡ଼ କାର୍ଯ୍ୟାନୁଷ୍ଠାନ। ବିବାଦ ଦିନକୁ ଦିନ ବଢ଼ୁଥିବାରୁ ଆଜି ସରକାର ସିବିଏସ୍ଇ ଅଧକ୍ଷ ଓ ସଚିବଙ୍କ ବଦଳି କରି ଦେଇଛନ୍ତି। ସିବିଏସ୍ଇର ଡିଜିଟାଲ ମୂଲ୍ୟାଙ୍କନ ବ୍ୟବସ୍ଥାରୁ ନେଇ ବିବାଦ ଲାଗି ରହିଥିବା ବେଳେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିବିଏସ୍ଇ ଅଧକ୍ଷ ଆଇଏଏସ ରାହୁଲ ସିଂହ ବୋର୍ଡର ସମସ୍ତ କାର୍ଯ୍ୟ ଓ ପରୀକ୍ଷା ସଂସ୍କାର କଥା ବୁଝୁଥିଲେ। ଶିକ୍ଷା ମନ୍ତ୍ରଣାଳୟ ସହ ସେ ସମନ୍ୱୟ ରକ୍ଷା କରୁଥିଲେ। ସେହିପରି ସଚିବ ଭାବେ କାର୍ଯ୍ୟ କରୁଥିବା ଆଇଏଏସ୍ ହିମାଂଶୁ ଗୁପ୍ତା ପ୍ରଶାସନିକ, ଅର୍ଥ ଓ ଏହା ସହ ଜଡ଼ିତ କାର୍ଯ୍ୟର ଦେଖାଶୁଣା କରୁଥିଲେ। ଏବେ ପ୍ରଥମ ପର୍ଯ୍ୟାୟରେ ଏମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାବାଦ ଅନ ସ୍କ୍ରିନ ମାର୍କିଂ (ଓଏସ୍ଏମ) ବ୍ୟବସ୍ଥା କେଉଁ ପରିସ୍ଥିତିରେ ଗ୍ରହଣ କରାଯାଇଥିଲା, ତା'ର ତଦନ୍ତ ପାଇଁ ମଧ ନିର୍ଦ୍ଦେଶ ଦେଇଛନ୍ତି ସରକାର। ଓଏସଏମ ତଦନ୍ତ ପାଇଁ ଜଣିକିଆ କମିଟି ଗଠନ କରାଯାଇଛି। କାପାସିଟି ବିଲ୍ଡିଂ କମିଶନ ଅଧକ୍ଷ ଏସ୍ ରାଧା ଚୌହାନଙ୍କୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି ସରକାର। ଜଣିକିଆ କମିଟି ଗୋଟିଏ ମାସେ ଭିତରେ ତଦନ୍ତ ରିପୋର୍ଟ ଦେବ। କମିଟିର ରିପୋର୍ଟ ଦେବା ପରେ ସରକାର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। କମିଟିର କାର୍ଯ୍ୟ ପରିସୀମା ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରକାଶ ପାଇ ନାହିଁ। କିନ୍ତୁ ଓଏସ୍ଏମ ପାଇଁ ଚୁକ୍ତି କେମିତି ଦିଆ ଯାଇଥିଲା ? ସମସ୍ତ ନିୟମାବଳୀ ଓ ପ୍ରକ୍ରିୟା ଠିକ ଭାବେ ଅନୁପାଳନ କରାଯାଇଥିଲା କି ନାହିଁ, ତା'ର ଯାଞ୍ଚ କମିଟି କରିବ ବୋଲି ଜଣାପଡ଼ିଛି। ସିବିଏସଇ ଦଶମ ଓ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବା ପରେ ଶିକ୍ଷାର୍ଥୀମାନଙ୍କ ପାଇଁ ସ୍କାନ୍ କରାଯାଇଥିବା ଉତ୍ତରଖାତା ଦେଖିବାର ସୁବିଧା ଉପଲବ୍ଧ କରାଯାଇଥିଲା। କିନ୍ତୁ ଏହି ସ୍କାନ ଉତ୍ତର ଖାତା ଦେଖିବା ସମୟରେ ଶିକ୍ଷାର୍ଥୀମାନେ ବିଭିନ୍ନ ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ କରିଥିଲେ। ଅନେକ ପରୀକ୍ଷାର୍ଥୀ କହିଥିଲେ ଯେ ସେମାନଙ୍କୁ ସ୍ପଷ୍ଟ ଦୃଶ୍ୟମାନ ହେଉ ନଥିବା ପୃଷ୍ଠା ସହ ସଂପୂର୍ଣ୍ଣ ଉତ୍ତର ଖାତା ମିଳୁନାହିଁ। ସେହିପରି ବୋର୍ଡର ଅନଲାଇନ୍ ସେବା ମଧ ଠିକ ଭାବେ ଉପଲବ୍ଧ ହେଉନାହିଁ। ଏହାପରେ ଓଏସଏମ୍ ପ୍ଲାଟଫର୍ମ ଓ ଡିଜିଟାଲ ମୂଲ୍ୟାଙ୍କନ ଚୁକ୍ତି ପ୍ରଦାନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠିଛି। ବିକ୍ରେତା ଚୟନ ପ୍ରକ୍ରିୟା, ସାଇବର ସୁରକ୍ଷା ସମସ୍ୟା ଓ ପୁନଃ ମୂଲ୍ୟାଙ୍କନ ସେବାରେ ବିଳମ୍ବକୁ ନେଇ ମଧ ବିବାଦ ଦେଖାଯାଇଛି। ସିବିଏସ୍ଇର ମୂଲ୍ୟାଙ୍କନ ଓ ରେଜଲ୍ଟ ପରେ ନିଆଯାଇଥିବା ପଦକ୍ଷେପ ଉପରେ ଗୋଟିଏ ସପ୍ତାହ ଧରି ବିବାଦ ଲାଗି ରହିଥିଲା। ଏହାକୁ ନେଇ ପୂରା ଦେଶର ଶିକ୍ଷାର୍ଥୀ, ଅଭିଭାବକ ଓ ଶିକ୍ଷକଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି ହୋଇଥିଲା। ଏଥିପାଇଁ ସରକାର ଏପରି ପଦକ୍ଷେପ ନେଇଛନ୍ତି।




# ଜୁନ୍ ୪ରେ ଆସୁଛି ମୌସୁମୀ: କେରଳ ପାଇଁ ପ୍ରବଳ ବର୍ଷା ସତର୍କ ସୂଚନା ଜାରି କଲା ଆଇଏମ୍ଡି

ନୂଆଦିଲ୍ଲୀ,୨/୬ : ଶେଷରେ ଭାରତରେ ମୌସୁମୀ ଆଗମନର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି)। ପ୍ରଥମେ ମୌସୁମୀ ଆଗମନର ସ୍ୱାଭାବିକ ତାରିଖ ଜୁନ୍ ପହିଲାର ପ୍ରାୟ ଏକ ସପ୍ତାହ ପୂର୍ବରୁ ମେ ୨୬ରେ ମୌସୁମୀ କେରଳ ଛୁଇଁପାରେ ବୋଲି କହିଥିବା ଆଇଏମ୍ଡି ପରେ ଏହାକୁ ସଂଶୋଧନ କରି ମୌସୁମୀ ୨/୪ ଦିନ ବିଳମ୍ବରେ ପହଞ୍ଚିବ ବୋଲି କହିଥିଲା। ଶେଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଜୁନ୍ ୪ରେ କେରଳରେ ପହଞ୍ଚିବ ବୋଲି ପୂର୍ବାନୁମାନ କରିଛି। ଏହା ଦକ୍ଷିଣ ଭାରତରେ ବହୁ ପ୍ରତ୍ୟାଶିତ ବର୍ଷା ଆଣିବ ଏବଂ ଦେଶରେ ବର୍ଷାଋତୁର ଆନୁଷ୍ଠାନିକ ଆରମ୍ଭକୁ ଚିହ୍ନିତ କରିବ ବୋଲି କହିବା ସହ ପାଣିପାଗ ବିଭାଗ କେରଳ ପାଇଁ ପ୍ରବଳ ବର୍ଷା ସତର୍କ ସୂଚନା ଜାରି କରିଛି। ଆସନ୍ତା ସପ୍ତାହରେ ଦକ୍ଷିଣ ରାଜ୍ୟଗୁଡ଼ିକରେ ବ୍ୟାପକ ବୃଷ୍ଟିପାତ ହେବ ବୋଲି ପାଣିପାଗ ଏଜେନ୍ସି ପୂର୍ବାନୁମାନ କରିଛି। ଆସନ୍ତା ଛଅରୁ ସାତ ଦିନ ମଧ୍ୟରେ ରାଜ୍ୟର ବିଚ୍ଛିନ୍ନ ସ୍ଥାନରେ ୭ ସେମିରୁ ୨୦ ସେମି ପର୍ଯ୍ୟନ୍ତ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆରବ ସାଗର ଉପରେ ଆର୍ଦ୍ରତାଭରା ମୌସୁମୀ ପବନ ଶକ୍ତିଶାଳୀ ହୋଇ ଉତ୍ତର ଦିଗକୁ ଅଗ୍ରସର ହେଉଥିବାରୁ ତାମିଲନାଡୁ ଓ କର୍ଣ୍ଣାଟକର କିଛି ଅଂଶରେ ପ୍ରବଳ ବର୍ଷା ହେବ ବୋଲି ଆଇଏମ୍ଡି ପୂର୍ବାନୁମାନ କରିଛି। ମୌସୁମୀର ଆରମ୍ଭ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା, ଯେଉଁଠାରେ ଦେଶର ପ୍ରାୟ ଅଧା ଚାଷ ଜମି ଋତୁକାଳୀନ ବର୍ଷା ଉପରେ ନିର୍ଭର କରେ। ମୌସୁମୀ ଜଳଭଣ୍ଡାର ଗୁଡ଼ିକୁ ମଧ ପୂରଣ କରିଥାଏ, ଜଳବିଦ୍ୟୁତ୍ ଉତ୍ପାଦନକୁ ସମର୍ଥନ କରିଥାଏ ଏବଂ ପ୍ରବଳ ଗ୍ରୀଷ୍ମ ଉତ୍ତାପରୁ ମୁକ୍ତି ପ୍ରଦାନ କରିଥାଏ। ତେବେ ମୌସୁମୀ ଋତୁର ଆଗମନ ସହିତ ଅନେକ ଅଞ୍ଚଳରେ ବିପଜ୍ଜନକ ପାଣିପାଗ ପରିସ୍ଥିତି ଦେଖାଦେବ ବୋଲି ଆଶଙ୍କା କରାଯାଉଛି।

◆◆ପୃଷ୍ଠା ୭

# ଆନ୍ନାମଲାଇଙ୍କୁ ମନାଇବାରେ ବିଫଳ ନୀତିନ ନବୀନ: ଏବେ ଅମିତ ଶାହଙ୍କ ଗୁପ୍ତ ବୈଠକ ଉପରେ ନଜର

ନୂଆଦିଲ୍ଲୀ,୨/୬ : ଭାରତୀୟ ଜନତା ପାର୍ଟି ଆଜିକାଲି ତାମିଲନାଡୁ ରାଜନୀତିରେ ସମସ୍ୟାରେ ଥିବା ପରି ମନେ ହେଉଛି । ସମ୍ପ୍ରତି ରାଜ୍ୟରେ ଦଳର ସବୁଠାରୁ ପ୍ରମୁଖ ବ୍ୟକ୍ତି ଏବଂ ପୂର୍ବତନ ରାଜ୍ୟ ସଭାପତି କେ. ଅନ୍ନାମଲାଇ ଅଲଗା ହେବାର ସଙ୍କେତ ଦେଇଛନ୍ତି । ସେ କୌଣସି ସ୍ପଷ୍ଟ ଘୋଷଣା କରିନାହାନ୍ତି, କିନ୍ତୁ ତାଙ୍କର ସାମ୍ପ୍ରତିକ କାର୍ଯ୍ୟକଳାପ ଏପରି କଳ୍ପନାଜଳ୍ପନାକୁ ଖୋରାକ ଯୋଗାଇଛି । ଚର୍ଚ୍ଚା ହେଉଛି ସେ ବିଜେପି ଛାଡି ନିଜସ୍ୱ ଦଳ ଗଠନ କରିପାରନ୍ତି । ବିଜେପି ତାଙ୍କୁ ମନାଇବାକୁ ଚେଷ୍ଟା କରୁଛି । ମଙ୍ଗଳବାର ଦିନ, ଆନ୍ନାମଲାଇ ଦିଲ୍ଲୀରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନୀତିନ ନବୀନ ଏବଂ ଦଳର ବରିଷ୍ଠ ନେତା ବି.ଏଲ. ସନ୍ତୋଷଙ୍କୁ ଭେଟିଥିଲେ।

◆◆ପୃଷ୍ଠା ୭

# ସୌମ୍ୟ ହତ୍ୟା ମାମଲା : କ୍ରାଇମ୍ ସ୍ପଟ୍ରେ ଏନଏଚଆରସି ଟିମ୍ର ଛାନଭିନ୍

ଭୁବନେଶ୍ୱର, ୦୨/୬ (ନି.ପ୍ର): ବହୁଚର୍ଚ୍ଚିତ ବାଲିଅନ୍ତା ସୌମ୍ୟ ହତ୍ୟା ମାମଲାରେ ଓଡ଼ିଶା ଆସିଥିବା ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)ର ୨ ଜଣିଆ ଟିମ୍ କ୍ରାଇମ୍ ସ୍ପଟ୍ ରେ ଛାନ୍ଭିନ୍ କରିଛନ୍ତି। ଏନଏଚଆରସି ଟିମ୍ ଘଟଣା ଘଟିଥିବା ବାଲିଅନ୍ତା ରାମଚନ୍ଦ୍ରପୁରରେ ପହଂଚି ତଦନ୍ତ କରିବା ସହ ନିଲମ୍ବିତ କନଷ୍ଟେବଲ ରାମଚନ୍ଦ୍ର ବେହେରାଙ୍କୁ ପଚରାଉଚରା କରିଛନ୍ତି। ଘଟଣାସ୍ଥଳରେ ଛାନ୍ ଭିନ୍ ପରେ ଏନଏଚଆରସି ଟିମ୍ ସୌମ୍ୟଙ୍କ ଗାଁକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ଭେଟିଛି। ଏହାସହ ସୌମ୍ୟଙ୍କ ଅଡସପୁର ଠାରେ ଜିମ୍କୁ ଯାଇ ମଧ୍ୟ ଖୋଳତାଡ କରିଥିବା ସୂଚନା ମିଳିଛି।

# ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ

ଭୁବନେଶ୍ୱର, ୦୨/୬ (ନି.ପ୍ର): ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଜୋନାଲ ସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ ହୋଇଛି। କ୍ରୀଡା ଓ ଯୁବସେବା ବିଭାଗ ଓ ଓଡିଶା ଫୁଟବଲ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି । ଉକ୍ତ ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବିଭାଗରେ ଫୁଟବଲ ଓ ଭଲିବଲ ପ୍ରତିଯୋଗିତା ହେବ । ଭୁବନେଶ୍ୱର ଜୋନ ଅଧୀନରେ ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର,କଟକ, ଭୁବନେଶ୍ୱରକୁ ନେଇ ଏହି ଜୋନ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଫୁଟବଲ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି ।

◆◆ପୃଷ୍ଠା ୭

# ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୦୨/୬ (ନି.ପ୍ର): ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଜୁନ୍ ୨୦ ତାରିଖରେ ରାଇରଙ୍ଗପୁରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ସୂଚନା ଦିଆଯାଇଛି । ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଦିଆଯାଇଛି ଏହି ସୂଚନା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି, ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।



◆◆ପୃଷ୍ଠା ୭

# ପୁଣି ବଢ଼ିଲା ବସ୍ ଭଡ଼ା

ଭୁବନେଶ୍ୱର, ୦୨/୬ (ନି.ପ୍ର): ପୁଣି ବସ୍ ଭଡ଼ା ବଢ଼ାଇଲେ ରାଜ୍ୟ ସରକାର। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ବଢ଼ିଲା। ପୂର୍ବରୁ ଅର୍ଡିନାରୀ ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସା ଥିଲା ବେଳେ ଏବେ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍ର ଭଡ଼ା ପୂର୍ବରୁ କିଲୋମିଟର ପିଛା ୧୩୧ ପଇସା ଥିବା ବେଳେ ଏବେ ୪ ପଇସା ବଢ଼ି ୧୩୫ ପଇସାରେ ପହଞ୍ଚିଛି। ଏସି ଡିଲକ୍ସ ବସ୍ ଭଡ଼ା ମଧ ବୃଦ୍ଧି ପାଇଛି। ପୂର୍ବରୁ ଏହି ବର୍ଗର ବସ୍ ସେବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୧୫୯ ପଇସା ଦେବାକୁ ପଡୁଥିବା ବେଳେ ଏବେ ୧୬୩ ପଇସାକୁ ଦେବାକୁ ହେବ। ଅର୍ଥାତ୍ ଏହି ବସ୍ର ଭଡ଼ା ମଧ କିମି ପିଛା ୪ ପଇସା ବଢ଼ିଛି। ସୁପର ଡିଲକ୍ସ ବସ୍ ଭଡ଼ା କିଲୋମିଟର ପିଛା ୬ ପଇସା ବଢ଼ିଛି। ପୂର୍ବରୁ ଏହି ବର୍ଗର ବସ୍ରେ ଯାତ୍ରା କରିବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୨୪୭ ପଇସା ଦେବାକୁ ପଡୁଥିଲା। ଏବେ ସେମାନଙ୍କୁ କିମି ପିଛା ୨୫୩ ପଇସା ଦେବାକୁ ପଡ଼ିବ। ମେ' ୨୫ ତାରିଖରେ ପେଟ୍ରୋଲର ଲିଟର ପିଛା ଦାମ ୨.୬୧ ଟଙ୍କା ଓ ଡିଜେଲର ଲିଟର ପିଛା ଦାମ ୨.୭୧ ଟଙ୍କା ବଢ଼ିଥିଲା। ଏହାକୁ ମିଶାଇ ୧୧ ଦିନ ଭିତରେ ତୈଳ ଦର ୪ର୍ଥ ଥର ପାଇଁ ବୃଦ୍ଧି ପାଇଥିଲା। ଏହି ୧୧ ଦିନ ଭିତରେ ସମଗ୍ର ଦେଶରେ ପେଟ୍ରୋଲ ଲିଟର ପିଛା ୭.୫୦ ଟଙ୍କା ଓ ଡିଜେଲ ଦର ପ୍ରାୟ ୮ ଟଙ୍କା ମହଙ୍ଗା ହୋଇଥିଲା। ମେ' ୨୫ ତାରିଖରେ ପୁନର୍ବାର ତେଲ ଦର ବଢ଼ିବା ପରେ ବସ୍ ଭଡ଼ା ବୃଦ୍ଧି କରିବାକୁ ଦାବି କରିଥିଲା ଘରୋଇ ବସ୍ ମାଲିକ ସଂଘ। ଭଡ଼ା ନ ବଢ଼ିଲେ ବସ୍ ଗଡ଼ିବନି ବୋଲି କହିଥିଲା ସଂଘ। ସଂଘ ତରଫରୁ କୁହାଯାଇଥିଲା ଯେ ବସ ଭଡ଼ା ବୃଦ୍ଧି ପାଇଁ ସରକାର ସ୍ପଷ୍ଟ ନୀତି ଆପଣାନ୍ତୁ।

# ଡ. କାଳୀପଦ ପଣ୍ଡାଙ୍କ 'ଚିନ୍ତା ଅନୁଚିନ୍ତା' ଏବଂ ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ'ର ପ୍ରିୟ ଶିକ୍ଷକ ବିଶେଷାଙ୍କ ହେଲା ଉନ୍ମୋଚିତ

ବାଲେଶ୍ୱର, ୦୨/୬ (ନି.ପ୍ର): ସାହିତ୍ୟିକ, ସଂପାଦକ ଓ ପ୍ରକାଶକ ଡ. କାଳୀପଦ ପଣ୍ଡାଙ୍କ ଜନ୍ମଦିନ ଅବସରରେ ୧ ତାରିଖ ସଂଧ୍ୟାରେ ବାଲେଶ୍ୱର ଷ୍ଟେସନ କ୍ଲବ ସଭାଗୃହରେ ଏକ ବର୍ଣ୍ଣାଢ଼୍ୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାଧାପକ ତଥା ଲେଖକ ଡ. ଅକ୍ଷୟ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଡ. ପଣ୍ଡାଙ୍କର ପଞ୍ଚମ ପ୍ରବନ୍ଧ ପୁସ୍ତକ 'ଚିନ୍ତା ଅନୁଚିନ୍ତା' ସହ ତାଙ୍କ ସଂପାଦିତ ସାହିତ୍ୟ ପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣ ଶ୍ରୀ'ର ମୋ ପ୍ରିୟ ଶିକ୍ଷକ ବିଶେଷାଙ୍କର ଶୁଭ ଉନ୍ମୋଚନ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ସମ୍ମାନିତ ଅତିଥି ଭାବେ ଡ. ଅରବିନ୍ଦ ଗିରି, ଡ. ରାଧାରଂଜନ ପଟ୍ଟନାୟକ, ଔପନ୍ୟାସିକ ତଥା ଧ୍ୱନିପ୍ରତିଧ୍ୱନିର ପ୍ରତିଷ୍ଠାତା ସୃଷ୍ଟିଧର ପରିଡ଼ା ଯୋଗ ଦେଇ ଡ. ପଣ୍ଡାଙ୍କ ଶିକ୍ଷଣୀୟ ଓ ତଥ୍ୟଧର୍ମୀ ଉପାଦେୟ ପ୍ରବନ୍ଧ ସମୂହର ଆଲୋଚନା ସହ ସୁବର୍ଣ୍ଣଶ୍ରୀର ବିଶେଷାଙ୍କ ଗୁଡ଼ିକ କିଭଳି ପାଠକୀୟ ଆଦରଲାଭ କରିଛି ସେ ସଂପର୍କରେ ଆଲୋକପାତ କରିଥିଲେ । ଆକାଶବାଣୀର ଉପସ୍ଥାପିକା ମିତା ପଟ୍ଟନାୟକ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ. ପ୍ରଦୀପ୍ତ କୁମାର ମିଶ୍ର ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଡ. କେଶବଚରଣ ପଣ୍ଡା ବେଦମନ୍ତ୍ର ପାଠ କରି ଶ୍ଳୋକାବୃତ୍ତି କରିଥିବା ବେଳେ ଡ. ପଣ୍ଡାଙ୍କୁ ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଶତାଧିକ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନ ପ୍ରଦାନ କରାଯାଇଥିଲା । ଅତିଥି ମାନେ ଛୋନପୋଡ଼ କାଟି ଡ. ପଣ୍ଡାଙ୍କୁ ଖୁଆଇବା ପରେ ସମସ୍ତଙ୍କୁ ବଣ୍ଟନ କରାଯାଇଥିଲା । ଉତ୍ସବରେ ଡ. ପଣ୍ଡା ତାଙ୍କ ୪୦ ବର୍ଷର ସାରସ୍ୱତ ଜୀବନର କିଛି ଅଭୁଲା ସ୍ମୃତି ରାମନ୍ଥନ କରିଥିଲେ ।




◆◆ପୃଷ୍ଠା ୭

# ୟୁକ୍ରେନ ଉପରେ ରୁଷ୍ର ଜୋରଦାର ଆକ୍ରମଣ: ୧୮ ମୃତ

ନୂଆଦିଲ୍ଲୀ,୨/୬ : ରୁଷ୍ ଗତ ରାତିରେ କିବ୍ ଓ ୟୁକ୍ରେନର ଅନ୍ୟାନ୍ୟ ସହର ଉପରେ ଶହ ଶହ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଛି, ଯେଉଁଥିରେ ଅତି କମ୍ରେ ୧୮ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି ଏବଂ ୧୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଅଧିକାରୀମାନେ କହିଛନ୍ତି ଯେ, ଆପାର୍ଟମେଣ୍ଟ କୋଠାର ଭଗ୍ନାବଶେଷ ତଳେ କିଛି ଲୋକ ଫସି ରହିଥିଲେ, ଯେଉଁଥିରେ ଏକ ୩ ବର୍ଷର ଶିଶୁ, ଜଣେ ମାଆ ଓ ତାଙ୍କ ୮ ବର୍ଷ ପୁଅର ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଆକ୍ରମଣ ଗତରାତିରୁ ଆଜି ପୂର୍ବାହ୍ନ ପର୍ଯ୍ୟନ୍ତ ଚାଲିଥିଲା । ରୁଷ୍ ଏକ ବଡ଼ ଧରଣର ବିମାନ ଆକ୍ରମଣ ହେବାକୁ ଯାଉଛି ବୋଲି ଚେତାବନୀ ଦେବା ଏବଂ ବିଦେଶୀ କୂଟନୀତିଜ୍ଞମାନଙ୍କୁ ୟୁକ୍ରେନର ରାଜଧାନୀ ଛାଡିବାକୁ କହିବା ପରେ କିବ୍ ବାସିନ୍ଦା କିଛି ଦିନ ଧରି ଆତଙ୍କରେ ଥିଲେ। ଏହି ଆକ୍ରମଣ ପରେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି କହିଛନ୍ତି ଯେ ଏହାର ଜବାବରେ ପାଲଟା ଆକ୍ରମଣ କରାଯିବ। ୟୁକ୍ରେନର ଆମେରିକା ନିର୍ମିତ ପାଟ୍ରିଅଟ୍ ଏୟାର ଡିଫେନ୍ସ କ୍ଷେପଣାସ୍ତ୍ରର ଅଭାବର ଲାଭ ଉଠାଇବାକୁ ଚେଷ୍ଟା କରୁଛି ରୁଷ୍, କାରଣ ଇରାନ ଯୁଦ୍ଧ ଦ୍ୱାରା ପାଟ୍ରିଅଟ୍ର ଅନ୍ତର୍ଜାତୀୟ ଷ୍ଟକ୍ ହ୍ରାସ ପାଇଛି। ଏହା ସାଧାରଣ ନାଗରିକଙ୍କୁ ରୁଷ୍ର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପାଇଁ ବିଶେଷ ଭାବରେ ଅସୁରକ୍ଷିତ କରିଛି।

# ସିବିସି ଭୁବନେଶ୍ୱର ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଭୁବନେଶ୍ୱର, ୨/୦୬ (ନି.ପ୍ର): ବିଶ୍ୱ ତମାଖୁ ବର୍ଜନ ଦିବସ ୨୦୨୬ ଅବସରରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱର ପକ୍ଷରୁ ଜେନେସିସ ହିଲିଂ ସେଂଟ ର, ଭୁବନେଶ୍ୱରଠାରେ ତମାଖୁ ସେବନର କୁପ୍ରଭାବ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ତମାଖୁ ସେବନର ବ୍ୟକ୍ତିଗତ ସ୍ୱାସ୍ଥ୍ୟ, ପରିବାର, ସମାଜ ଏବଂ ସମଗ୍ର ଦେଶ ଉପରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ ରମଣ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ସୁସ୍ଥ ଓ ବିକଶିତ ଭାରତ ଗଠନ ପାଇଁ ତମାଖୁମୁକ୍ତ ଜୀବନଶୈଳୀ ଅବଲମ୍ବନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଶେଷକରି ଯୁବପିଢ଼ିଙ୍କୁ ତମାଖୁ ଠାରୁ ଦୂରେଇ ରହିବା ଏବଂ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ସେ ଆହ୍ୱାନ ଦେଇଥିଲେ।

ଜେନେସିସ ହିଲିଂ ସେଂଟ ରର ପରିଚାଳନା ଟ୍ରଷ୍ଟି ଶ୍ରୀ ବିଶ୍ୱଜିତ ପଣ୍ଡା ଏବଂ ଟ୍ରଷ୍ଟି ଶ୍ରୀମତୀ ସୁସ୍ମିତା ପଣ୍ଡା ତମାଖୁ ଏବଂ ନିଶାଗ୍ରସ୍ତ ବ୍ୟକ୍ତିମାନଙ୍କୁ ପରାମର୍ଶ ଏବଂ ପୁନର୍ବାସ ପ୍ରଦାନ କ୍ଷେତ୍ରରେ ସେମାନଙ୍କ ଅନୁଭୂତି ବାଂଟିଥିଲେ। ନିଶାମୁକ୍ତ ଜୀବନ ଗଠନରେ ସଚେତନତା, ପାରିବାରିକ ସହଯୋଗ ଏବଂ ଠିକ୍ ସମୟରେ ହସ୍ତକ୍ଷେପର ଗୁରୁତ୍ୱ ଉପରେ ସେମାନେ ଆଲୋକପାତ କରିଥିଲେ।

କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ସିବିସି ଭୁବନେଶ୍ୱରର ବରିଷ୍ଠ କଳାକାରମାନଙ୍କ ଦ୍ୱାରା ପରିବେଷିତ ଏକ ସଚେତନତାମୂଳକ ନାଟକ। ଶ୍ରୀ ହିମାଂଶୁ ଶେଖର ନାୟକ, ଶ୍ରୀ ଅଭିଜିତ ଭୌମିକ, ଡ. ତାପସ ପଲ ଏବଂ ଶ୍ରୀ କୁଳମଣି ସାହୁଙ୍କୁ ନେଇ ଗଠିତ ଏହି ସାଂସ୍କୃତିକ ଦଳ ତମାଖୁ ସେବନର କୁପ୍ରଭାବ ଏବଂ ଏହା ଦ୍ୱାରା ବ୍ୟକ୍ତି ଓ ପରିବାର ଉପରେ ପଡୁଥିବା ଭୟାବହ ପ୍ରଭାବକୁ ଅତ୍ୟନ୍ତ ଜୀବନ୍ତ ଭାବରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ତମାଖୁ ନିଷେଧ ଶପଥ ପାଠ କରାଯାଇଥିଲା ଏବଂ ଉପସ୍ଥିତ ସମସ୍ତଙ୍କୁ ତମାଖୁ ଜାତ ଦ୍ରବ୍ୟଠାରୁ ଦୂରେଇ ରହି ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରିବାକୁ ଆହ୍ୱାନ ଦିଆଯାଇଥିଲା। ଜେନେସିସ ହିଲିଂ ସେଂଟ ରର ପରାମର୍ଶଦାତା ଶ୍ରୀ ବିଶ୍ୱରଞ୍ଜନ ମିଶ୍ରଙ୍କ ସମେତ କେନ୍ଦ୍ରର କର୍ମଚାରୀ ଏବଂ ଅନ୍ତେବାସୀମାନେ ଉପସ୍ଥିତ ଥିଲେ। ସିବିସି ଭୁବନେଶ୍ୱରର କ୍ଷେତ୍ର ପ୍ରଚାର ଅଧିକାରୀ ସସ୍ମିତା ପାଇକରାୟ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପରିବାର ମିଳନ କାର୍ଯ୍ୟକ୍ରମ ଆୟୋଜିତ

ଜୟପୁର, ୨/୦୬ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କେଶବ ପ୍ରଭାତ ଶାଖା ତରଫରୁ ଜୟପୁର ସ୍ଥିତ ଏସ ଏସ କନଭେନ୍ସାନ ଠାରେ ପରିବାର ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା କ୍ଷ ଯେଉଁଥିରେ କି ୨୦୦ ଜଣ ସଦସ୍ୟ ଯୋଗ ଦେଇଥିଲେ। ନିରାକାର ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ଡଃ. ଜଳେନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସାଂପ୍ରତିକ ପରିସ୍ଥିତିରେ ଏହାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶାଖା କାର୍ଯ୍ୟବାହ ସାରଙ୍ଗାଧର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁସ୍ମିତା ରଥ, ବିଷ୍ଣୁ ସାହୁ,ସୁବ୍ରତ ପଣ୍ଡା, ସୁରେଶ ପଣ୍ଡା ପ୍ରମୁଖ ପ୍ରଶ୍ନମଂଚ ଓ ମ୍ୟୁଜିକ ଚେୟାର ଭଳି ମନୋରଞ୍ଜନ କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ଲକ୍ଷ୍ମୀକାନ୍ତ ମିଶ୍ର ମଂଚ ପରିଚାଳନା କରିଥିଲେ।

# ରାଉରକେଲା ଇସ୍ପାତ କାରଖାନାର ଟି ଆଣ୍ଡ ଆରଏମ୍ ବିଭାଗଠାରେ ଦୁଇଟି ଡିଜେଲ ରେଳ ଇଞ୍ଜିନ କାର୍ଯ୍ୟ ସମର୍ପିତ



ରାଉରକେଲା, ୨/୦୬ (ନି.ପ୍ର): ୧ ଜୁନ୍ ୨୦୨୬ ରେ, ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ରାଉରକେଲା ଇସ୍ପାତ କାରଖାନା ର ଟ୍ରାଫିକ ଓ କଞ୍ଚାମାଲ ବିଭାଗର ଲୋକୋମୋଟିଭ୍ ଶେଡ୍‌ଠାରେ ଦୁଇଟି ଡିଜେଲ ରେଳ ଇଞ୍ଜିନ (ଲୋକୋମୋଟିଭ୍) କାର୍ଯ୍ୟ ସମର୍ପିତ ହୋଇଛି । ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ଶ୍ରୀ ବିଶ୍ୱରଞ୍ଜନ ପଲାଇ ଆନୁଷ୍ଠାନିକ ଭାବେ ଏହି ରେଳ ଇଞ୍ଜିନଗୁଡ଼ିକୁ ଉଦ୍ଘାଟନ କରିଥିଲେ। ଏହି ଉତ୍ସବରେ ସିଜିଏମ୍ ଇନ୍‌ଚାର୍ଜ (ସେବା) ଶ୍ରୀ ଅତିଶ ଚନ୍ଦ୍ର ସରକାର, ସିଜିଏମ୍ (ରକ୍ଷଣାବେକ୍ଷଣ) ଶ୍ରୀ ଏସ୍.ଏସ୍. ରାୟ ଚୌଧୁରୀ, ସିଜିଏମ୍ (ବୈଦ୍ୟୁତିକ) ଶ୍ରୀ ଦୀପକ ରାୟ, ସିଜିଏମ୍ (ଟ୍ରାଫିକ୍ ଓ କଞ୍ଚାମାଲ) ଶ୍ରୀ କୌଶିକ ସୁନ୍ୟାନୀ ଏବଂ ଟି ଆଣ୍ଡ ଆରଏମ୍ ବିଭାଗର ଅନେକ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଦୁଇଟି ରେଳ ଇଞ୍ଜିନ ମଧ୍ୟରୁ ଆରଏସ୍‌ପି କଲ୍ ନମ୍ବର ୧୪୨୮କୁ ଭାରତୀୟ ରେଳବାଇର ତ୍ରିଚି ସ୍ଥିତ ଗୋଲଡ୍ରେନ ରକ୍ ୱାର୍କସପଠାରେ ଏହାର ପ୍ରଥମ ପିରିଓଡିକ୍ ଓଭରହଲିଂ - ପିଓଏଚ୍ କରାଯିବା ପରେ ପୁନଃ କାର୍ଯ୍ୟକ୍ଷମ କରାଯାଇଛି। ପ୍ରାରମ୍ଭିକ ଭାବେ ୨୦୦୯ ମସିହାରେ ଆରଏସ୍‌ପି ରେ ସାମିଲ ହୋଇଥିବା ଏହି ଇଞ୍ଜିନକୁ ୨୩ ଅକ୍ଟୋବର ୨୦୨୫ ରେ ପିଓଏଚ୍ ପାଇଁ ପଠାଯାଇଥିଲା ଏବଂ ଏହା ୨୮ ଏପ୍ରିଲ ୨୦୨୬ ରେ ଫେରିଥିଲା। ଏହି ପିଓଏଚ୍‌ର ଆନୁମାନିକ ଖର୍ଚ୍ଚ ପ୍ରାୟ ୪.୪୦ କୋଟି ଟଙ୍କା। ଗୋଲଡ୍ରେନ ରକ୍‌ର ଏହି ବ୍ୟାପକ ପିଓଏଚ୍ ପ୍ରକ୍ରିୟା, ସାଧାରଣତଃ ଏହି ଶ୍ରେଣୀର ରେଳ ଇଞ୍ଜିନଗୁଡ଼ିକ ପାଇଁ ପ୍ରତି ୮-୯ ବର୍ଷରେ ଥରେ କରାଯାଇଥାଏ; ଯେଉଁଥିରେ ସମ୍ପୂର୍ଣ୍ଣ ଯନ୍ତ୍ରାଂଶ ଖୋଲାଯିବା, ଇଞ୍ଜିନ ବ୍ଲକ୍ ସର୍ଭିସିଂ, ସିଲିଣ୍ଡର ହେଡ୍ ଏବଂ କ୍ରାଙ୍କସାଫ୍ଟ ମରାମତି ବା ପରିବର୍ତ୍ତନ, କମ୍ପ୍ରେସର, ଅଲଟରନେଟର ଏବଂ ରେକ୍ଟିଫାୟାରର ଓଭରହଲିଂ, ଅଣ୍ଡରକ୍ୟାରେଜ୍ ଏବଂ ଟ୍ରାକ୍ସନ ମୋଟର ମରାମତି, ଆବଶ୍ୟକତା ଅନୁଯାୟୀ ଚକ ବଦଳାଇବା ବା ସେଥିରେ ସୁଧାର ଆଣିବା, ଲୋଡ୍ ଟେଷ୍ଟିଂ ଏବଂ ସମ୍ପୂର୍ଣ୍ଣ ବଡିର ପୁନଃ ରଙ୍ଗକାର୍ଯ୍ୟ ଅନ୍ତର୍ଭୁକ୍ତ। ହାରାହାରି ଭାବେ, ପ୍ରତିବର୍ଷ ଆରଏସ୍‌ପିର ତିନୋଟି ରେଳ ଇଞ୍ଜିନ ପିଓଏଚ୍ ପାଇଁ ଗୋଲଡ୍ରେନ ରକ୍‌କୁ ପଠାଯାଏ। ଏହି ପିଓଏଚ୍ ପ୍ରକ୍ରିୟା ରେଳ ଇଞ୍ଜିନକୁ ପ୍ରାୟ ଏକ ନୂଆ ଅବସ୍ଥାକୁ ଫେରାଇ ଆଣିଥାଏ ଏବଂ ଏହା ଦ୍ୱାରା ଏହାର କାର୍ଯ୍ୟକାଳ ଆଉ ୮-୯ ବର୍ଷ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦ୍ୱିତୀୟ ରେଳ ଇଞ୍ଜିନ, ଆରଏସ୍‌ପି କଲ୍ ନମ୍ବର ୧୪୩୧ , ଭାରତୀୟ ରେଳବାଇର ବନାରସ ଲୋକୋମୋଟିଭ୍ ୱାର୍କସରୁ ୧୦.୬୩ କୋଟି ଟଙ୍କା ବ୍ୟୟରେ ଅଣାଯାଇଥିବା ଏକ ସମ୍ପୂର୍ଣ୍ଣ ନୂତନ ଇଞ୍ଜିନ ଅଟେ। ଆରଏସ୍‌ପିର ରେଳ ଇଞ୍ଜିନ ସମଷ୍ଟି ରେ ଏହି ଦୁଇଟି ଇଞ୍ଜିନ ସାମିଲ ହେବା ଦ୍ୱାରା, କାରଖାନାର ଭିତରେ ଏବଂ ବାହାରେ ପରିବହନ ବାଧାମୁକ୍ତ ଓ ସୁଗମ ହେବ। କାର୍ଯ୍ୟ ପରିଚାଳନା ପାଇଁ ରେଳ ଇଞ୍ଜିନଗୁଡ଼ିକର ବିଶ୍ୱସନୀୟତା ଏବଂ ଉପଲବ୍ଧତା ଯଥେଷ୍ଟ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ମାକ୍ରୋୱେଭ ଟେକ୍ନୋଲୋଜି ତରଫରୁ ଗୁରୁ ବାଦଲ ସିକଦାର୍‌ଙ୍କ 'ଅଭିନନ୍ଦନିକା' ପୁସ୍ତକ ଉନ୍ମୋଚନ



ଭଦ୍ରକ, ୨/୦୬ (ନି.ପ୍ର): ଭଦ୍ରକର ଅଗ୍ରଣୀ କମ୍ପ୍ୟୁଟର ଶିକ୍ଷା ସଂସ୍ଥା 'ମାକ୍ରୋୱେଭ ଟେକ୍ନୋଲୋଜି' ପକ୍ଷରୁ ଆୟୋଜିତ 'ପୂଜ୍ୟ ପୂଜା ଆସର' ତଥା 'ଅଭିନନ୍ଦନିକା' ଲୋକାର୍ପଣ ଉତ୍ସବରେ 'ମୋଗଲ ତାମସା'କୁ ଭଦ୍ରକରୁ ଆର୍ନ୍ତଜାତୀୟ ସ୍ତରରେ ପହଞ୍ଚାଇଥିବା ଗୁରୁ ବାଦଲ ସିକଦାର୍ ଙ୍କୁ ଉଚ୍ଛ୍ୱାସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଘନ ଅନ୍ଧକାରର ଅତଳ ଗହ୍ୱରରୁ ନିଜକୁ ନାଟକୀୟ ଭଙ୍ଗୀରେ ଉଜ୍ଜୀବିତ କରି 'ମୋଗଲ ତାମସା' ଭଳି ଲୋକନାଟ୍ୟକୁ ଆନ୍ତର୍ଜାତୀୟ ସ୍ତରରେ ସ୍ଥାନ ଦେଇଛନ୍ତି ଗୁରୁ ବାଦଲ ସିକଦାର୍ । ଅନେକ ବାଧାବିଘ୍ନ ଓ ସଂଘର୍ଷକୁ ଅତିକ୍ରମ କରି ସେ ନିଜ ପ୍ରତିଭା ବଳରେ ସଫଳତାର ଶିଖରକୁ ପହଞ୍ଚିପାରିଛନ୍ତି। ତାଙ୍କ ଜୀବନ ଆଜି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ପ୍ରେରଣା ସାଜିଛି। ବୟସର ସାୟାହ୍ନରେ ପହଞ୍ଚି ମଧ୍ୟ ନାଟକ,କଳା - ସାହିତ୍ୟକୁ ନିଜ ଜୀବନ ଭାବି ଆଜିବି ଚଳଚଞ୍ଚଳ ହୋଇଉଠିଛନ୍ତି ଶ୍ରୀଯୁକ୍ତ ସିକଦାର। ଏହି ମହାନ୍ ପ୍ରତିଭାଙ୍କ ନାଟ୍ୟ ଶୈଳୀ ଓ ସାହିତ୍ୟିକ ଭଙ୍ଗୀ ଆଜିର ସମାଜକୁ ଏକ ନୂତନ ଦିଗ ଉନ୍ମୋଚନ କରିବାରେ ସହାୟକ ହୋଇଛି। ଆଧୁନିକ ଭାରତୀୟ ନାଟ୍ୟଧାରାର ପୁରୋଧା ଭାବେ ଶ୍ରୀଯୁକ୍ତ ସିକଦାର୍ ନିଜର ଅଭିନବ ନାଟ୍ୟଚିନ୍ତା ଓ ସମାଜମୁଖୀ ଦୃଷ୍ଟିଭଙ୍ଗୀରେ ସ୍ମରଣୀୟ ହୋଇ ରହିଛନ୍ତି। ଏହିଭଳି ଜଣେ ମହାନ୍ ବ୍ୟକ୍ତିତ୍ୱଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ମନୋଜ ପଟ୍ଟନାୟକ, ବିଶିଷ୍ଟ ସାହିତ୍ୟିକ ବ୍ରଜମୋହନ ମିଶ୍ର, ବିଶିଷ୍ଟ ସାହିତ୍ୟିକ ଡ. ଶଶଧର ଦାସ, ନାଟ୍ୟକାର ତଥା ନିର୍ଦ୍ଦେଶକ ଡ.ଦୀନବନ୍ଧୁ ଦାସ, ବିଶିଷ୍ଟ ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ଚର୍ଚ୍ଚିତ ନାଟ୍ୟକାର ଡ.ସୁଧାଂଶୁ ନାୟକ, ରୋଟରୀୟାନ ତଥା ସାମ୍ବାଦିକ ଅତୀଶ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟକାର ଅଟଳ ବିହାରୀ ନାୟକ, କବି ବିଜୟ ବହଳି, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ଶ୍ରୀଧର ସାହୁ ପ୍ରମୁଖ ନାଟକ, ନାଟ୍ୟସାହିତ୍ୟ ଓ କଳା ଉପରେ ବିଶେଷ ଚର୍ଚ୍ଚା କରିବା ସହ ଉତ୍ତର ଓଡ଼ିଶାରେ ପ୍ରଥମ ଉପେନ୍ଦ୍ର ଭଞ୍ଜ ସମ୍ମାନ ଲାଭ କରିଥିବା ଶ୍ରୀଯୁକ୍ତ ସିକଦାର୍ ଙ୍କ ନାଟ୍ୟପ୍ରଜ୍ଞା, ଜୀବନ ସଂଘର୍ଷ, ଉଜ୍ଜ୍ୱଳ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ନାଟ୍ୟସାହିତ୍ୟ ପ୍ରେମୀ ଶତାଧିକ ଶ୍ରଦ୍ଧାଳୁଙ୍କ ଗହଣରେ ତଥା 'ମାକ୍ରୋୱେଭ ଟେକ୍ନୋଲୋଜି' ସଂସ୍ଥା ଦ୍ୱାରା ଭବ୍ୟ ଆୟୋଜିତ ଏହି ଆସର ମଧ୍ୟରେ ଶ୍ରୀଯୁକ୍ତ ସିକଦାର୍ ଙ୍କ ଜୀବନୀ ଉପରେ ଆଧାରିତ ତଥା ବହୁ ବାଦଲ - ପ୍ରେମୀଙ୍କ ହସ୍ତଲେଖାରେ ସମ୍ପନ୍ନ ପୁସ୍ତିକା ' ଅଭିନନ୍ଦନିକା' ଲୋକାର୍ପିତ ହୋଇଥିଲା। ଉତ୍ସବର ମୁଖ୍ୟ ପରିଚାଳନା କମ୍ପ୍ୟୁଟର ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ମନୋଜ କୁମାର ରାୟ ଓ ସଂସ୍ଥାର ସମସ୍ତ ପ୍ରତିନିଧିଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବାବେଳେ ସଭାରେ ସ୍ୱାଗତ ଭାଷଣ ସାହିତ୍ୟିକ ଗିରୀଶ ବିହାରୀ ମିଶ୍ର ଦେଇଥିବାବେଳେ ଶ୍ରୀଯୁକ୍ତ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ମନୋଜ କୁମାର ପଣ୍ଡା, ଶ୍ରୀଯୁକ୍ତ ଜଗନ୍ନାଥ କର ପ୍ରମୁଖ ସଭା ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ମହାସମାଧନ ଜନଶୁଣାଣି ଶିବିର ଅନୁଷ୍ଠିତ : ୯୭ଟି ଅଭିଯୋଗର ଶୁଣାଣି

ଝାରସୁଗୁଡ଼ା, ୨/୦୬ (ନି.ପ୍ର): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥିତ ଡି.ଏମ.ଏଫ. ଅଡିଟୋରିୟମଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ମହାସମାଧନ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

ସାଧାରଣ ଜନତାଙ୍କ ସମସ୍ୟାର ସରଳ ଓ ସୂଚାରୁ ସମାଧାନ ପାଇଁ ଆୟୋଜିତ ଏହି ଶିବିରରେ ମୋଟ ୯୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୫୯ଟି ବ୍ୟକ୍ତିଗତ ସମସ୍ୟା ଭିତିକ ହୋଇଥିବା ବେଳେ ୩୮ଟି ସାମୂହିକ ଅଭିଯୋଗ ରହିଥିଲା। ଉକ୍ତ ଶିବିରରେ ପ୍ରତ୍ୟେକଟି ଆବେଦନକୁ ଗୁରୁତ୍ୱର ସହ ବିଚାର କରାଯାଇ କେତେକ ଜଟିଳ ସମସ୍ୟାର ତତ୍କାଳ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ସମାଧାନ ଶିବିରରେ ସାଧାରଣ ପ୍ରଶାସନର ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇଙ୍କ ସମେତ ରାଜସ୍ୱ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସହକାରୀ ଜିଲ୍ଲାପାଳ (ଅଭିଯୋଗ ପ୍ରକୋଷ୍ଠ) ଏବଂ ବିଭିନ୍ନ ସରକାରୀ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟାର ପ୍ରତ୍ୟକ୍ଷ ଶୁଣାଣି କରିଥିଲେ।

ଶିବିରରେ ମୁଖ୍ୟତଃ ସ୍ଥାନୀୟ ଅଂଚଳର ଜଳ ନିଷ୍କାସନ ସମସ୍ୟା, ନୂତନ ରାସ୍ତା ନିର୍ମାଣ ଏବଂ ବେଆଇନ ଭାବେ ରାସ୍ତା ଜବରଦଖଲ ଉଚ୍ଛେଦ ସମ୍ପର୍କିତ ବହୁ ଅଭିଯୋଗ ଆସିଥିଲା। ଏହା ସହିତ ବିଭିନ୍ନ ସ୍ଥାନରେ ଜମି ବିବାଦ ମାମଲା, ଜମି ଚିହ୍ନଟୀକରଣ ବା ସୀମା ନିର୍ଦ୍ଧାରଣ, ପାନୀୟ ଜଳ ଯୋଗାଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ହିତାଧିକାରୀମାନେ ଆବେଦନ କରିଥିଲେ। ଏହା ବ୍ୟତୀତ ପରିବେଶ ସୁରକ୍ଷାକୁ ନେଇ ବେଆଇନ ଗଛ କଟାଯିବା ବିରୋଧରେ ମଧ୍ୟ ଅଭିଯୋଗ ହୋଇଥିଲା। ଏହି ସମସ୍ତ ସମସ୍ୟାର ସମୟସୀମା ମଧ୍ୟରେ ସମାଧାନ କରି ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳତା

ନୂଆପଡ଼ା, ୨/୦୬ (ନି.ପ୍ର): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, କଳାହାଣ୍ଡିର ଚଳିତ ବର୍ଷର ସ୍ନାତକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ଦଣ୍ଡସେନା ନୃତତ୍ୱ ବିଭାଗ ଓ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସମଗ୍ର କଳା ବିଭାଗ ସ୍ନାତକରେ ବିଶ୍ୱବିଦ୍ୟାଳୟରେ ଟପ୍ପର ହୋଇ ନିଜ ପରିବାର, ମହାବିଦ୍ୟାଳୟ ଏବଂ ଜିଲା ପାଇଁ ଗୌରବ ଆଣିଛନ୍ତି କ୍ଷ ତାଙ୍କ ସିଜିପିଏ ୯. ୧୧ ପ୍ରତିଶତ ରହିଛି । ସେ ନୂଆପଡ଼ା ବ୍ଲକ ତଥା ଜିଲ୍ଲାର କେର୍ମେଲି ଗ୍ରାମର ବିଭୂତି ଭୂଷଣ ଦଣ୍ଡସେନା ଓ ଜୟମତୀ ଦଣ୍ଡସେନାଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି । ବିଭାଗ ମୁଖ୍ୟ ଡ଼. ଶିବ କୁମାର, ଡ଼. ଶିବ ବାବୁ ଏବଂ ଆଶିଷ ଭୋଇଙ୍କ ମାର୍ଗଦର୍ଶନରେ ସେ ଏହି ଅସାଧାରଣ ସଫଳତା ହାସଲ କରିଥିବା ପ୍ରକାଶ କରିଛନ୍ତି । ଏହା ସହିତ ଛାତ୍ର ଡିସେମ୍ବର ଶଗରିଆ, ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖି ବିଶ୍ୱ ବିଦ୍ୟାଳୟରେ ଟପ୍ପର ହୋଇଛନ୍ତି । ସେ ଖଡ଼ିଆଳ ନିକଟସ୍ଥ ଚନ୍ଦୁଟମାଲ ଗ୍ରାମର କୁମ୍ଭ ଶଗରିଆ ଓ ରୂପକାନ୍ତି ଶଗରିଆଙ୍କ ପୁତ୍ର ଅଟନ୍ତି । ସେ ଏହି ସଫଳତା ପାଇଁ ବିଭାଗ ଅଧ୍ୟାପକ ଚୁମ୍ବନ କୁମାର ଦଣ୍ଡସେନା, ଚିଂଟୁ ଭୋଇ ତଥା ଭାରପ୍ରାପ୍ତ ବିଭାଗ ମୁଖ୍ୟ ଡ଼. ଲିଙ୍ଗରାଜ ସାହୁଙ୍କ ମାର୍ଗଦର୍ଶନର ଶ୍ରେୟ ଦେଇଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୨/୦୬ (ନି.ପ୍ର): ନୂଆପଡ଼ା ଜିଲ୍ଲା ସଦର ମହକୁମା ସ୍ଥିତ ସଭାବନା ସଭାଗୃହରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂଙ୍କ ଅଧକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ଦ୍ରୁତିତ ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ଲୋକାଭିମୁଖୀ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶିବିରରେ ମୋଟ ୮୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା। ଶିବିରରେ ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗୁରୁତ୍ୱ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗ ଗୁଡ଼ିକର ଫଇସଲା ସ୍ଥିତି ସମ୍ପର୍କରେ ମଧ୍ୟ ଜିଲ୍ଲାପାଳ ସମୀକ୍ଷା କରିଥିଲେ ଏବଂ ଅବଶିଷ୍ଟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଯୋଗ୍ୟ ହିତାଧିକାରୀଙ୍କୁ ଭତା ବଂଟନ କରାଯାଇଥିଲା। ସେହିପରି ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବୁଏରବାଡ଼ି ଗ୍ରାମ ପଂଚାୟତର ମିତ୍ରଭାନୁ ରାଉତ, ଟାନୱଟ ଗ୍ରାମ ପଂଚାୟତର ଅନ୍ତରାମ ଶବର ଏବଂ ଆମାନରା ଗ୍ରାମ ପଂଚାୟତର ଚେନ ସିଂ ବରିହଙ୍କୁ "ସ୍ୱଚ୍ଛତା ଦୂତ ସମ୍ମାନ" ପ୍ରଦାନ କରାଯାଇଥିଲା। ଶିବିର ଅବସରରେ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିବା ବେଳେ ଟାନୱଟ ଠାରେ ପଶୁ ସ୍ୱାସ୍ଥ୍ୟ ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଜନ ଶୁଣାଣୀ ଅବସରରେ ଜିଲ୍ଲାପାଳ ସମସ୍ତ ବିଡିଓମାନଙ୍କୁ ପେନସନ ବଣ୍ଟନର ସ୍ଥିତି ନିୟମିତ ସମୀକ୍ଷା କରି ଯୋଗ୍ୟ ହିତାଧିକାରୀ ମାନେ ଯେପରି ଠିକ୍ ସମୟରେ ସୁବିଧା ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ କହିଥିଲେ। ସେହିପରି ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନରେ ଅନଧିକୃତ ଧାନ ମହଜୁଦ ସମ୍ପର୍କରେ ଯାଂଚ୍ କରି ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଡ୍ରପଆଉଟ ସମସ୍ୟାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଆର୍ଥିକ କାରଣରୁ ପାଠପଢ଼ା ଛାଡ଼ିଥିବା ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ସର୍ଭେ କରିବା ସହ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମସଭା ମାଧ୍ୟମରେ ସଚେତନତା ଓ ସମାଧାନମୂଳକ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) ଏ. ମାଧବୀଲତା, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଆଜିଜ ଖାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ପଂଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟା ଉମା ଠାକୁର ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ଜିଲ୍ଲାପାଳ ଶେଖ ନସୀମ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ ବିଭାଗ ଅଧିକାରୀ, ବ୍ଲକସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ପାରମ୍ପରିକ କଳାରୁ ସ୍ଥାୟୀ ଜୀବିକା: ଶିଳ୍ପ-ଆଧାରିତ ଦକ୍ଷତା ବିକାଶ ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରୁଛି ସେଲ୍, ରାଉରକେଲା ଇସ୍ପାତ କାରଖାନା



ରାଉରକେଲା, ୨/୦୬ (ନି.ପ୍ର): ସାଂସ୍କୃତିକ ସଂରକ୍ଷଣ ସହିତ ଅର୍ଥନୈତିକ ସଶକ୍ତୀକରଣକୁ ସମ୍ମିଳିତ କରି, ସେଲ୍, ରାଉରକେଲା ଇସ୍ପାତ କାରଖାନା, ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଅନେକ ଶିଳ୍ପ-ଆଧାରିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ହାତକୁ ନେଇଥିଲା। ଏହାର ସିଏସଆର କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ମହିଳାମାନଙ୍କୁ ପାରମ୍ପରିକ କଳା ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ପ୍ରଶିକ୍ଷିତ କରାଯାଇଥିଲା, ଯାହା ସେମାନଙ୍କୁ ନିଜର ପୁରାତନ ଦକ୍ଷତାକୁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗରେ ରୂପାନ୍ତରିତ କରିବାରେ ସାହାଯ୍ୟ କରୁଛି। ଏହିପରି ଏକ ପ୍ରୟାସ ସ୍ୱରୂପ, ଲିନ୍ଦ୍ରା, ବିଶ୍ରା, ଝିରପାଣି ଆର.ଏସ୍. କଲୋନୀ ଏବଂ ଜଳଦା ଆର.ଏସ୍. କଲୋନୀର ମହିଳାମାନଙ୍କ ପାଇଁ ଏକ ୩୦ ଦିନିଆ ବାଉଁଶ ଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମେସର୍ସ ଏନରିଚ୍ ଏବଂ ନିର୍ମାଣ, ରାଞ୍ଚିର ସହଯୋଗରେ ଆରଏସପିର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ପ୍ରଶିକ୍ଷଣ ଅଂଶଗ୍ରହଣକାରୀମାନଙ୍କୁ ବାଉଁଶ ଶିଳ୍ପର ବ୍ୟାବହାରିକ ଜ୍ଞାନ ପ୍ରଦାନ କରିଥିଲା, ଯେଉଁଥିରେ ମାପ କୌଶଳ, ମୁକ୍ତ-ହସ୍ତ ଚିତ୍ରାଙ୍କନ, ବାଉଁଶର ପ୍ରକ୍ରିୟାକରଣ ଓ ସଂରକ୍ଷଣ ଏବଂ ବିଭିନ୍ନ ଡିଜାଇନ୍‌ର ଟୋକେଇ ଓ ଡବା ବୁଣିବା ସାମିଲ ଥିଲା। ତତ୍କାଳ ଆର୍ଥିକ ଲାଭ ସୁନିଶ୍ଚିତ କରିବା ପାଇଁ, ପ୍ରତ୍ୟେକ ପ୍ରଶିକ୍ଷିତ କାରିଗରଙ୍କୁ ୫୦ଟି ବାଉଁଶ ଟୋକେଇ ତିଆରିର ଏକ କାର୍ଯ୍ୟାଦେଶ (ୱର୍କ ଅର୍ଡର) ମଧ୍ୟ ପ୍ରଦାନ କରାଯାଇଥିଲା, ଯାହାକୁ ପରେ ଏକ ସହଯୋଗୀ ସଂସ୍ଥା ମାଧ୍ୟମରେ ବଜାରରେ ବିକ୍ରି କରାଯାଇଥିଲା; ଯାହାଦ୍ୱାରା ପ୍ରଶିକ୍ଷଣ ସମାପ୍ତ ହେବା ପରେ ଆୟର ଏକ ପ୍ରସ୍ତୁତ ମାଧ୍ୟମ ଉପଲବ୍ଧ ହୋଇପାରିଥିଲା।

ଓଡ଼ିଶାର ସମୃଦ୍ଧ କଳାକୃତି ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ନିଜର ପ୍ରୟାସ ଜାରି ରଖି ଆରଏସପି ୧ ନଭେମ୍ବର ୨୦୨୫ରେ ସୁଇଡିହି ଗ୍ରାମରେ ଏକ ପଟ୍ଟଚିତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଥିଲା। ପ୍ରାୟ ୧୨.୫୮ ଲକ୍ଷ ଟଙ୍କାର ପ୍ରକଳ୍ପ ବ୍ୟୟ ଅଟକଳରେ ପରିଚାଳିତ ଏହି କାର୍ଯ୍ୟକ୍ରମ ଦ୍ୱାରା ବର୍ତ୍ତମାନ ୧୨ ଜଣ ମହିଳା ଉପକୃତ ହେଉଛନ୍ତି। ଦକ୍ଷ କାରିଗରମାନଙ୍କ ଦ୍ୱାରା ସୁସଂଗଠିତ ପ୍ରଶିକ୍ଷଣ ମାଧ୍ୟମରେ, ହିତାଧିକାରୀମାନେ ଏହି ପ୍ରସିଦ୍ଧ ପାରମ୍ପରିକ କଳାର ଜଟିଳ କୌଶଳ ଶିଖୁଛନ୍ତି, ଯାହା ସେମାନଙ୍କୁ ଶତାବ୍ଦୀ ପୁରୁଣା ସାଂସ୍କୃତିକ ସ୍ମାରକୀକୁ ସଂରକ୍ଷିତ ରଖିବା ସହିତ ବଜାର ଗ୍ରହଣୀୟ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ କରୁଛି। ସୃଜନଶୀଳ କଳା ମାଧ୍ୟମରେ ମହିଳା ସଶକ୍ତୀକରଣକୁ ଆଉ ଏକ ନୂତନ ଦିଗ ଦେଇ, ଆରଏସପି 'ଲିଡ୍ସ', ରାଞ୍ଚିର ସହଯୋଗରେ ଏକ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଛି। ଏହି କାର୍ଯ୍ୟକ୍ରମ ଦ୍ୱାରା ନୂଆଗାଁ ଗ୍ରାମର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରର ୨୦ ଜଣ ସୁବିଧାବଞ୍ଚିତ ମହିଳା ଉପକୃତ ହେଉଛନ୍ତି। ଅଂଶଗ୍ରହଣକାରୀମାନେ କନ୍ଥା ସିଲେଇ ଏବଂ କପଡ଼ା ଚିତ୍ରକଳାର ବ୍ୟାବହାରିକ ପ୍ରଶିକ୍ଷଣ ପାଉଛନ୍ତି, ଯାହା ସେମାନଙ୍କୁ ଚିତ୍ରିତ ପୋଷାକ, ଗୃହ ସଜ୍ଜା ସାମଗ୍ରୀ ଏବଂ ଫ୍ୟାଶନ ଆସେସରିଜ୍ ଭଳି ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତ କରିବାକୁ ସକ୍ଷମ କରୁଛି। ଏଥିରେ ପ୍ରଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡ଼ିକୁ ତୃତୀୟ ମାସରୁ ହିଁ ବିକ୍ରୟ କେନ୍ଦ୍ର ଗୁଡ଼ିକ ସହ ଯୋଡ଼ା ଯାଉଛି, ଯାହା ଆୟ ରୋଜଗାର ପାଇଁ ଏକ ସିଧାସଳଖ ମାର୍ଗ ସୁନିଶ୍ଚିତ କରୁଛି। ସେଲ୍, ରାଉରକେଲା ଇସ୍ପାତ କାରଖାନା ପାରମ୍ପରିକ ଶିଳ୍ପର ବିକାଶ କରି ଏବଂ ସେଗୁଡ଼ିକୁ ଆଧୁନିକ ବଜାରର ସୁଯୋଗ ସହିତ ଯୋଡ଼ି ସାଂସ୍କୃତିକ ସଂରକ୍ଷଣ, ମହିଳା ସଶକ୍ତୀକରଣ ଏବଂ ସ୍ଥାୟୀ ଜୀବିକା ସୃଷ୍ଟିର ଏକ ସଫଳ ସମନ୍ୱୟ ରକ୍ଷା କରିବାକୁ ପ୍ରୟାସ କରୁଛି।

## ଶେରଗଡରେ ଠିକାଦାର ସଂଘର ବୈଠକ

ଗଂଜାମ, ୨/୦୬ (ନି.ପ୍ର): ଶେରଗଡ ବ୍ଲକ ଠିକାଦାର ସଂଘ ପକ୍ଷରୁ ସ୍ଥାନୀୟ ଦକ୍ଷିଣ କାଳୀ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମସ୍ତେ ସରକାରଙ୍କ ନିର୍ଦ୍ଧାରିତ ଦରରେ ଟେଣ୍ଡର ପକାଇବା ଓ ଉନ୍ନତମାନର କାମ କରିବାକୁ ଆଲୋଚନା କରିଥିଲେ । ଗତ ପାଂଚ ବର୍ଷ ମଧ୍ୟରେ ଏହି ଅଂଚଳରେ ଯନ୍ତ୍ରୀ ଓ ଠିକାଦାରଙ୍କ ସହମତିରେ ନିମ୍ନମାନର ରାସ୍ତା ଘାଟ ନିର୍ମାଣ ହୋଇଥିବା ଜଣାପଡିଛି ।

# ଏଲ୍.ପି.ଜିର ବିକଳ୍ପ ବାୟୋଗ୍ୟାସ୍



## ଡାକ୍ତର ରାଜକିଶୋର ପଣ୍ଡା

ପୃଥିବୀର ବିଭିନ୍ନ ସ୍ଥାନରେ ଚାଲିଥିବା ଅଶାନ୍ତ ଭୂରାଜନୈତିକ ପରିସ୍ଥିତିର ପ୍ରଭାବ, ବର୍ତ୍ତମାନ ଶକ୍ତି ବଜାର ଉପରେ ପଡ଼ିଛି। ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ କିଛିକାଳ ଇରାନ ଅବରୋଧ କରି ରଖିଲା ପରେ ଏବେ ଆମେରିକା ମଧ୍ୟ ଏହି କାର୍ଯ୍ୟ କରୁଛି। ଖବର ମିଳିଛି ଯେ ଦୁଇପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ବିଫଳ ହୋଇଛି। ତେଣୁ ଏଲ୍.ପି.ଜି, ଅଶୋଧିତ ତୈଳ ଓ ତଦ୍‌ଜନିତ ସାମଗ୍ରୀର ପରିବହନରେ ବିଷମ ସମସ୍ୟା ଉପୁଜିଛି। ଆଗକୁ ମଧ୍ୟ ପରିସ୍ଥିତି ଅନିଶ୍ଚିତ। ଏଲ୍.ପି.ଜିର ସଙ୍କଟକୁ ନେଇ ସୃଷ୍ଟି ହୋଇଥିବା ଆଶଙ୍କା, ବର୍ତ୍ତମାନ ଗୋଟିଏ ପ୍ରଶ୍ନକୁ ଦେଶ ସମ୍ମୁଖରେ ଉତ୍‌ଥାପନ କରିଛି। ପ୍ରଶ୍ନଟି ହେଉଛି କି କ'ଣ ଭାରତ ଆଜିର ସମୟରେ, ନିଜର ଆବଶ୍ୟକ ହେଉଥିବା ଇନ୍ଧନର ଗୋଟିଏ ବୈକଳ୍ପିକ ସ୍ରୋତକୁ ମଜ୍‌ବୁତ କରିବା ଦରକାର କି? ପ୍ରକୃତରେ ଦେଖିଲେ ଭାରତ ପାଖରେ ଏଭଳି ଏକ ସମ୍ବଳ ଅଛି ଯାହାର ମୂଲ୍ୟ ଏପର୍ଯ୍ୟନ୍ତ ବହୁତ କମ୍‌ଲୋକ ବୁଝିଛନ୍ତି ଓ ଯାହାକୁ ସାଧାରଣତଃ ଅଳିଆ ବା ବର୍ଜ୍ୟ ଭାବି ପରିତ୍ୟାଗ କରି ଦିଆଯାଇଥାଏ। ଫୋପାଡ଼ି ଦିଆ ଯାଉଥିବା ଏହି ପଦାର୍ଥଟିକୁ ଭବିଷ୍ୟତରେ ଗ୍ୟାସ ଉତ୍ପାଦନର ଏକ ପ୍ରମୁଖ ସ୍ରୋତ ଭାବରେ ବ୍ୟବହାର କରାଯାଇ ପାରିବ। ଏହି ପଦାର୍ଥଟି ହେଉଛି ଜୈବିକ ଆବର୍ଜନା ବା ବର୍ଜ୍ୟ ଓ ଏଥିରୁ ଉତ୍ପନ୍ନ ହେଉଥିବା ଗ୍ୟାସ୍ ର ନାମ ହେଉଛି "ବାୟୋଗ୍ୟାସ୍ ବା ଜୈବ ଇନ୍ଧନ"। ତେବେ ଆଗକୁ ଯିବା ପୂର୍ବରୁ ଏହି "ବାୟୋଗ୍ୟାସ୍" କହିଲେ କ'ଣ ବୁଝାଏ, ତାହା ଉପରେ ଆଲୋକପାତ କରିବା। ବାୟୋଗ୍ୟାସ୍ ମୁଖ୍ୟତଃ ହାଇଡ୍ରୋକାର୍ବନ୍ ଗ୍ୟାସ୍ ଗୁଡ଼ିକର ମିଶ୍ରଣକୁ ବୁଝାଇଥାଏ, ଯେଉଁ ଗୁଡ଼ିକ କି ଦହନଶୀଳ ଓ ଦହନ ହେଲେ, ସେଥିରୁ ଶକ୍ତି ଓ ତାପ ନିର୍ଗତ ହୋଇଥାଏ। ବାୟୋଗ୍ୟାସ୍ ଗୋଟିଏ ଜୈବରସାୟନ ପ୍ରକ୍ରିୟା ଦ୍ୱାରା ସୃଷ୍ଟି ହୋଇଥାଏ। ଯେଉଁଥିରେ ବ୍ୟାକ୍ଟେରିଆମାନେ ଜୈବିକ ବର୍ଜ୍ୟକୁ ବିଘଟନ କରି ଗ୍ୟାସ ଉତ୍ପନ୍ନ କରିଥାନ୍ତି। ଯେହେତୁ ଏହା ଗୋଟିଏ ଜୈବିକ ପ୍ରକ୍ରିୟା ଦ୍ୱାରା ଉତ୍ପନ ହେଉଛି ସେଥିପାଇଁ ଏହାକୁ ବାୟୋଗ୍ୟାସ୍ କୁହାଯାଉଛି। ଏହାର ମୁଖ୍ୟ ଉପାଦାନ ହେଉଛି ମିଥେନ। ଗୋଟିଏ ଉତ୍କୃଷ୍ଟ ଉଦାହରଣ ବାୟୋଗ୍ୟାସ୍‌ର ହେଉଛି "ଗୋବର ଗ୍ୟାସ୍ ପ୍ଲାଣ୍ଟ"। ଭାରତରେ ପ୍ରତିବର୍ଷ ପାଖାପାଖି ୬୨ ମିଲିଅନ୍ ଟନ୍ କଠିନ ବର୍ଜ୍ୟବସ୍ତୁ ନିର୍ଗତ ହେଉଅଛି, ଯେଉଁଥିରୁ ପାଖାପାଖି ଅଧା ହେଉଛି ଜୈବିକ। କୃଷିକ୍ଷେତ୍ରରୁ ବାହାରୁଥିବା ଫସଲର ଅବଶେଷ, ପଶୁଙ୍କ ମଳ(ଗୋବର ଆଦି), ସହରାଞ୍ଚଳର ଡ୍ରେନେଜ୍ ଜନିତ ବର୍ଜ୍ୟ ଓ ବିଭିନ୍ନ ଖାଦ୍ୟ ଜନିତ ବର୍ଜ୍ୟ ହେଉଛି ଜୈବିକ ବର୍ଜ୍ୟର ଅନ୍ତର୍ଭୁକ୍ତ। ଏହି ସବୁର ପ୍ରୟୋଗ ବାୟୋଗ୍ୟାସ୍ ଓ କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ କରାଯାଇପାରିବ। ବାୟୋଗ୍ୟାସ୍, ଯେଉଁଥିରେ ୯୫ ପ୍ରତିଶତରୁ ଅଧିକ ମିଥେନ ଥାଏ ଓ ଏହା ଉପରେ ୨୫୦ ବାର୍ ଚାପର ପ୍ରୟୋଗ କରାଯାଇଥାଏ, ତାହାକୁ କମ୍ପ୍ରେସଡ୍ ବାୟୋଗ୍ୟାସ୍ ବୋଲି କୁହାଯାଇଥାଏ। ସି.ଏନ୍.ଜି. ପରି ଏହାକୁ ଯାନବାହାନରେ ଇନ୍ଧନ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା ଛଡ଼ା ବାୟୋଗ୍ୟାସ୍‌କୁ ଆମେ ଖାଦ୍ୟ ପ୍ରସ୍ତୁତି, ବିଦ୍ୟୁତ୍ ଉତ୍ପାଦନରେ ମଧ୍ୟ ବ୍ୟବହାର କରିପାରିବା। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର "ସଷ୍ଟେନେବୁଲ୍ ଅଲ୍‌ଟରନେଟିଭ୍ ଟୁଓ୍ୱାର୍ଡସ୍ ଆଫୋର୍ଡେବଲ୍ ଟ୍ରାନ୍ସ୍‌ପୋର୍ଟେସନ୍" (ଏସ୍.ଏ.ଟି.ଏ.ଟି) ନାମରେ ଏକ ଯୋଜନା ୨୦୧୮ ମସିହାରେ ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ହେଉଛି, ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍‌ର ଉତ୍ପାଦନ ସକାଶେ ପ୍ଲାଣ୍ଟ ମାନ ସ୍ଥାପନ କରିବା ଓ ଗମନାଗମନ ତଥା ପରିବହନରେ ପେଟ୍ରୋଲ, ଡିଜେଲର ବ୍ୟବହାରକୁ କମ୍ କରି ସେଥିରେ ବାୟୋଗ୍ୟାସ୍‌ର ବ୍ୟବହାରକୁ ପ୍ରୋତ୍ସାହିତ କରିବା। ୨୦୨୫ ସୁଦ୍ଧା ଉପରୋକ୍ତ ଯୋଜନା ଅଧିନରେ ପାଖାପାଖି ଶହେଟି କମ୍ପ୍ରେସ୍‌ଡ ବାୟୋଗ୍ୟାସ ପ୍ଲାଣ୍ଟ କାର୍ଯ୍ୟ କରୁଛି ଓ ଆହୁରୀ ଅନେକ ଗୁଡ଼ିଏ ପ୍ଲାଣ୍ଟ ଇତି ମଧ୍ୟରେ ନିର୍ମାଣାଧୀନ ଅଛନ୍ତି। ଏହି ବ୍ୟବସ୍ଥାଟିକୁ ବିସ୍ତାର ରୂପ ଦେଲେ, କେବଳ ରୋଷେଇ କାର୍ଯ୍ୟ ନୁହେଁ ବରଂ କୃଷି, ନଗର ପରିଚାଳନା, ପରିବହନ ଓ ଔଦ୍ୟୋଗିକ ବ୍ୟବସ୍ଥାର ମଧ୍ୟ ସୁପରିଚାଳନା ହୋଇପାରନ୍ତା।

ଭାରତର ଗ୍ରାମାଞ୍ଚଳ ବିଶେଷତଃ କୃଷିକ୍ଷେତ୍ରକୁ ଦେଖିଲେ, ସେଠାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟନ୍ ଫସଲର ଅବଶେଷ ଓ ଗୋବର ଆଦି ବାହାରୁଛି। ସେହିପରି ସହରାଞ୍ଚଳରୁ ପ୍ରତିବର୍ଷ ହାରାହାରି ଛଅ କୋଟି ଟନ୍ ବର୍ଜ୍ୟବସ୍ତୁ ନିର୍ଗତ ହେଉଛି, ଯାହାର ଅଧାରୁ ଅଧିକ ହେଉଛି ଜୈବିକ। ଏହି ଜୈବିକ ବର୍ଜ୍ୟବସ୍ତୁକୁ ଅଦରକାରୀ ଭାବି ଫୋପାଡ଼ି ଦେବା ଫଳରେ ସେମାନେ କ୍ରମାଗତ ଭାବରେ ବିଭିନ୍ନ ସ୍ଥାନରେ ଜମା ରୁହନ୍ତି। ପରବର୍ତ୍ତୀ ସମୟରେ ସେଥିରୁ ମିଥେନ ନିର୍ଗତ ହୋଇ "ଗ୍ରୀନ୍ ହାଉସ୍" ପ୍ରଭାବକୁ ବୃଦ୍ଧି କରିବା ସହିତ ଜମା ଆବର୍ଜନା ଗୁଡ଼ିକ ଡେଙ୍ଗୁ ଓ ମ୍ୟାଲେରିଆର କାରଣ ମଧ୍ୟ ହୋଇଥାନ୍ତି। ତେଣୁ ସେଗୁଡ଼ିକରୁ ବାୟୋଗ୍ୟାସ୍ ର ଉତ୍ପାଦନ ପରିବେଶ ପାଇଁ ଅନୁକୂଳ ବୋଲି ଆମେ କହିପାରିବା। ଗ୍ରାମାଞ୍ଚଳରେ ଯଦି ସମବାୟ ଭିତ୍ତିରେ ପ୍ଲାଣ୍ଟ ସ୍ଥାପନ କରାଯାଏ, ତାହାହେଲେ ସେଠାକାର ବର୍ଜ୍ୟବସ୍ତୁରୁ ପ୍ରଚୁର ପରିମାଣରେ ବାୟୋଗ୍ୟାସ୍ ଉତ୍ପନ କରାଯାଇ ପାରିବ। ଗ୍ୟାସ୍ ବାହାରିଲା ପରେ ବାକି ଅଂଶକୁ ଖାଦ ରୂପରେ ଆମେ ପୁଣି କୃଷି କ୍ଷେତ୍ରରେ ବ୍ୟବହାର କରିପାରିବା। ଏହାଦ୍ୱାରା ଗୋଟିଏ ଚକ୍ର ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରିବ। ଚକ୍ରଟି ହେଉଛି ଏହିପରି, କୃଷିକ୍ଷେତ୍ରରୁ ଜୈବିକ ଆବର୍ଜନା, ପ୍ଲାଣ୍ଟକୁ ଯାଇ ସେଥିରୁ ବାୟୋଗ୍ୟାସ୍ ପ୍ରସ୍ତୁତ ହେବ ଓ ବାକି ଅଂଶ ଖାଦ ରୂପରେ ପୁଣି କୃଷି କାର୍ଯ୍ୟରେ ବ୍ୟବହୃତ ହେବ। ଏହା ନିରନ୍ତର ଭାବରେ ଚାଲୁ ରହିବ। ଗ୍ରାମାଞ୍ଚଳର ଲୋକମାନେ ମଧ୍ୟ ଏହାଦ୍ୱାରା ଆର୍ଥିକ ରୂପରେ ଲାଭବାନ ହୋଇପାରିବେ। ବର୍ତ୍ତମାନ ମହାରାଷ୍ଟ୍ର ଓ ପଞ୍ଜାବର କିଛି ସ୍ଥାନରେ କୃଷକ ନିଜର ଉତ୍ପାଦିତ ଫସଲର ଅବଶେଷ ଓ ଗୋବର ଆଦିକୁ ନେଇ ବାୟୋଗ୍ୟାସ୍ ପ୍ଲାଣ୍ଟକୁ ଯାଉଛନ୍ତି ଓ ବଦଳରେ ସେମାନଙ୍କୁ ପ୍ରାପ୍ୟ ମିଳୁଛି। ସହରମାନଙ୍କରେ ପୌରପାଳିକା ବା ନଗର ନିଗମ ଯଦି ହୋଟେଲ, ବଜାର ଓ ନାଗରିକ ଆବାସସ୍ଥଳୀ ମାନଙ୍କରୁ ବାହାରୁଥିବା ଜୈବିକ ବର୍ଜ୍ୟରୁ ବାୟୋଗ୍ୟାସ୍ ଉତ୍ପନ୍ନ କରନ୍ତେ, ତାହାହେଲେ ସହରାଞ୍ଚଳର ଆବର୍ଜନାର ପରିମାଣ କମିଯାନ୍ତା। ଏହା ସହିତ ସହର ଗୁଡ଼ିକ ପାଇଁ ଏକ ଇନ୍ଧନ ବ୍ୟବସ୍ଥା ମଧ୍ୟ କାର୍ଯ୍ୟକାରୀ ହୋଇ ପାରନ୍ତା। କଳକାରଖାନା ଏପରିକି ସୂତାକଳ, କାଗଜ କଳରୁ ପ୍ରଚୁର ପରିମାଣରେ ଜୈବିକ ବର୍ଜ୍ୟ ବାହାରି ପରିବେଶକୁ ପ୍ରଦୂଷିତ କରିଥାଏ। ଏ କ୍ଷେତ୍ରରେ ମଧ୍ୟ ବାୟୋଗ୍ୟାସ୍ ଉତ୍ପନ୍ନ କରାଯାଇ, ସଂପୃକ୍ତ କାରଖାନାଗୁଡ଼ିକରେ ଇନ୍ଧନ ଭାବରେ ବ୍ୟବହାର କରାଯାଇପାରିବ ଓ ଏଲ୍.ପି.ଜି ଉପରୁ ନିର୍ଭରଶୀଳତା କମାଯାଇ ପାରିବ। ପରିସଂଖ୍ୟାନ ତଥ୍ୟ ଉପରେ ଆମେ ବର୍ତ୍ତମାନ ନଜର ପକାଇବା। ଇଣ୍ଟର ନ୍ୟାସ୍‌ନାଲ ଏନର୍ଜି ଏଜେନ୍ସି ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଭାରତରେ ଜୈବିକ ଇନ୍ଧନ (ଉଭୟ ତରଳ ଓ ବାଷ୍ପୀକୃତ) ର ବ୍ୟବହାର ୨୦୩୦ ସୁଦ୍ଧା ପଚାଶ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଏହାଦ୍ୱାରା ବାହାରୁ ତୈଳ ଆମଦାନୀ ହ୍ରାସ ପାଇବ। ଓ୍ୱାର୍ଲଡ ବାୟୋଗ୍ୟାସ୍ ଆସୋସିଏସନ୍ ଦର୍ଶାଉଛି ଯେ, ଭାରତର ଏହାର ଜୈବିକ ବର୍ଜ୍ୟକୁ ବିନିଯୋଗ କରି ବାର୍ଷିକ ପାଖାପାଖି ୬୨-୯୦ ମିଲିଅନ୍ ମେଟ୍ରିକ୍ ଟନ୍ ବାୟୋଗ୍ୟାସ୍ ଉତ୍ପାଦନ କରିପାରିବ, ଯାହାକି, ୨୦୨୪ରେ ଏହାର ପ୍ରାକୃତିକ ଗ୍ୟାସ୍ ଚାହିଦାର ଏକଶହ କୋଡ଼ିଏ ପ୍ରତିଶତ। ଓ୍ୱାର୍ଲଡ୍ ବାୟୋଗ୍ୟାସ୍ ଆସୋସିଏସନ୍ ଏହା ମଧ୍ୟ ଦର୍ଶାଇଛି ଯେ ବର୍ତ୍ତମାନ ଭାରତରେ ପାଖାପାଖି ପାଞ୍ଚ ମିଲିୟନ୍ ବାୟୋଗ୍ୟାସ୍ ପ୍ଲାଣ୍ଟ କାର୍ଯ୍ୟ କରୁଛି। ଯାହାର ମୂଲ୍ୟ ୧.୬୪ ବିଲିୟନ୍ ଡଲାର। ୨୦୩୨ ସୁଦ୍ଧା ବାର୍ଷିକ ୧୦.୨ % ହାରରେ ବଢ଼ି ଏହା ୩.୪୯ ବିଲିଅନ୍ ଡଲାରରେ ପହଞ୍ଚିବ ବୋଲି ସଂସ୍ଥା ଆକଳନ କରିଛି।

ବର୍ତ୍ତମାନ ଭାରତର ରାଜ୍ୟମାନଙ୍କରେ ମହାରାଷ୍ଟ୍ର ବାୟୋଗ୍ୟାସ୍ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛି।

ପରିଶେଷରେ ଏହା କହିବା ତରବରିଆ ହେବ ଯେ, ବାୟୋଗ୍ୟାସ୍ ତତ୍‌କ୍ଷଣାତ୍ ଭାରତର ସମସ୍ତ ଶକ୍ତି ଆବଶ୍ୟକତାକୁ ପୂରଣ କରିନେବ। ଦେଶରେ ଇନ୍ଧନ ଗ୍ୟାସ୍‌ର ଚାହିଦା ଅତ୍ୟନ୍ତ ବିଶାଳ କିନ୍ତୁ ଯଦି ଆମେ କୃଷି, ପରିବହନ, ସହରାଞ୍ଚଳ ପରିଚାଳନା ଓ ଔଦ୍ୟୋଗିକ କ୍ଷେତ୍ରରେ ଛୋଟ ଛୋଟ ପ୍ରୟାସ ବାୟୋଗ୍ୟାସ୍‌ର ଉତ୍ପାଦନ ଓ ବ୍ୟବହାର ସକାଶେ କରିବା, ଏହାର ପ୍ରଭାବ ନିଶ୍ଚିତ ଭାବରେ ସୃଷ୍ଟି ହେବ। ଏହାଦ୍ୱାରା ବାହ୍ୟ ଦେଶରୁ ଇନ୍ଧନ ଆମଦାନୀ କ୍ରମାଗତ ଭାବରେ ହ୍ରାସ ପାଇବା ସାଙ୍ଗକୁ ଇନ୍ଧନ ବ୍ୟବସ୍ଥାଟି ମଧ୍ୟ କେନ୍ଦ୍ରୀକୃତରୁ ବିକେନ୍ଦ୍ରୀକୃତ ହୋଇପାରନ୍ତା।

ଆଜି ଭାରତର ଜୈବିକ ବର୍ଜ୍ୟର ଅଧିକାଂଶ ଭାଗ ଅବ୍ୟବହୃତ। ଫସଲ ଅବଶେଷକୁ ଜଳାଇ ଦିଆଯାଉଛି। ସହରର ଜୈବିକ ଆବର୍ଜନାକୁ ଡମ୍ପିଂୟାର୍ଡରେ ଫୋପାଡ଼ି ଦିଆଯାଉଛି। ଏଗୁଡ଼ିକର ସୁବିନିଯୋଗ କଲେ ଭାରତ ଏକ କ୍ଷୁଦ୍ର ସତ କିନ୍ତୁ ଚିରସ୍ଥାୟୀ ଇନ୍ଧନ ବ୍ୟବସ୍ଥା ନିଜ ପାଇଁ କରିପାରିବ।

+ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋ: ୮୧୪୪୦୪୨୯୯୭

# କେତେ ଭଲ ଗର୍ଭ ନିରୋଧକ ବଟିକା ?



## ଡାକ୍ତର ଶୁଭଶ୍ରୀ ମିଶ୍ର

କ୍ଲିନିକରେ ପଶିଲା ବେଳକୁ ମୋତେ ଅପେକ୍ଷା କରିଥାଏ ରାଜଶ୍ରୀ। କଲେଜ ବେଳର ସାଙ୍ଗ, ବିବାହ ପରେ ତା ସହିତ ଆଉ ସେପରି ଯୋଗାଯୋଗ ବି ନଥିଲା। ସେ ମୁମ୍ବାଇରେ ରହୁଥିବାରୁ ଯିବା ଆସିବା ସମ୍ପର୍କ ବି ସମ୍ଭବ ନୁହେଁ। ବହୁଦିନ ପରେ ଦେଖା ହେବାରୁ ଖୁସି ଲାଗିଲା ତା ପାଇଁ ଚା ମଗାଇଲି ଓ ପଚାରିଲି ଆଉ କେମିତି କୁଆଡ଼େ ମୋତେ ମନେ ପକାଇଲୁ ? କହିଲା 'ତୋ ସାଙ୍ଗରେ ଟିକିଏ କଥା ଥିଲା ତ'। ମୁଁ କହିଲି ତୋ ସାଙ୍ଗ ଜଣେ ଡାକ୍ତରାଣୀ ମୋତେ ସବୁ କଥା ଖୋଲି କରି କହ। ଚାପି ରଖିଥିବା କଥାଟିକୁ ମୋ ଆଗରେ ଖୋଲି କହିଲା 'ତୁ ତ ଜାଣୁ, ମୋର ଗୋଟିଏ ପୁଅ। ଆମେ ବି ଆଉ ପିଲା ଚାହୁଁନୁ। ତେବେ ଗର୍ଭନିରୋଧକ ବଟିକା ମୁଁ ନିୟମିତ ଖାଉଛି ଯେ ମଝିରେ ଖବର କାଗଜରେ ବାହାରିଥିଲା ଏ ବଟିକା କୁଆଡ଼େ ଭଲ ନୁହେଁ।' ମୁଁ ତାକୁ କହିଲି ଆଗାମୀ ୨୦୪୫ ମସିହା ଭାରତ ପୃଥିବୀର ସବୁଠାରୁ ଜନବହୁଳ ଦେଶ ହେବ । ପରିସଂଖ୍ୟନରୁ ଜଣାଯାଇଛି ଭାରତରେ କେବଳ ୪୮.୫ % ଦମ୍ପତି କିଛି ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ତେଣୁ ୭୫% ଅତର୍କିତ ଓ ୨୫% ଅବାଞ୍ଛିତ ଗର୍ଭ ସଞ୍ଚାର ହେଉଛି । ୧୯୬୦ ମସିହା ମେ ମାସ ୯ ତାରିଖରେ ଆମେରିକାର ପ୍ରଥମେ ଗର୍ଭନିରୋଧକ ବଟିକା ବାହାରିଥିଲା । ତେବେ ଗର୍ଭ ନିରୋଧକ ବଟିକାକୁ ନେଇ କିଛି ଭ୍ରାନ୍ତ ଧାରଣା ବି ରହିଛି । ଅଧିକାଂଶ ନାରୀ ବଟିକା ବନ୍ଦ କରିବାର ଦୁଇ ବା ତିନି ମାସ ପରେ ଗର୍ଭ ଧାରଣ କରିପାରନ୍ତି । ଏହା ଖାଇଲେ ଗର୍ଭପାତ ବା ଭୁଲରେ ଗର୍ଭାବସ୍ଥାରେ ବି ଖାଇଦେଲେ ବିକଳାଙ୍ଗ ଶିଶୁର ଆଶଙ୍କା ନଥାଏ । ବର୍ତ୍ତମାନର ଆଧୁନିକ ବଟିକାରେ ଇଷ୍ଟ୍ରୋଜେନ୍ ଅତିକମ୍ ପରିମାଣର (ମାତ୍ର କୋଡିଏ ମାଇକ୍ରୋଗ୍ରାମ) ରହୁଛି ଯାହା ଲଗାତର ଖାଇହେବ, ପୁଣି ଯେଉଁ ବଟିକାରୁ କେବଳ ପ୍ରୋଜେଷ୍ଟ୍ରୋଜେନ ରହୁଛି ତାକୁ ବି ନିୟମିତ ଖାଇହେବ । ତେବେ ବ୍ୟବଧାନ ହେଲେ କେବଳ ଅବାଞ୍ଛିତ ଗର୍ଭର ଆଶଙ୍କା ବଢ଼ିଥାଏ।

ଗର୍ଭ ନିରୋଧକ ବଟିକା ଋତୁସ୍ରାବକୁ କମ୍ ଓ ଯନ୍ତ୍ରଣା ରହିତ କରାଇଥାଏ । ଅଧିକନ୍ତୁ ଋତୁସ୍ରାବକୁ ନୟମିତ ବି କରାଇଥାଏ । ବହୁଦିନ ଧରି ବ୍ୟବହାର କଲେ ଏହା ଡିମ୍ବକୋଷ, ଗର୍ଭାଶୟ ଓ ଅନ୍ତଃନଳୀରେ କର୍କଟ ରୋଗର ଆଶଙ୍କାକୁ କମାଇଥାଏ । ଏହାସହ ଡିମ୍ବକୋଷର ଫୁଲା, ଗର୍ଭାଶୟ ଆଖପାଖରେ ସଂକ୍ରମଣ, ସ୍ତନରେ ସାଧାରଣ କିଛି ରୋଗ ଓ ରକ୍ତହୀନତା, ତେବେ କେତେକ କ୍ଷେତ୍ରରେ ଏହା ବ୍ରଣ, ଚିଡ଼ିଚିଡ଼ା ଭାବ, ମୁଣ୍ଡବ୍ୟଥା, ସ୍ତନରେ ଦରଜ ଓ ବାନ୍ତି ଆଦି ଲକ୍ଷଣ ଦେଖାଦେଇଥାଏ ଯାହାକି ଚିରସ୍ଥାୟୀ ବା ସାଂଘାତିକ ନୁହେଁ । ସୁସ୍ଥ ନାରୀ ପାଇଁ ଏହି ବଟିକା ସମ୍ପୂର୍ଣ୍ଣ ନିରାପଦ । ତେବେ ନିଶା ଖାଉଥିବା ବା ସିଗାରେଟ ପିଉଥିବା ମହିଳା ବା ହାଇବ୍ଲଡ଼ପ୍ରେସର ମହିଳାଙ୍କ କ୍ଷେତ୍ରରେ ଏହା ଯନ୍ତ୍ରଣାର ସମ୍ଭାବନା ଥାଏ । ୩୦ବର୍ଷରୁ ଉର୍ଦ୍ଧ୍ୱ ବୟସର ମହିଳାଙ୍କ ପାଇଁ ଏବେ ନୂଆ ବଟିକା ପ୍ରୋଜେଷ୍ଟୋଜେନ ସେ ସାଜେଷ୍ଟଲ ହୋଇଯିବା ଋତୁସ୍ରାବ ବନ୍ଦ ହେବା ପର୍ଯ୍ୟନ୍ତ ଜଣେ ଖାଇଲେ କ୍ଷତି ନାହିଁ । ପିଲାଙ୍କୁ କ୍ଷୀର ଦେଉଥିବା ମାଆଙ୍କ କ୍ଷେତ୍ରରେ ଇଷ୍ଟ୍ରୋଜେନ ନଥିବା ବା କେବଳ ପ୍ରୋଜେଷ୍ଟ୍ରୋଜେନ ବଟିକାକୁ ସେମାନେ ବିନା ଦ୍ୱିଧାରେ ଖାଇପାରନ୍ତି ଏହା ଶିଶୁର କୌଣସି ଶାରୀରିକ କ୍ଷତି କରିନଥାଏ ବା କ୍ଷୀରର ପରିମାଣ ବା ମାନ କମାଇବାର ଆଶଂକା ରଖିନଥାଏ । ଏହି ବଟିକା ଖାଇଲେ ମହିଳାମାନଙ୍କର ଓଜନ ବଢ଼ିଯିବା ନେଇ ଏକ ଧାରଣା ରହିଥାଏ ତେବେ କେତେକ କ୍ଷେତ୍ରରେ ଶରୀରରେ ମେଦର ତାରତମ୍ୟ ପାଇଁ ଓଜନ କିଛିଟା ବଢ଼ି ଥିଲେ ବି ସମସ୍ତଙ୍କ କ୍ଷେତ୍ର ପାଇଁ ସମାନ ନୁହେଁ । ମହିଳାଙ୍କ ପାଇଁ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ବି ରହିଛି । କୌଣସି ଅଭାବନୀୟ ଘଟଣାରେ ଧରନ୍ତୁ ଗର୍ଭନିରୋଧକ ବ୍ୟବହାର କରି କୌଣସି ତ୍ରୁଟି ଯଥା କଣ୍ଡୋମଟି ଖସିଗଲେ, ବା ନଷ୍ଟ ହୋଇଗଲେ କିମ୍ବା ବଟିକା ଖାଇବାକୁ ଭୁଲିଗଲେ ବା ଦୁର୍ଭାଗ୍ୟକୁ କୌଣସି ଦୁଷ୍କର୍ମର ଶୀକାର ହେଲେ ଗର୍ଭଧାରଣ ହେବାର ସମ୍ଭାବନା ରହିଥିବାରୁ ଏହି ସମୟରେ ଆପାତଃ କାଳୀନ ଗର୍ଭନିରୋଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ । ମାସିକ ଋତୁର ବିଭିନ୍ନ ସମୟରେ ଏହା ଅଲଗା ଅଲଗା ଭାବେ ଏହା କାମ କରିଥାଏ । ପ୍ରଥମେ ଏହା ଡିମ୍ବାଣୁ ବାହାରିବାକୁ ବନ୍ଦ କରେ ତାପରେ ଭ୍ରୂଣ ସଞ୍ଚାରକୁ ବନ୍ଦ କରି ଶେଷରେ ଭ୍ରୂଣକୁ ଗର୍ଭାଶୟରେ ରହିବାକୁ ଦିଏ ନାହିଁ କିନ୍ତୁ ଥରେ ଗର୍ଭଧାରଣ କରିସାରିବା ପରେ ଏହା କାମକରେ ନାହିଁ ।

ସବୁଠାରୁ ଭଲ ସ୍ୱାସ୍ଥ୍ୟଦାୟକ ଗର୍ଭନିରୋଧକ ବଟିକା ନିୟମିତ ଠିକ୍ ରୂପେ ଖାଆନ୍ତୁ । ପ୍ରଥମ ମାସ ଋତୁସ୍ରାବର ପ୍ରଥମ ଦିନରୁ ଏକୋଇଶ ଦିନ ଯାଏ ଧାରାବାହିକ ଭାବରେ ସବୁ ରାତିରେ ଗୋଟିଏ କରି ଖାଇବେ । ତାପରେ ସାତ ଦିନ ବ୍ୟବଧାନରେ ନୂଆ ପ୍ୟାକେଟ ଆରମ୍ଭ କରିବେ । ସାତଦିନରୁ ଅଧିକା ବ୍ୟବଧାନ ରହିଲେ ଗର୍ଭ ସଂଚାରର ସମ୍ଭାବନା ରହିଥାଏ। ମନେରଖନ୍ତୁ କୌଣସି କାରଣରୁ ଗୋଟିଏ ବଟିକା ଭୁଲିଗଲେ ପରଦିନ ଦୁଇଟି ବଟିକା ମନେକରି ଖାଇନେବେ । ଦୁଇଦିନ ଭୁଲିଗଲେ ସହିପରି ଅନୁପାତରେ ବଟିକା ଖାଆନ୍ତୁ କିନ୍ତୁ ସତର୍କ ଥିବେ ସେ ମାସରେ ଯେପରି ଅସୁରକ୍ଷିତ ଯୌନ ସମ୍ପର୍କ ନରହେ । ଏ କ୍ଷେତ୍ରରେ ଗର୍ଭନିରୋଧକର ଅନ୍ୟ ଉପାୟ ଗ୍ରହଣ କରିପାରନ୍ତି । ଆଧୁନିକ ବଟିକା ବ୍ୟବହାର ସମୟରେ ସାମାନ୍ୟ ରକ୍ତସ୍ରାବ ହୋଇପାରେ ତେବେ ଏହାକୁ ନେଇ ବ୍ୟସ୍ତ ହୁଅନ୍ତୁନାହିଁ ତେବେ ଏହା ଯଦି ନକମେ ତେବେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ । ଗର୍ଭଧାରଣ କରିବାକୁ ଆଗ୍ରହୀ ହେଲେ ବଟିକା ବନ୍ଦ କରିବା ପରେ ଦୁଇତିନ ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ପାଞ୍ଚ ମିଲିଗ୍ରାମର ଫଲିକ୍ ଏସିଡ଼ ନାମକ ଭିଟାମିନ୍ ଖାଆନ୍ତୁ ଏହାପରେ ଗର୍ଭଧାରଣ ହେଲେ ସ୍ୱାସ୍ଥ୍ୟ ପାଇଁ ଭଲ । ଗର୍ଭନିରୋଧକ ବଟିକାର ବ୍ୟବହାର ନେଇ କାହାର କାନକୁହା କଥା ଶୁଣନ୍ତୁ ନାହିଁ । ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ବା ଅଭିଜ୍ଞ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

+ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ,
ମୋ : ୯୮୬୧୪୬୩୪୦୬

# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ



## ଅମୂଲ୍ୟ କୁମାର ପଣ୍ଡା

ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ। ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ। ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି। ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ। ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ। ଶିଷ୍ଟାଚାର ଶବ୍ଦଟି 'ଶିଷ୍ଟ' ଏବଂ 'ଆଚାର' ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି। ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ। ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ। ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ। ଶିଷ୍ଟାଚାର ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ। ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ। ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ। ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ। ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି। ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି। ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ। ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ। ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ। ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ। ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ। କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ। ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ। କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ। ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ। ପ୍ରତ୍ୟେକେ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ। ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି। ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି। ଯଦି ସମସ୍ତେ ସଚ୍ଚୋଟତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ। ପିଲାମାନେ ପରିବାରର ଭବିଷ୍ୟତ। ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି। ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି।

ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ। ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ। ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ। ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ। କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ। ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ। ଏହା ସମ୍ପର୍କକୁ ମଜବୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ। ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ। ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ। ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡ଼କୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ। ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ। ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ। ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ। ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ ।

+ଅରଙ୍ଗାବାଦ, ବରୀ,
ଯାଜପୁର
ମୋ: ୮୨୪୯୫୦୨୭୭୬

# ଶେଷ ହେଉଛି ଶସ୍ତା ପୁଞ୍ଜିର ଯୁଗ

ବିଶ୍ୱ ଅର୍ଥନୀତିରେ ଏକ ବୃହତ୍ ତଥା ଯୁଗାନ୍ତକାରୀ ପରିବର୍ତ୍ତନର ସୂତ୍ରପାତ ହୋଇଛି । ଗତ କିଛି ଦଶନ୍ଧି ଧରି ବିଶ୍ୱ ବଜାରରେ ଉପଲବ୍ଧ ଥିବା 'ଶସ୍ତା ପୁଞ୍ଜି' ବା ଅତି ନିମ୍ନ ସୁଧ ହାରର ଯୁଗ ଏବେ ସମ୍ପୂର୍ଣ୍ଣ ଭାବେ ଶେଷ ହେବାକୁ ବସିଛି । ଆମେରିକା, ବ୍ରିଟେନ୍ ଏବଂ ଜାପାନ ଭଳି ବିକଶିତ ଦେଶଗୁଡ଼ିକର କେନ୍ଦ୍ରୀୟ ବ୍ୟାଙ୍କମାନେ ଦୀର୍ଘ ଦିନ ଧରି ଅନୁସରଣ କରିଆସୁଥିବା 'କ୍ୱାଣ୍ଟିଟେଟିଭ୍ ଇଜିଂ' (Quantitative Easing) ବା ପରିମାଣାତ୍ମକ ସହଜୀକରଣ ନୀତିରୁ ଏବେ ଓହରି ଆସୁଛନ୍ତି । ଏହି ପରିବର୍ତ୍ତନର ପ୍ରଭାବ ସିଧାସଳଖ ଭାରତ ଭଳି ରାଷ୍ଟ୍ରଗୁଡ଼ିକ ଉପରେ ପଡ଼ିବା ଆରମ୍ଭ କରିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନିଜର ୨୦୨୫-୨୬ ଆର୍ଥିକ ବର୍ଷର ବାର୍ଷିକ ରିପୋର୍ଟରେ ବିଶ୍ୱ ସ୍ତରରେ ବୃଦ୍ଧି ପାଉଥିବା ସୋଭରେନ୍ ବଣ୍ଡ୍ ୟିଲ୍ଡ (Sovereign bond yields) ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସୁଧ ହାର ବୃଦ୍ଧିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ପଶ୍ଚିମ ଏସିଆରେ ଦେଖାଦେଇଥିବା ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ମୁଦ୍ରାସ୍ଫୀତିର ଚାପ ଏହି ପରିସ୍ଥିତିକୁ ଆହୁରି ଜଟିଳ କରିଦେଇଛି । ଏହା କେବଳ ଏକ ସାଧାରଣ ଆର୍ଥିକ ପରିବର୍ତ୍ତନ ନୁହେଁ, ବରଂ ଏହା ସମଗ୍ର ବିଶ୍ୱର ପୁଞ୍ଜି ପ୍ରବାହର ଦିଗକୁ ବଦଳାଇ ଦେବାର କ୍ଷମତା ରଖିଛି, ଯାହାର ସିଧାସଳଖ ପ୍ରଭାବ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପଡ଼ିବ ।

ଏହି ବିଶ୍ୱସ୍ତରୀୟ ଆର୍ଥିକ ପରିବର୍ତ୍ତନକୁ ବୁଝିବାକୁ ହେଲେ ପ୍ରଥମେ ୧୦ ବର୍ଷିଆ ସରକାରୀ ବଣ୍ଡ୍‌ର ୟିଲ୍ଡ ବା ପ୍ରତିଫଳ ବିଷୟରେ ଜାଣିବା ଆବଶ୍ୟକ । ସରକାରୀ ବଣ୍ଡ୍ ହେଉଛି ଏକ ପ୍ରକାର ଋଣପତ୍ର, ଯାହା ମାଧ୍ୟମରେ ଏକ ସାର୍ବଭୌମ ସରକାର ଏକ ନିର୍ଦ୍ଦିଷ୍ଟ ସମୟ ପାଇଁ ବଜାରରୁ ଅର୍ଥ ଉଧାର ନେଇଥାଏ । ଏହା ବଦଳରେ ସରକାର ନିବେଶକମାନଙ୍କୁ ବାର୍ଷିକ ଏକ ନିର୍ଦ୍ଦିଷ୍ଟ ହାରରେ ସୁଧ ପ୍ରଦାନ କରିବା ସହ ଅବଧି ପୂରଣ ହେବା ପରେ ମୂଳଧନ ଫେରାଇବାର ପ୍ରତିଶ୍ରୁତି ଦେଇଥାନ୍ତି । ସରକାରୀ ବଣ୍ଡ୍‌କୁ ସବୁଠାରୁ ସୁରକ୍ଷିତ ବା ବିପଦମୁକ୍ତ ସମ୍ପତ୍ତି ଭାବରେ ବିବେଚନା କରାଯାଏ, କାରଣ ଏହା ପଛରେ ସରକାରଙ୍କ ଟିକସ ଆଦାୟ କରିବାର କ୍ଷମତା ଏବଂ ଆବଶ୍ୟକ ପଡ଼ିଲେ ନୂଆ ନୋଟ୍ ଛାପିବାର କ୍ଷମତା ରହିଥାଏ । ତେଣୁ, ସରକାରୀ ବଣ୍ଡ୍‌ର ୟିଲ୍ଡ ଅନ୍ୟ ସମସ୍ତ ସ୍ଥିର-ଆୟ (Fixed-income) ସିକ୍ୟୁରିଟି ପାଇଁ ସୁଧ ହାର ନିର୍ଦ୍ଧାରଣ କରିବାର ଏକ ମାନଦଣ୍ଡ ଭାବରେ କାର୍ଯ୍ୟ କରିଥାଏ । ଏହା ଦର୍ଶାଏ ଯେ ନିବେଶକମାନେ ସେମାନଙ୍କ ଅର୍ଥ ନିବେଶ ପାଇଁ ସର୍ବନିମ୍ନ କେତେ ରିଟର୍ଣ୍ଣ ଆଶା କରୁଛନ୍ତି । ଐତିହାସିକ ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ୧୯୯୮-୯୯ ମସିହା ଠାରୁ ଆମେରିକା, ବ୍ରିଟେନ୍ ଏବଂ ଜାପାନ ଭଳି ଦେଶଗୁଡ଼ିକର ବଣ୍ଡ୍ ୟିଲ୍ଡରେ ବ୍ୟାପକ ପରିବର୍ତ୍ତନ ଆସିଛି । ୧୯୯୯-୨୦୦୦ ଆର୍ଥିକ ବର୍ଷରେ ଆମେରିକାରେ ହାରାହାରି ବଣ୍ଡ୍ ୟିଲ୍ଡ ୬ ପ୍ରତିଶତରୁ ଅଧିକ ଥିବାବେଳେ ବ୍ରିଟେନ୍‌ରେ ଏହା ୫.୪ ପ୍ରତିଶତ ଏବଂ ଜାପାନରେ ୧.୭ ପ୍ରତିଶତ ଥିଲା । ପରବର୍ତ୍ତୀ ଦଶନ୍ଧିଗୁଡ଼ିକରେ ଏହି ହାର କ୍ରମାଗତ ଭାବେ ହ୍ରାସ ପାଇବାକୁ ଲାଗିଲା । ୨୦୨୦-୨୧ ମସିହାର କୋଭିଡ୍-୧୯ ମହାମାରୀ ସମୟରେ ଆମେରିକାରେ ଏହା ୦.୯ ପ୍ରତିଶତ, ବ୍ରିଟେନ୍ ?ରେ ୦.୪ ପ୍ରତିଶତ ଏବଂ ଜାପାନରେ ପ୍ରାୟ ଶୂନ୍ୟକୁ ଖସିଆସିଥିଲା । ଆଶ୍ଚର୍ଯ୍ୟଜନକ ଭାବେ ୨୦୧୬-୧୭ ଏବଂ ୨୦୧୯-୨୦ରେ ଜାପାନର ବଣ୍ଡ୍ ୟିଲ୍ଡ ନକାରାତ୍ମକ (Negative) ସ୍ତରରେ ପହଞ୍ଚିଥିଲା । ଏହାର ଅର୍ଥ ହେଲା, ନିବେଶକମାନେ ନିଜର ଅର୍ଥ ସୁରକ୍ଷିତ ରଖିବା ପାଇଁ ସରକାରଙ୍କୁ ଓଲଟା ଅର୍ଥ ପ୍ରଦାନ କରିବାକୁ ପ୍ରସ୍ତୁତ ଥିଲେ । ଅର୍ଥନୈତିକ ଅନିଶ୍ଚିତତା ଏବଂ ମୁଦ୍ରାସଂକୋଚନ (Deflation) ସମୟରେ ହିଁ ଏଭଳି ନକାରାତ୍ମକ ୟିଲ୍ଡ ଦେଖିବାକୁ ମିଳିଥାଏ । ସେହି ସମୟରେ ନିବେଶକମାନେ ରିଟର୍ଣ୍ଣ ଅପେକ୍ଷା ନିଜ ପୁଞ୍ଜିର ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଥିଲେ ।

କିନ୍ତୁ ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ବଦଳିଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷ ସୁଦ୍ଧା ୧୦ ବର୍ଷିଆ ବଣ୍ଡ୍ ୟିଲ୍ଡ ଜାପାନରେ ୧.୮ ପ୍ରତିଶତ, ଆମେରିକାରେ ୪.୨ ପ୍ରତିଶତ ଏବଂ ବ୍ରିଟେନ୍‌ରେ ୪.୬ ପ୍ରତିଶତକୁ ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷରେ ଏହା ଆହୁରି ବୃଦ୍ଧି ପାଇ ମେ ମାସ ସୁଦ୍ଧା ଯଥାକ୍ରମେ ୨.୮%, ୪.୭% ଏବଂ ୫.୨% ଛୁଇଁଛି । ବିଶ୍ୱ ବଜାରରେ ଏହି ଶସ୍ତା ଟଙ୍କାର ଯୁଗ ଶେଷ ହେବାର ମୁଖ୍ୟତଃ ଦୁଇଟି ବଡ଼ କାରଣ ରହିଛି । ପ୍ରଥମ କାରଣଟି ହେଉଛି ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତିର ପ୍ରତ୍ୟାବର୍ତ୍ତନ । ୨୦୨୦ ଏବଂ ୨୦୨୧ରେ ମହାମାରୀ କାରଣରୁ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବ୍ୟାପକ ବାଧା ସୃଷ୍ଟି ହୋଇଥିଲା । ଏହା ପରେ ୨୦୨୨ରେ ଋଷିଆ-ୟୁକ୍ରେନ୍ ଯୁଦ୍ଧ, ୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ଏକତରଫା ବାଣିଜ୍ୟିକ ଶୁଳ୍କ (ଟାରିଫ୍) ଏବଂ ବର୍ତ୍ତମାନ ଆମେରିକା-ଇସ୍ରାଏଲ୍ ବନାମ ଇରାନ ମଧ୍ୟରେ ଲାଗି ରହିଥିବା ଅସମାହିତ ସଂଘର୍ଷ ମୁଦ୍ରାସ୍ଫୀତିକୁ ଆକାଶଛୁଆଁ କରିଦେଇଛି । ଜାପାନ ଭଳି ଦେଶ, ଯେଉଁଠାରେ ଦଶନ୍ଧି ଦଶନ୍ଧି ଧରି ଦରଦାମ୍ ବୃଦ୍ଧି ପ୍ରାୟ ନଥିଲା, ସେଠାରେ ୨୦୨୩ ଜାନୁଆରୀ ବେଳକୁ ଖାଉଟି ଦରଦାମ୍ ସୂଚକାଙ୍କ ୪.୩ ପ୍ରତିଶତରେ ପହଞ୍ଚିଥିଲା ଏବଂ ୨୦୨୬ ଏପ୍ରିଲ୍ ସୁଦ୍ଧା ମଧ୍ୟ ଏହା ୧.୪ ପ୍ରତିଶତ ରହିଛି ଯାହାକି ଏହାର ପୂର୍ବ ତିନି ଦଶନ୍ଧିର ଇତିହାସ ତୁଳନାରେ ଯଥେଷ୍ଟ ଅଧିକ । ବ୍ରିଟେନ୍‌ର ଅବସ୍ଥା ଆହୁରି ଶୋଚନୀୟ ଥିଲା, ଯେଉଁଠାରେ ୨୦୨୨ ରୁ ୨୦୨୩ ମଧ୍ୟରେ ବାର୍ଷିକ ମୁଦ୍ରାସ୍ଫୀତି ୯ ରୁ ୧୧ ପ୍ରତିଶତ ମଧ୍ୟରେ ରହିଥିଲା । ଆମେରିକାରେ ମଧ୍ୟ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଯାଇଥିଲା । ପଶ୍ଚିମ ଏସିଆର ଅସ୍ଥିରତା କାରଣରୁ ତୈଳ, ସାର ଏବଂ ଖାଦ୍ୟପଦାର୍ଥର ମୂଲ୍ୟ ବୃଦ୍ଧି ପାଇବା ଫଳରେ ୨୦୨୦-୨୧ ପର୍ଯ୍ୟନ୍ତ ପ୍ରଚଳିତ ଥିବା ଅତି ନିମ୍ନ ସୁଧ ହାର ଏବଂ ବଣ୍ଡ୍ ୟିଲ୍ଡକୁ ବଜାୟ ରଖିବା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଇଁ ଅସମ୍ଭବ ହୋଇପଡ଼ିଲା । ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ ବଜାରରୁ ଲିକ୍ୟୁଡିଟି କମାଇବା ଜରୁରୀ ହୋଇପଡ଼ିଲା, ଯାହା ଫଳରେ ସୁଧ ହାର ବଢ଼ାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନଥିଲା ।

ଦ୍ୱିତୀୟ ମୁଖ୍ୟ କାରଣ ହେଉଛି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ଅନୁସୃତ 'କ୍ୱାଣ୍ଟିଟେଟିଭ୍ ଇଜିଂ' (QE) ନୀତିର ଅବସାନ । ୨୦୦୮ ମସିହାର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଏବଂ ପରେ ମହାମାରୀ ସମୟରେ ଅର୍ଥନୈତିକ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ପାଇଁ ଆମେରିକାର ଫେଡେରାଲ୍ ରିଜର୍ଭ ଭଳି କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଏହି ଅସ୍ତ୍ରର ବ୍ୟବହାର କରିଥିଲେ । ସେମାନେ ବ୍ୟାବସାୟିକ ବ୍ୟାଙ୍କଗୁଡ଼ିକ ଠାରୁ ବିପୁଳ ପରିମାଣରେ ସରକାରୀ ବଣ୍ଡ୍ ଏବଂ ଅନ୍ୟାନ୍ୟ ଦୀର୍ଘମିଆଦୀ ସମ୍ପତ୍ତି କ୍ରୟ କରି ନୂତନ ମୁଦ୍ରା ସୃଷ୍ଟି କରିଥିଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆର୍ଥିକ ବ୍ୟବସ୍ଥାରେ ପର୍ଯ୍ୟାପ୍ତ ଲିକ୍ୟୁଡିଟି ସୃଷ୍ଟି କରିବା, ଦୀର୍ଘମିଆଦୀ ସୁଧ ହାର ହ୍ରାସ କରିବା ଏବଂ ବ୍ୟବସାୟୀ ତଥା ଗ୍ରାହକମାନଙ୍କୁ ଅଧିକ ଋଣ ପ୍ରଦାନ କରିବାକୁ ବ୍ୟାଙ୍କଗୁଡ଼ିକୁ ଉତ୍ସାହିତ କରିବା । ମାତ୍ର, ସାମଗ୍ରୀ ଏବଂ ସେବାର ବାସ୍ତବ ଉତ୍ପାଦନ ତୁଳନାରେ ନୂତନ ମୁଦ୍ରାର ଯୋଗାଣ ଦ୍ରୁତ ଗତିରେ ବୃଦ୍ଧି ପାଇବା କାରଣରୁ ଏହା ମୁଦ୍ରାସ୍ଫୀତିର ଆଶଙ୍କାକୁ ବଢ଼ାଇ ଦେଇଥିଲା । ଏହା ବ୍ୟତୀତ, ବଜାର ଚାହିଦା ଠାରୁ କମ୍ ସୁଧ ହାରରେ ସରକାରୀ ଋଣ ଉପଲବ୍ଧ ହେବା ଫଳରେ ସରକାରମାନେ ନିଜର ପରିଶୋଧ କ୍ଷମତା ଠାରୁ ଅଧିକ ଋଣ ଗ୍ରହଣ କରିବାକୁ ଲାଗିଲେ । ଉଚ୍ଚ ମୁଦ୍ରାସ୍ଫୀତି ଏବଂ ଅତ୍ୟଧିକ ସରକାରୀ ଋଣର ଏହି ମିଳିତ ପ୍ରଭାବ ଆଜି ବୃଦ୍ଧି ପାଉଥିବା ସୋଭରେନ୍ ବଣ୍ଡ୍ ୟିଲ୍ଡ ଆକାରରେ ପ୍ରତିଫଳିତ ହେଉଛି । ଯେତେବେଳେ କେନ୍ଦ୍ରୀୟ ବ୍ୟାଙ୍କ ବଣ୍ଡ୍ କିଣିବା ବନ୍ଦ କରିଦିଏ କିମ୍ବା ପୂର୍ବରୁ କିଣିଥିବା ବଣ୍ଡ୍ ବିକ୍ରି କରିବା ଆରମ୍ଭ କରେ, ସେତେବେଳେ ବଜାରରେ ବଣ୍ଡ୍ ?ର ଯୋଗାଣ ବଢ଼ିଯାଏ ଏବଂ ଏହାର ମୂଲ୍ୟ କମିଯାଏ । ବଣ୍ଡ୍‌ର ମୂଲ୍ୟ ଏବଂ ୟିଲ୍ଡ ମଧ୍ୟରେ ବିପରୀତ ସମ୍ପର୍କ ଥିବାରୁ, ମୂଲ୍ୟ କମିଲେ ୟିଲ୍ଡ ଆପେ ଆପେ ବୃଦ୍ଧି ପାଇଥାଏ ।

ଏହି ବିଶ୍ୱସ୍ତରୀୟ ପରିବର୍ତ୍ତନ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ବିଶ୍ୱ ବଜାରରେ ଶସ୍ତା ଟଙ୍କା ଉପଲବ୍ଧ ଥିଲା, ଭାରତ ଭଳି ଉଦୀୟମାନ ବଜାରଗୁଡ଼ିକ ଏହାର ବହୁଳ ଫାଇଦା ଉଠାଇଥିଲେ । ଅଧିକ ରିଟର୍ଣ୍ଣ ଆଶାରେ ବିଦେଶୀ ନିବେଶକମାନେ ଭାରତୀୟ ବଜାରରେ ବିପୁଳ ପୁଞ୍ଜି ନିବେଶ କରିଥିଲେ । ୧୯୯୮-୯୯ ମସିହାରେ ଭାରତକୁ ମାତ୍ର ୮.୩ ବିଲିୟନ ଡଲାରର ପୁଞ୍ଜି ପ୍ରବାହ ହୋଇଥିବା ବେଳେ ୨୦୦୭-୦୮ ସୁଦ୍ଧା ଏହା ରେକର୍ଡ ୧୦୭.୯ ବିଲିୟନ ଡଲାରରେ ପହଞ୍ଚିଥିଲା । ୨୦୦୮-୦୯ ଆର୍ଥିକ ସଙ୍କଟ ସମୟରେ ଏହା ଖସିଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ (୨୦୦୯ ରୁ ୨୦୨୪ ମଧ୍ୟରେ) ବାର୍ଷିକ ହାରାହାରି ୬୭.୩ ବିଲିୟନ ଡଲାରର ପୁଞ୍ଜି ପ୍ରବାହ ହୋଇଥିଲା । କିନ୍ତୁ ୨୦୨୪-୨୫ ଆର୍ଥିକ ବର୍ଷ ବେଳକୁ ପରିସ୍ଥିତି ବଦଳିଗଲା ଏବଂ ପୁଞ୍ଜି ପ୍ରବାହ ମାତ୍ର ୧୮ ବିଲିୟନ ଡଲାରକୁ ଖସିଆସିଲା । ଆହୁରି ଚିନ୍ତାଜନକ ବିଷୟ ହେଉଛି, ୨୦୨୫-୨୬ ର ପ୍ରଥମ ନଅ ମାସ ମଧ୍ୟରେ ଭାରତରୁ ୫୮୦ ନିୟୁତ ଡଲାରର ପୁଞ୍ଜି ପ୍ରତ୍ୟାହାର ହୋଇଛି । ଭାରତୀୟ ସେୟାର ବଜାରରେ ବିଦେଶୀ ପୋର୍ଟଫୋଲିଓ ନିବେଶକ (FPI) ମାନଙ୍କର ଗତିବିଧିକୁ ଲକ୍ଷ୍ୟ କଲେ ଏହି ଧାରା ଅଧିକ ସ୍ପଷ୍ଟ ହୁଏ । ୧୯୯୮ ରୁ ୨୦୨୧ ମଧ୍ୟରେ କେବଳ ଦୁଇଟି ବର୍ଷକୁ ଛାଡ଼ିଦେଲେ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଭାରତରେ ଅର୍ଥ ଖଟାଉଥିଲେ । କିନ୍ତୁ ୨୦୨୦-୨୧ ପରଠାରୁ ଗତ ଛଅ ବର୍ଷ ମଧ୍ୟରୁ ପାଞ୍ଚ ବର୍ଷ ଋତଓ ମାନେ ଭାରତୀୟ ବଜାରରେ ନିବେଶ କରିବା ଅପେକ୍ଷା ଅଧିକ ଅର୍ଥ ଉଠାଇ ନେଇଛନ୍ତି । ଯେତେବେଳେ ଆମେରିକା ଭଳି ବିକଶିତ ଦେଶରେ ସୁଧ ହାର ବୃଦ୍ଧି ପାଏ, ସେତେବେଳେ ବିଦେଶୀ ନିବେଶକମାନେ ଉଦୀୟମାନ ବଜାରରୁ ନିଜର ବିପଦପୂର୍ଣ୍ଣ ନିବେଶ ପ୍ରତ୍ୟାହାର କରି ଆମେରିକୀୟ ବଣ୍ଡ୍‌ରେ ନିବେଶ କରିବାକୁ ଶ୍ରେୟ ମଣନ୍ତି, କାରଣ ସେଠାରେ ସେମାନଙ୍କୁ ବିନା ବିପଦରେ ଆକର୍ଷଣୀୟ ରିଟର୍ଣ୍ଣ ମିଳିଯାଏ ।

ବର୍ତ୍ତମାନ ଭାରତରେ ୧୦ ବର୍ଷିଆ ସରକାରୀ ବଣ୍ଡ୍ ୟିଲ୍ଡ ପ୍ରାୟ ୭ ପ୍ରତିଶତ ରହିଛି । ଅନ୍ୟପକ୍ଷରେ ଆମେରିକାର ୧୦ ବର୍ଷିଆ ଟ୍ରେଜେରୀ ନୋଟ୍ ୟିଲ୍ଡ ୪.୫ ପ୍ରତିଶତରେ ପହଞ୍ଚିଛି । ଏହାର ଅର୍ଥ ହେଲା ଉଭୟ ଦେଶ ମଧ୍ୟରେ ୟିଲ୍ଡର ବ୍ୟବଧାନ ମାତ୍ର ୨.୫ ପ୍ରତିଶତକୁ ଖସିଆସିଛି, ଯାହାକି ଗତ ଏକ ଦଶନ୍ଧିର ହାରାହାରି ୪ ପ୍ରତିଶତ ବ୍ୟବଧାନ ଠାରୁ ଯଥେଷ୍ଟ କମ୍ । ଯଦି ଆମେ ଟଙ୍କାର ମୂଲ୍ୟ ହ୍ରାସ ଏବଂ ଆମେରିକୀୟ ଟ୍ରେଜେରୀର ଅଧିକ ସୁରକ୍ଷିତ ମୂଲ୍ୟକୁ ହିସାବକୁ ନେବା, ତେବେ ଏହି ବ୍ୟବଧାନ ଆହୁରି କମ୍ ହୋଇଯିବ । ଫଳସ୍ୱରୂପ, କେବଳ ସୁଧ ହାରର ପାର୍ଥକ୍ୟକୁ ଦେଖି ବିଦେଶୀ ପୁଞ୍ଜି ଭାରତକୁ ଆସିବାର ସମ୍ଭାବନା କ୍ଷୀଣ ହୋଇଯାଇଛି । ଏହାର ପ୍ରଭାବ କେବଳ ପୁଞ୍ଜି ବଜାର ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଭାରତୀୟ ମୁଦ୍ରା (ଟଙ୍କା) ଉପରେ ମଧ୍ୟ ପ୍ରବଳ ଚାପ ସୃଷ୍ଟି କରୁଛି । ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁଁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଉଛି । ଟଙ୍କାର ମୂଲ୍ୟ ହ୍ରାସ ପାଇବା ଫଳରେ ଭାରତର ଆମଦାନୀ ଖର୍ଚ୍ଚ, ବିଶେଷ କରି ଅଶୋଧିତ ତୈଳ ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଆମଦାନୀ ବ୍ୟୟ ବୃଦ୍ଧି ପାଉଛି, ଯାହା ପରୋକ୍ଷରେ ଦେଶ ଭିତରେ ମୁଦ୍ରାସ୍ଫୀତିକୁ ଆହୁରି ବଢ଼ାଉଛି । ଏହା ବ୍ୟତୀତ ଭାରତୀୟ କର୍ପୋରେଟ୍ ସେକ୍ଟର ପାଇଁ ମଧ୍ୟ ଅସୁବିଧା ବଢ଼ିଛି । ଯେଉଁ ଭାରତୀୟ କମ୍ପାନୀମାନେ ବାହ୍ୟ ବାଣିଜ୍ୟିକ ଋଣ (External Commercial Borrowings ବା ECB) ମାଧ୍ୟମରେ ବିଦେଶୀ ବଜାରରୁ ଶସ୍ତାରେ ଋଣ ଆଣୁଥିଲେ, ଏବେ ବିଶ୍ୱ ସ୍ତରରେ ସୁଧ ହାର ବୃଦ୍ଧି ପାଇବା କାରଣରୁ ସେମାନଙ୍କର ଋଣ ପରିଶୋଧ ବୋଝ ବହୁଗୁଣିତ ହୋଇଛି । ଏହା କମ୍ପାନୀଗୁଡ଼ିକର ଲାଭାଂଶ କମାଇବା ସହ ନୂତନ ନିବେଶ ଓ ନିଯୁକ୍ତି ସୃଷ୍ଟି ପ୍ରକ୍ରିୟାକୁ ମଧ୍ୟ ମନ୍ଥର କରିଦେବାର ଆଶଙ୍କା ରହିଛି । ଏହା ୨୦୧୩ ମସିହାର 'ଟେପର୍ ଟ୍ୟାଣ୍ଟ୍ରମ୍' (Taper Tantrum) ପରିସ୍ଥିତିକୁ ମନେ ପକାଇଦେଉଛି, ଯେତେବେଳେ ଆମେରିକୀୟ ଫେଡେରାଲ୍ ରିଜର୍ଭ କେବଳ ବଣ୍ଡ୍ କ୍ରୟ କମାଇବାର ସୂଚନା ଦେବା ମାତ୍ରେ ଭାରତୀୟ ଟଙ୍କାର ମୂଲ୍ୟ ଐତିହାସିକ ସ୍ତରକୁ ଖସିଯାଇଥିଲା ।

ପରିଶେଷରେ ଏହା କୁହାଯାଇପାରେ ଯେ, ବିଶ୍ୱବ୍ୟାପୀ ଶସ୍ତା ପୁଞ୍ଜିର ପ୍ରାଚୁର୍ଯ୍ୟ (Push factor) ଯୋଗୁଁ ଭାରତକୁ ଯେଉଁ ସହଜ ପୁଞ୍ଜି ପ୍ରବାହ ହେଉଥିଲା, ସେହି ଅଧ୍ୟାୟର ଏବେ ପରିସମାପ୍ତି ଘଟିଛି । ଆଗାମୀ ଦିନରେ ବିଦେଶୀ ପୁଞ୍ଜି ଭାରତକୁ ଫେରିପାରେ, କିନ୍ତୁ ଏଥିପାଇଁ କେବଳ ବିଶ୍ୱସ୍ତରୀୟ ଲିକ୍ୟୁଡିଟି ଉପରେ ନିର୍ଭର କଲେ ଚଳିବ ନାହିଁ । ଭାରତକୁ ନିଜର ଆଭ୍ୟନ୍ତରୀଣ ଅର୍ଥନୈତିକ ଦୃଢ଼ତା ବା ଏକ ଶକ୍ତିଶାଳୀ ଆକର୍ଷଣ ବା 'ପୁଲ୍' (Pull) ଫ୍ୟାକ୍ଟର ପ୍ରଦର୍ଶନ କରିବାକୁ ପଡ଼ିବ । ଏହାର ଅର୍ଥ ହେଉଛି ଭାରତକୁ ଉଚ୍ଚ ଜିଡିପି (GDP) ଅଭିବୃଦ୍ଧି, କର୍ପୋରେଟ୍ କ୍ଷେତ୍ରରେ ଉତ୍ତମ ଆୟ, ନୀତିଗତ ସ୍ଥିରତା ଏବଂ ବ୍ୟାପକ ଭିତ୍ତିଭୂମି ବିକାଶର ପ୍ରମାଣ ଦେବାକୁ ହେବ । ସରକାରଙ୍କୁ ନିଜର ଆର୍ଥିକ ନିଅଣ୍ଟ (Fiscal Deficit) କୁ କଠୋର ଭାବେ ନିୟନ୍ତ୍ରଣରେ ରଖିବାକୁ ପଡ଼ିବ ଏବଂ ଆରବିଆଇକୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ସହ ଆର୍ଥିକ ଅଭିବୃଦ୍ଧି ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳନ ବଜାୟ ରଖିବାକୁ ହେବ । ବିଦେଶୀ ପୁଞ୍ଜି ଉପରେ ଅତ୍ୟଧିକ ନିର୍ଭରଶୀଳତା କମାଇ ଦେଶ ଭିତରେ ପୁଞ୍ଜି ଗଠନ (Domestic Capital Formation) ଉପରେ ଅଧିକ ଗୁରୁତ୍ୱ ଦେବାର ସମୟ ଆସିଯାଇଛି ।



# ସ୍ୱର ପରିବର୍ତ୍ତନର-୨

## କୁମାର ତ୍ରିପାଠୀ

There was a movement and a possionate call,
A rain brow dream a hope of golden change.
-Savitri, Sri arutobindo.

ଉଦଳାରେ ପହଞ୍ଚିବା ପୂର୍ବରୁ ମୁଁ ଶ୍ରୀ ଅରବିନ୍ଦ ପାଠଚକ୍ର ଅନୁଗାମୀ ଥିଲି । ପାଠଚକ୍ରର ଉଦ୍ଦେଶ୍ୟ ବୁଝିବାରେ ସମର୍ଥ ଥିଲେ ବି ପିଲାଳିଆମି ଅତିକ୍ରମ କରିପାରିନଥିଲି । ମୋ ବାପା ହରେକୃଷ୍ଣ ତ୍ରିପାଠୀ ଆମ ଗାଁ, ତରାପୁର ଘରେ ପାଠଚକ୍ର ଆରମ୍ଭ କରିଥିଲେ, ପ୍ରତି ଶୁକ୍ରବାର ସଂଧ୍ୟା ୬ରୁ ୭ ଶ୍ରୀମା ଅରବିନ୍ଦଙ୍କ ସମ୍ବନ୍ଧରେ ଆଲୋଚନା ହେଉଥିଲା । (ଗାଁ) ଅମରଦାରେ ତାଙ୍କ ପ୍ରଚେଷ୍ଟାରେ ଶ୍ରୀ ଅରବିନ୍ଦ ବିଦ୍ୟାପୀଠ ଗଢ଼ିଉଠିଥିଲା । ସିଏ ଅମରଦା ବା ଅମର୍ଦ୍ଦା (ଗାଁ)- (ପାଖରେ ଅଛି ଅମର୍ଦ୍ଦା ରୋଡ଼) ଗ୍ରାମ ପଞ୍ଚାୟତର ସରପଞ୍ଚ ଥିଲେ ତାଙ୍କର ଗୋଟାଏ ବିରାଟ ସଂଗଠନ । ମନ୍ତ୍ରୀ, ଏମ୍‌ପି, ଏମ୍‌ଏଲେ ଠାରୁ ଆରମ୍ଭ କରି ସର୍ବ ସାଧାରଣଙ୍କ ପର୍ଯ୍ୟନ୍ତ । ଜନତାଙ୍କର ସେ ପ୍ରକୃତ ନେତା ଥିଲେ । ନିସ୍ୱାର୍ଥପର ଭାବରେ କର୍ତ୍ତବ୍ୟ ପରାୟଣତାକୁ ଆବୋରି ସଭିଙ୍କର ପ୍ରିୟପାତ୍ର ଥିଲେ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଗୁରୁତ୍ୱପୂର୍ଣ୍ଣ । ବାନର ସେନାର ସୈନିକ ଭାବରେ ସାଥୀମାନଙ୍କ ସହ ମିଶି ଆଲୋଡ଼ନ ସୃଷ୍ଟି କରିଥିଲେ । ପ୍ରତି କଥାରେ 'ଆଜ୍ଞା' ତାଙ୍କ ତୁଣ୍ଡରୁ ବାହାରୁଥିଲା । ପଣ୍ଡିଚେରୀ ଆଶ୍ରମ ସହ ତାଙ୍କର ଯୋଗାଯୋଗ ଘଟିଲା । ବାରମ୍ବାର ଦର୍ଶନ ଦିବସରେ ସିଏ ସେଠାରେ ପହଞ୍ଚୁଥିଲେ । 'ଶ୍ରୀମା'ଙ୍କ ସହ ତାଙ୍କର ସ୍ୱତନ୍ତ୍ର ସାକ୍ଷାତ ଏକ ଅବିସ୍ମରଣୀୟ ଘଟଣା ।

ସେ ସମୟର ପଣ୍ଡିଚେରୀ ଆଜିର ପଣ୍ଡିଚେରୀ ଭିତରେ ଅନେକ ପାର୍ଥକ୍ୟ । ନା ଗେଷ୍ଟ ହାଉସ, ନା ରହିବାର କୌଣସି ବ୍ୟବସ୍ଥା । ବର୍ଷା କାକର ଖରା ସବୁକିଛି ସହିବାକୁ ପଡୁଥିଲା । କେଉଁଠି କେଉଁ ଛାତ ଉପରେ ନାରୀକେଳ, ତାଳର ଛପର ଭିତରେ ମୁଣ୍ଡ ଗୁଞ୍ଜିବାର କଥା । ଅବଶ୍ୟ ଆଶ୍ରମରେ ଖାଇବାର ସୁଯୋଗ ଥିଲା, ସାଧାରଣ ମୂଲ୍ୟରେ । କିନ୍ତୁ ମା'ଙ୍କୁ ଦର୍ଶନ କରିବା ଥିଲା ଅସାଧାରଣ । ମୁଁ ତାଙ୍କ ସହ ସେଠାକୁ ଯିବାର ସୌଭାଗ୍ୟ ପାଇଛି । ବାବାଜି ମହାରାଜ, ଚମ୍ପକ ଲାଲ, ମନୋଜ ଦାସ, ମାଧବ ପଣ୍ଡିତ, ଛୋଟେ ନାରାୟଣ ଶର୍ମା, ଭୋଳେଶ୍ୱର ବାବୁ, ଇମିତି ଅନେକ ସାଧକଙ୍କ ସହ ସଂପର୍କ ହେଉଛି । ନବଜ୍ୟୋତି ପାଠଚକ୍ରରେ ବସିଛି । ଆଖି ପୁରେଇ ମା'ଙ୍କୁ ଦର୍ଶନ କରିବାରେ ମା' ସୁଯୋଗ ଦେଇଛନ୍ତି । ମା କହନ୍ତି ଯିଏ ତାଙ୍କ ପାଖକୁ ଆସେ, ଦର୍ଶନ କରେ କେବଳ (ମା') ସିଏ ଚାହିଁ ଥିବାରୁ । ମାତୃପ୍ରେମୀ ମାନଙ୍କର ଯୋଗଦାନ ଥିଲା । --- ପୂର୍ବନାମ କାଙ୍ଗାଳି ଚରଣ ପତି । ସିଏ ଏହି ୧୯୯୯ ମସିହାରେ ଦର୍ଶନ ଶାସ୍ତ୍ର ବିଭାଗର ଅଧ୍ୟାପକ ଥିଲେ । ବାରିପଦା ଓ ଆଖପାଖ ଅଞ୍ଚଳ ତାଙ୍କ ପାଇଁ ଅଜଣା ନଥିଲା । ମା' ଶ୍ରୀ ଅରବିନ୍ଦଙ୍କୁ ଗ୍ରହଣ କରିବା ପରେ ଆଶ୍ରମରେ କ୍ଷୀର ଆଉଟା କାମ ମା' ତାଙ୍କୁ ଦେଇଥିଲେ । ତାଙ୍କ ନାମ ସେଇଠୁ ହୋଇଥିଲା ---- । ଯିଏ ସର୍ବ --- ଭାବେ ଦିବ୍ୟ କର୍ମରେ ସମର୍ପିତ । ପରେ ପରେ ସେ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ମାନେ ଆଶ୍ରମ ସ୍କୁଲରେ ପାଠପଢ଼ା ଦାୟିତ୍ୱରେ ରହିଲେ । ବାବାଜୀ ମହାରାଜଙ୍କ ପରେ ମର୍ଣ୍ଣ କ୍ରମେ ଓଡ଼ିଶା ପାଠଚକ୍ର ସଂଗଠନ ପାଇଁ ମା'ଙ୍କ ଆଶୀର୍ବାଦ ଦେଇ ଓଡ଼ିଶା ଆସନ୍ତି । ବିଭିନ୍ନ ଅଞ୍ଚଳରେ ପାଠଚକ୍ର ଆରମ୍ଭ ହୁଏ ।

ଆମେ ଘରକୁ ସେ କେତେ ଥର ଆସିଛନ୍ତି । ମୁଢ଼ି, ଆଳୁଦମ୍, ତାଙ୍କର ପ୍ରିୟ, ତା' ସହ ରସଗୋଲା । ଖରାଦିନେ ବେଲ ପଣା, ଆଲୋଚନା ତାଙ୍କର ସାରଗର୍ଭକ, ସମସ୍ତେ ଚକିତ ହୁଅନ୍ତି । ଖୁଣ୍ଟି ନାଣ୍ଟି ପୂର୍ଣ୍ଣ ଯୋଗ ସମ୍ବନ୍ଧରେ, ଭାଷା ସରଳ । ବୁଝିବାରେ କାହାର ଅସୁବିଧା ହୁଏନି । ପୁଣି ତାଙ୍କର ପଶ୍ନୋତ୍ତର କାର୍ଯ୍ୟକ୍ରମ ଥାଏ । କେବେକେବେ ବାବାଜୀ ମହାରାଜ, ଛୋଟେ ନାରାୟଣ ଶର୍ମା, ଚମ୍ପକ ଲାଲ ସାଙ୍ଗରେ ଥାଆନ୍ତି । ଓଡ଼ିଶା ଭ୍ରମଣ ପାଇଁ ସ୍ୱତନ୍ତ୍ର ପ୍ରୋଗ୍ରାମ ହୁଏ, କେଉଁଠି କେଉଁଠି ଅବସ୍ଥାନ ଓ ଅଭିଭାଷଣ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ ଇତ୍ୟାଦି ଆଶ୍ରମରେ ପ୍ରସ୍ତୁତ ହୋଇ ମା'ଙ୍କ ଆଶୀର୍ବାଦ ଲାଭ କରେ । ଉଦଳାରେ ଥରେ ପ୍ରପିତ୍ତଙ୍କର ହାଇସ୍କୁଲ ପଡ଼ିଆରେ ସାଧାରଣ ଆଲୋଚନାଟିଏ ମା' ଶ୍ରୀ ଅରବନ୍ଦଙ୍କ ସମ୍ବନ୍ଧରେ ହୋଇଥିଲା । ବହୁତ ଲୋକଙ୍କର ସମାଗମ, ପ୍ରସାଦ ସେବନର ବି ବ୍ୟବସ୍ଥା ଥିଲା ।

ସେତେବେଳକୁ ଆମ ଘରେ, ଅଭୀପସା ନିଳୟରେ ପ୍ରତି ଶୁକ୍ରବାର ସଂଧ୍ୟାରେ ପାଠଚକ୍ର ହେଉଥିଲା, ଯାହାର ମୂଳଦୁଆ ଆମ ଗାଁ ତରାପୁରରୁ ହିଁ ପଡ଼ିଥିଲା । ଉଦଳାରେ 'ଅରୋ ବିହାର'ର ପରିକଳ୍ପନା ହିଁ ସେଇଠି ସନ ୧୯୭୪ ମସିହାର କଥା । ପ୍ରପତ୍ତି ତାଙ୍କର ମତାମତ ସହ ଶୁଭ ଆଶୀର୍ବାଦ ସୂଚକ ବାଣୀ ଲେଖିଛନ୍ତି । ତାହା ଆମ୍ଭମାନଙ୍କ ପାଇଁ ବିଶେଷ ଉତ୍ସାହପ୍ରଦ ଥିଲା । ଏବେ ବି ଅଛି ।

ଅଭୀପ୍‌ସା ନିଳୟକୁ ପାଠଚକ୍ରରେ ଯୋଗଦାନ ପାଇଁ ଆସୁଥିବା ମାତୃପ୍ରେମୀଙ୍କ ସଂଖ୍ୟା କ୍ରମେ କ୍ରମେ ବଢ଼ିବାକୁ ଲାଗିଲା । ଯାହା ଫଳରେ ଘରର ଦକ୍ଷିଣ ଦିଗରେ ଗୋଟାଏ ପିଣ୍ଡା ତିଆରି ହେଲା । ଯେଉଁଠି ପଚାଶ-ସତୁରୀ ଲୋକ ଅକ୍ଲେଶରେ ବସି ପାରୁଥିଲେ । ଉଦଳାରେ ବିଭିନ୍ନ ଅଞ୍ଚଳରୁ ମେଣ୍ଢାଖାଇ- ନାଗପାଳ ସହ ଜଗନ୍ନାଥ, କ୍ରମେ କ୍ରମେ ଖୁଣ୍ଟା, ପେଡ଼ାଗଡ଼ି, କପ୍ତିପଦା ଆଦିରୁ ଲୋକ ଆସିଲେ । ଖୁଣ୍ଟାରେ ଶ୍ରୀବତ୍ସ ଶତ୍‌ପଥୀଙ୍କ ସହ କେତେଜଣ, କପ୍ତିପଦାରେ ତ୍ରିଲୋଚନା ମିଶ୍ର ଏବଂ କେବେକେବେ ତାଙ୍କ ପୁଅଝିଅ, ବୋହୁ, ଉଦଳା ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, ଛାତ୍ରଛାତ୍ରୀ, କାଳସୋନ(ଡେମ୍), କଲୋନିର ଇଞ୍ଜିନିୟର ଏବଂ ପରିବାରର କେତେଜଣ, ହାଇସ୍କୁଲର ହେଡ ମାଷ୍ଟର, ପି.ଡବ୍ଲ୍ୟୁ.ଡି- ଏସ୍‌ଡିଓ ମୂରଲୀଧର ପଟେଲ, ପୋଲିସ ସାଇବର ଇନ୍‌ସପେକ୍ଟର ପଦ୍ମନାଭ କର ।

କ୍ରମେ କ୍ରମେ ଜାଣିଲି ବିବର୍ତ୍ତନ କଥା । ମାନବର ରୂପାନ୍ତର ଘଟି ଦେବ ମାନଙ୍କର ପରିଣତ ହେବ । ପୃଥିବୀର ଦୁଃଖ ଦୂର ହେବ । କୋମ, କ୍ରୋଧ, ଲୋଭ, ହିଂସା, ପରିବର୍ତ୍ତନ ହେବ, ରୂପାନ୍ତରିତ ହେବ, ରୂପାନ୍ତରିତ ମାନବ ମୃତ୍ୟୁକୁ ଅତିକ୍ରମ କରିବ । ଜରା, ବାର୍ଦ୍ଧକ୍ୟ ହଟିଯିବ ଇତ୍ୟାଦି ଇତ୍ୟାଦି । କିନ୍ତୁ ମୋ ପାଇଁ ତାହା ଥିଲା କଥାର କଥା । ଆସ୍ଥାର ପଛପାଖରୁ ଛାଇ ପରି ସମୁଦ୍ର ପାଣିକୁ ଚାମୁଚରେ ମାପିବା ପରି ।

ପ୍ରକୃତିର ରୂପାନ୍ତର, ଦେଶ କାଳର ରୂପାନ୍ତର, ବିବର୍ତ୍ତନର ଘନଘଟା ଭିତରେ ଅସୁରର ମାୟା ଜାଲ କାଟି ମଣିଷ ମାଟି ଚାଲିବ ଆଗକୁ । ଗଛକୁ ହଟିବାର ପ୍ରଶ୍ନ ନାହିଁ, ଅତୀତ ପଡ଼ି ରହିବ, ତାହାକୁ ଛାଡ଼ି ପରିବର୍ତ୍ତନ ଆଗେଇ ଯିବ ଏବଂ ଏଇଥି ପାଇଁ ଶ୍ରୀମା. ଶ୍ରୀ ଅରବିନ୍ଦଙ୍କ ଧରାବତରଣ ।

ଅମର୍ଦ୍ଦା (ଗାଁ)ର ପ୍ରଭାସ ବ୍ରହ୍ମା ପ୍ରଥମେ ସଂକେତ ଦେଇଥିଲେ ବାପାଙ୍କୁ । ତା' ପରେ ଝଡ଼ ବହିଲା, ଆମ ଅଞ୍ଚଳ ପଣ୍ଡିଚେରୀ ଅଭିମୁଖୀ ହେଲା । ଏଇଠି କଥାଟିଏ ହେଉଛି ମୁଁ ବାରିପଦା ଏମ୍.ପି.ସି କଲେଜରେ ପଢ଼ିବା ସମୟରେ ବୁଢ଼ାବଳଙ୍ଗ କୂଳ ରବିଜିତ ମେସରୁ ଯେଉଁ ବାଟ ଦେଇ କଲେଜକୁ ଯାଉଥିଲି, କଡ଼ରେ Porf S.V ramaya ଙ୍କ କ୍ୱାଟର । ସେଇଠି ପ୍ରତିଦିନ ଏକ ଦିବ୍ୟ ସୁଗନ୍ଧ ମୋତେ ମୋହିତ କରୁଥିଲା । ମୁଁ ଦିନେ ନିଜକୁ ସମ୍ଭାଳି ନପାରି ସାରଙ୍କ ପାଖକୁ ଗଲି । ତାହା ଥିଲା ଅପରାହ୍ନର ଶେଷ ମୁହୂର୍ତ୍ତ, ସଂଧ୍ୟାର ଆରମ୍ଭ । ସାର୍‌ଙ୍କ ଘରେ ଭଜନ ଚାଲିଥିଲା । କିଛି ନଜାଣି ନ ବୁଝି ବସିଗଲି । ଆଖି ଆପେ ଆପେ ମୁଦି ଆସିଲା । ଆରତି ହେଲା ଏବଂ କେହି ଜଣେ ମୋ ହାତକୁ ପ୍ରସାଦ ବଢ଼େଇ ଦେଲେ ଓ କପାଳରେ ବିଭୂତି ଲଗେଇଲେ । ସାର୍‌ଙ୍କୁ ପ୍ରଣାମ କଲି । କଥା ପ୍ରସଂଗରେ ସାର୍ କହିଲେ ବହୁତ ଭଲ, ସବୁଦିନ ଏହି ସମୟରେ ଆସିବ । ତହିଁ ପରଠାରୁ ମୁଁ ସେଠାକୁ ଚାଲିଲି ଯେ ଚାଲିଲି, ଥମି ଯାଇନି । ପରୀକ୍ଷା ପରେ ସାର୍ ଦିନେ କହିଥିଲେ ଚାକିରୀ କଲେ ଗୋଟାଏ ଭଜନ ମଣ୍ଡଳି କରିବ । ମୁଁ ବୁଝିଗଲି ଚାକିରୀ ମୋ ପାଇଁ ଥୁଆ । ସାର୍ କହିଛନ୍ତି- ଚାକିରୀ କଲେ, ସେଠାରେ ଶ୍ରୀମାଙ୍କର ଫଟୋ ବି ଟଙ୍ଗା ହୋଇଥିଲା, ଆସ୍ଥାନରେ ବାବାଙ୍କର ପୂର୍ଣ୍ଣାୟବ ଫଟୋ ସହ ଭେଙ୍କଟେଶ୍ୱରଙ୍କ ଫଟୋ, ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କର ବି । ଧୂପବତୀର ସୁଗନ୍ଧ ଭିତରେ ବାବାଙ୍କ ବିଭୂତିର ସୁବାସ ଏକାକାର ହେଉଥିଲା । ମନରେ ଗୋଟାଏ ଉଲ୍ଲାସ ଭରି ଯାଉଥିଲା । ମୋ ଦେଖାଦେଖି ରବିଜିତ ମେସର ଆଉ କେତେ ଜଣ ବି ସେଇଠି ପହଞ୍ଚୁ ଥିଲେ ।

ମୋର ଏମ୍.ପି.ସି କଲେଜରେ ପାଠ ପଢ଼ିବାର ପ୍ରାୟ ଦୁଇବର୍ଷ ପରେ ସେଠାରେ ଆରମ୍ଭ ହୋଇଥିଲା ଶ୍ରୀ ଅରବିନ୍ଦ ଛାତ୍ର ସମାଜ । ପୂର୍ବରୁ ପ୍ରପତ୍ତିଙ୍କର ଗୋଟାଏ ପ୍ରୋଗ୍ରାମ କଲେଜରେ ଅନୁଷ୍ଠିତ ହୋଇଥିଲା । କଲେଜ ପିଲା ସାର୍ ମାନଙ୍କ ସହ ଗୋବିନ୍ଦ ସହ ବି ତାଙ୍କର ପୁତ୍ରକନ୍ୟା, ଶ୍ରୀ ଚୈତନ୍ୟ ସନ୍ନୁଶାକ ଏବଂ ଆହୁରି ଅନେକ ପାଖ ପଡ଼ୋଶୀ । ଉଦଳା ମହାବିଦ୍ୟାଳୟରେ ଛାତ୍ର ସମାଜ ଗଠନ ହେଲା, ଚନ୍ଦନ, ବୈଦ୍ୟନାଥ, ରସାନନ୍ଦ ଇତ୍ୟାଦିଙ୍କ ଉଦ୍ୟମରେ ପାଠଚକ୍ର ହେଉଥିଲା । ଅଭୀପ୍‌ସା ନିଳୟ ପାଠଚକ୍ର ଶୁକ୍ରବାର ପରି ବସେ ବୁଧବାରକୁ ଆସିଲା । କାରଣ ଶୁକ୍ରବାର ଉଦଳାରେ ହାଟ ସବାରୁ ସମସ୍ତଙ୍କର ପ୍ରସ୍ତୁତି ହୋଇ ପାଠଚକ୍ରରେ ଯୋଗଦାନ କେବେ କେବେ ବିଳମ୍ବ ହେଉଥିଲା । ଶ୍ରୀ ପଦ୍ମନାଭ କରଙ୍କର ଦୁର୍ଗାସ୍ତୋତ୍ର ପାଠରେ ଚମତ୍କାରିତା ଥିଲା ଯାହା ସମସ୍ତଙ୍କୁ ଆକର୍ଷିତ କରୁଥିଲା । ଅନର୍ଗଳ ଯାହାକୁ କୁହାଯାଏ ନନ୍‌ଷ୍ଟପ୍ । ସେମିତି ଭଗବାନ ଦାସଙ୍କର ଆଲୋଚନା ଅଭିରାମ ସମସ୍ତଙ୍କର ସାଜସଜ୍ଜାର ନୂତନତ୍ୱ, ତ୍ରିଲୋଚନ ମିଶ୍ରଙ୍କର ମା'ଙ୍କ ପ୍ରତି ଆସ୍ଥା, ନାମଜପ, ଶ୍ରୀବତ୍ସ ଶତପଥିଙ୍କ ମାତୃ କର୍ମରେ ନିଷ୍ଠା, ମୁରଲୀଧର ପଟେଲଙ୍କ ଉଦାହରଣ ଦେଇ ଆଲୋଚନା, ରମେଶ ଚନ୍ଦ୍ର ଦାଶଙ୍କର ପାଠଚକ୍ର ସମ୍ବନ୍ଧୀୟ ବିଭିନ୍ନ ଜିଜ୍ଞାସା, ଚିରସ୍ୱାଇଁଙ୍କର ପାଠଚକ୍ରରୁ ଆମେ କଣ ଶିଖିଲୁ, ସରୋଜିନୀ ସାହୁଙ୍କର ଦୃଢ଼ ନିଷ୍ଠା, ବେତନଟିରୁ ଯେବେ ଆସନ୍ତି ସର୍ବେଶ୍ୱର ମାହାନ୍ତ ତାଙ୍କର ସଂକ୍ଷିପ୍ତ ଆଲୋଚନା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଥିଲା । ଏମିତି ଅନେକଙ୍କର ଅନେକ କଥା, କେତେ ପ୍ରଶ୍ନ- କେତେ ଉତ୍ତର ।

ପାଠଚକ୍ର ଦିନ ସକାଳେ ମୁଁ ଆମଘର ଆଗ ରାସ୍ତା ନିଜେ ପହଁରା ଧରି ଝାଡୁ କରି ସଫା କରୁଥିଲି, ପାଖାପାଖି ଦେଢ଼ଶହ ଦୁଇଶହ ହାତ । ଘର ଉପରେ ଗୋଟାଏ ତେଜିୟାନ ବଲ୍ବ ସଂଧ୍ୟାରେ ଜକାଯାଉ ଥିଲା । ଗୋଟାଏ ବୋଡକର ଲେଖାଗଲା ଶ୍ରୀ ଅରବିନ୍ଦ ପାଠଚକ୍ର ଉଦଳା । ପାଠଚକ୍ର ଆରମ୍ଭ ହେବା ପୂର୍ବରୁ ମୋ ସହ ଧର୍ମଣୀ ବନ୍ଦନା ଦେବୀ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରୁଥିଲେ । କେବେ ଉପମା ତ କେବେ ଛଣାଛଣି, କେବେ ବୁଢ଼ା ଚକୁଳି ତ ବେଲପଣା, ତରଭୁଜ, ପାଚିଲା ଆମ୍ବ, କିଛି ନ ହୋଇ ପାରିଲେ ଲେମ୍ବୁ ସରବତ, ଚା' ନହେଲେ ସୁଜି ହାଲୁଆ, ସିମେଇ । ଲେଖୁ ଲେଖକୁ ଆଜି ସେସବୁ କଥା ମନକୁ ଆସିବା ବେଳକୁ ମୁଁ ଆଶ୍ଚର୍ଯ୍ୟ ହେଉଛି, ଘଟଣାର ମୋଡ଼ କେମିତି ଥିଲା । ଭଲ ପାଇବା, ଶ୍ରଦ୍ଧା, ଭକ୍ତି, ଅନୁରାଗ ସହ ସମର୍ପିବା ନ ଜାଣି, ସମର୍ପିତ ଆପେ ଆପେ ହୋଇଯିବା, ଯାହା ଏବେକାର ପାଠଚକ୍ରରେ ଦୁର୍ଲଭ । ମନୋବୃତ୍ତିରେ ଶିଥିଳତା ଖାମଖିଆଲି ଢ଼ଂଗ ମା'ଙ୍କ ଆଡ଼କୁ ଦୁଇପାଦ ଯିବା ବେଳକୁ ପାଦ ଥକୁଛି, ଆଣ୍ଠୁଗଣ୍ଠିରେ ବଥା ବାହାରି ପଡୁଛି କିଏ ବସି ପଡୁଛି ପୁଣି କାହାର ନିୟମିତତା ନାହିଁ । ଆଉ କିଏ କହୁଛି ଏସବୁ ମା'ଙ୍କ ଇଚ୍ଛା । ଯାହା ମୋଟେ ବି ନୁହେଁ । (କ୍ରମଶଃ)

ମୋ: ୯୪୩୮୨୩୨୬୦୪

# ଉତ୍ସାହ ଓ ନୈରାଶ୍ୟଜନକ



## ସୌଭାଗ୍ୟ ରଂଜନ ମହାନ୍ତି

ନିକଟରେ ପ୍ରକାଶିତ ସାମ୍ପୁଲ ରେଜିଷ୍ଟ୍ରେସନ ସିଷ୍ଟମ ରିପୋର୍ଟ ୨୦୨୪ରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଭୟ ଉତ୍ସାହ ଓ ନୈରାଶ୍ୟର ସନ୍ଦେଶ ଦିଏ । ଦେଶରେ ଜନ୍ମହାର ମୋଟ ଜୀବନ୍ତ ଜନ୍ମ ସଂଖ୍ୟା ୨୦୧୪ରେ ପ୍ରତି ୧୦୦୦ ଜନସଂଖ୍ୟାରେ ୨୧ଥିବା ବେଳେ ୨୦୨୪ରେ ୧୮.୩କୁ ହ୍ରାସ ପାଇଛି । ସେହିପରି ଶିଶୁ ମୃତ୍ୟୁ ହାର(ଆଇଏମଆର) ୨୦୧୪ ରୁ ୨୦୧୯ ମଧ୍ୟରେ ପ୍ରତି ୧୦୦୦ରେ ୩୯ ଥିବା ସମୟରେ ୨୦୨୪ରେ ୨୪ କୁ ହ୍ରାସ ପାଇଛି । ଏହା ନିସନ୍ଦେହ ଯେ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଦଶନ୍ଧି ଦଶନ୍ଧି ଧରି ଆବଶ୍ୟକୀୟ ବିନିଯୋଗ ଏବଂ ଫଳପ୍ରଦ ଯୋଜନା ଯୋଗୁଁ ଏହି ଉପଲବ୍ଧି ହାସଲ ହୋଇଛି । ତେବେ ଗ୍ରାମାଚଂଳ ଓ ସହରାଚଂଳ ଏବଂ ରାଜ୍ୟ-ରାଜ୍ୟ ମଧ୍ୟରେ ବ୍ୟାପକ ବ୍ୟବଧାନ ଜାତୀୟ ହାରାହାରି କ୍ଷେତ୍ରରେ ରିପୋର୍ଟରେ କିଛି କୁହାଯାଇନାହିଁ । ଛତିଶଗଡରେ ଆଇଏମଆର ସର୍ବୋଚ୍ଚ ରେକର୍ଡ ୩୬ ଥିବାବେଳେ ମଧ୍ୟପ୍ରଦେଶ ଓ ଉତରପ୍ରଦେଶରେ ୩୫ ଲେଖାଏଁ, ତାମିଲନାଡୁ, ହିମାଚଳ ଏବଂ ଦିଲ୍ଲୀରେ ୧୧ ଲେଖାଏଁ ଏବଂ କେରଳରେ ମାତ୍ର ୮ ରହିଛି । ଓଡିଶାରେ ପ୍ରତି ୧୦୦୦ ଜୀବନ ଶିଶୁରେ ଆଇଏମଆର ହାର ୨୮ ରୁ ୩୨ ଥିବାବେଳେ ଜାତୀୟ ସ୍ତରରେ ଏହି ହାର ୨୦୨୪ରେ ୨୪ ଥିବା ରିପୋର୍ଟରେ କୁହାଯାଇଛି । ଏହା ନିଶ୍ଚିତ ଯେ ଶିଶୁ ମୃତ୍ୟୁ ହାର ନିୟନ୍ତ୍ରଣ କ୍ଷେତ୍ରରେ ସଫଳତା ଓ ବିଫଳତା କେବଳ ସ୍ଥାନୀୟ ପ୍ରାଶସନର କାର୍ଯ୍ୟଦକ୍ଷତାକୁ ଦର୍ଶାଉଛି ବୋଲି କୁହାଯାଇପାରେ । ରିପୋର୍ଟରେ ଆହୁରି କୁହାଯାଇଛି ଯେ ଶିଶୁ ମୃତ୍ୟୁ ହାର (ଆଇଏମଆର) କ୍ଷେତ୍ରରେ ଗ୍ରାମାଚଂଳ ଓ ସହରାଚଂଳ ମଧ୍ୟରେ ପାର୍ଥକ୍ୟ ମଧ୍ୟ ଚିନ୍ତାଜନକ ପର୍ଯ୍ୟାୟରେ ରହିଛି । ରିପୋର୍ଟ ଅନୁଯାୟୀ ଗ୍ରାମାଚଂଳରେ ପ୍ରତି ୧୦୦୦ ଶିଶୁରେ ମୃତ୍ୟୁହାର ୨୭ ଥିବାବେଳେ ସହରାଚଂଳରେ ଏହା ୧୭ ରହିଛି । ଏହି ପାର୍ଥକ୍ୟ ସ୍ୱାସ୍ଥ୍ୟଯତ୍ନ ପ୍ରଦାନରେ ଅସମାନତା, ସଚେତନତା ଏବଂ ମାତୃତ୍ୱ ପୁଷ୍ଟିର ଅଭା ଏହାର କାରଣ ବୋଲି କୁହାଯାଏ । ସେହିପରି ମାତୃ ମୃତ୍ୟୁ ହାର (ଏମଏମଆର) ଜାତୀୟ ସ୍ତରରେ ୮୮ ଥିବା ବେଳେ ସାମଗ୍ରିକ ଭାବେ ମାତ୍ର ଗୋଟିଏ ପଏଂଟ ହ୍ରାସ ପାଇଛି । କିନ୍ତୁ ଏସଆରଏସ ରିପୋର୍ଟ ଅନୁଯାୟୀ ଓଡିଶା ଏମଏମଆରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା କୁହାଯାଏ । ୨୦୨୧-୨୩ ମସିହାରେ ରାଜ୍ୟରେ ପ୍ରତି ୧ଲକ୍ଷ ଜୀବନ ଶିଶୁଙ୍କ ଜନ୍ମ କ୍ଷେତ୍ରରେ ୧୫୩ ଜଣ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୨-୨୪ ବର୍ଷରେ ଏହା ହ୍ରାସ ପାଇଁ ୧୨୪ରେ ପହଁଚିଛି । ଅର୍ଥାତ ଏମଏମଆର ୨୯ ପଏଂଟ ହ୍ରାସ ପାଇଛି । ମାତୃମୃତ୍ୟୁ ହାର ହ୍ରାସ କରିବା କ୍ଷେତ୍ରରେ ଓଡିଶା ଅନ୍ୟରାଜ୍ୟଙ୍କ ତୁଳନାରେ ସର୍ବାଗ୍ରେ ରହିଛି । ଏସଆରଏସର ସୂଚନା ଅନୁଯାୟୀ ଏହି ସମୟରେ ଆସାମରେ ଏମଏମଆର ୨୬, ଛତିଶଗଡରେ ୨୨, ତାମିଲନାଡୁରେ ୧୦ ଏବଂ କେରଳରେ ୬ ପଏଂଟ ହ୍ରାସ ପାଇଛି । କହିବା ବାହୁଲ୍ୟ ଯେ, ଆମ ରାଜ୍ୟରେ ଏମଏମଆର ସର୍ବାଧିକ ହ୍ରାସ ପାଇଥିଲେ ମଧ୍ୟ ଜାତୀୟ ହାର ତୁଳନାରେ ଏବେ ବି ଯଥେଷ୍ଟ ଅଧିକ ରହିଛି । ଉଲ୍ଲେଖ କରାଯାଇପାରେ ଯେ, ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରକୁ ରାଜ୍ୟ ସରକାର ଯଥେଷ୍ଟ ଗୁରୁତ୍ୱ ଦେଇ ଆସୁଛନ୍ତି । ଅପହଂଚ ଇଲାକାରେ ସ୍ୱାସ୍ଥ୍ୟାନୁଷ୍ଠାନରେ ପ୍ରସବକୁ ପ୍ରାଥମିକତା ଦେଇ ମା' ଗୃହ ପ୍ରତିଷ୍ଠା କରିଛନ୍ତି । ରାଜ୍ୟରେ ଅପହଂଚ ଅଂଚଳରେ ମୋଟ ୧୨୫ଟି ମା' ଗୃହ ଥିବାବେଳେ ଦୁର୍ଗମ ତଥା ରାସ୍ତାଘାଟ ନଥିବା ଅଂଚଳରୁ ଶିଶୁ ଓ ଗର୍ଭବତୀଙ୍କ ମୃତ୍ୟୁ ନେଇ ଯେଉଁ ରିପୋର୍ଟ ଆସୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି କହିଲେ ଭୁଲ ହୋଇନପାରେ । ନିକଟରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଘୁନସର ଗ୍ରାମପଂଚାୟତର ଚଚରାଭଟା ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇନପାରିବାରୁ ଜଣେ ଗର୍ଭବତୀ ଦୁଇଟି ମୃତ ଯାଆଁଳା ଶିଶୁ ଜନ୍ମ କରିଥିବା ଘଟଣା ରାଜ୍ୟରେ କେବଳ ଚାଂଚଲ୍ୟ ସୃଷ୍ଟି କରିନାହିଁ, ରାଜ୍ୟର ବିକାଶ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଲେ ଅତିରଂଜିତ ହେବ ନାହିଁ, କେବଳ ଏହି ଗୋଟିଏ ଘଟଣା ନୁହେଁ । ରାସ୍ତାଘାଟ ନଥିବାରୁ ଗର୍ଭବତୀଙ୍କ ନିକଟରେ ଆମ୍ବୁଲାନ୍ସ ପହଁଚି ନପାରିବା, ଖଟିଆରେ ବୁହା ହେବା ଗଣମାଧ୍ୟମରେ ଶିରୋନାମା ପାଲଟିଛି । ସେହିପରି ନବଜାତକ ଯତ୍ନ କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ମାତୃ ସ୍ତନ୍ୟପାନ କିନ୍ତୁ ରାଜ୍ୟର ୫୦ ପ୍ରତିଶତ ଶିଶୁଙ୍କ ଭାଗ୍ୟରେ ମା' କ୍ଷୀର ଜୁଟୁ ନଥିବା ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ୨୦୨୩-୨୪ରେ ଚିନ୍ତାଜନକ ତଥ୍ୟ ପ୍ରକାଶ ପାଇଛି । ଯାହାର ପରିଣତି ସ୍ୱରୁପ ଶିଶୁଙ୍କ ଉଚ୍ଚତା ଓ ଓଜନ ଅଭିବୃଦ୍ଧି ନିମ୍ନଗାମୀ ହେଉଥିବା ରିପୋର୍ଟରେ କୁହାଯାଇଛି । ଗ୍ରାମାଚଂଳ ତୁଳନାରେ ସହରାଚଂଳରେ ଅଧିକ ଶିଶୁ ମା'କ୍ଷୀରରୁ ବଂଚିତ ହେଉଛନ୍ତି । ଏଥିଲାଗି ବ୍ୟାପକ ପ୍ରଚାର ଓ ସଚେତନତା ଆବଶ୍ୟକ ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-
୭୫୧୦୦୨
ମୋ:୯୪୩୭୯୯୪୩୭୯




# କୈକେୟୀ

## ଡ. ଶୁଭେନ୍ଦୁ ମେହେର

କାଳର କପାଳରେ କଳା ଟିପା....!
ଯୁଗସନ୍ଧ୍ୟାର ରକ୍ତିମ ସନ୍ଧ୍ୟା,
ମାତୃତ୍ୱର ମନ୍ଦିରଠୁ କାହିଁ ଦୂର ତୁ,
ତୁ' ହେଉଛୁ ସେଇ ବଜ୍ରାଘାତ
ଯାହା ପଡ଼ିଲେ ହିଁ ଆକାଶ ଫାଟି ଅବତାର
ଜନ୍ମ ନିଏ ।

ତୋତେ କେହି ମା' ବୋଲି ଡାକେନା,
କେହି ରାଣୀ ବୋଲି ପୂଜେନା,
ତୁ' କେବଳ ସେଇ ପ୍ରଶ୍ନ........
ଯାହାର ଉତ୍ତର ପାଇଁ
ରାମାୟଣ ବଞ୍ଚି ପାରିଲା ।

ହୃଦୟରେ ପୁତ୍ର ପାଇଁ ବ୍ୟାକୁଳତା,
ହାତ ହୋଇଗଲା ବିଧାତାର ବଜ୍ର !
ମୋହ ଡୋରିକୁ ଧରି
ଟାଣୁଥିଲୁ ମର୍ଯ୍ୟାଦାର ସୂତ୍ର
ଯେଉଁଥିରେ ବନ୍ଧା ଥିଲା
ରାବଣର ମୃତ୍ୟୁ,
ଧର୍ମର ପ୍ରତିଷ୍ଠା,
ଆଉ ମର୍ଯ୍ୟାଦା ପୁରୁଷର ପରୀକ୍ଷା ।

ମନ୍ଥରା ମନ୍ତ୍ରରେ !
ଅଯୋଧ୍ୟା ବିଧବା ହେଲା,
ଦଶରଥଙ୍କ ଶେଷ ନିଃଶ୍ୱାସ,
କୌଶଲ୍ୟାଙ୍କ ଶୂନ୍ୟ କୋଳ,
ସୀତାଙ୍କ ଅଗ୍ନିପରୀକ୍ଷା,
ଭରତଙ୍କ ତୃଣଶଯ୍ୟା
କେବଳ ତୋ'ର ଦୁଇ ଓଠର କମ୍ପନ ।

ତୁ' ଅପରାଧୀ ନୁହେଁ.....
କ୍ଷମା ଅନାବଶ୍ୟକ
ତୁ' ହେଉଛୁ ସେଇ ଅନିର୍ବାର୍ଯ୍ୟ ବେଦନା
ଯେଉଁଠି ମହାକାବ୍ୟ ଜନ୍ମ ନିଏ ।
ତୋ' କଳଙ୍କର ଅନ୍ଧାର ନ ଥିଲେ
ରାମଙ୍କ ଚରିତ୍ରର ଚନ୍ଦ୍ର କେବେ
ଜ୍ୟୋସ୍ନା ଢାଳିନଥାନ୍ତା ।
ତୁ' ହିଁ ସେଇ ଶୂନ୍ୟ
ଯାହା' ଉପରେ ବିଧାତା ପୂର୍ଣ୍ଣର
ପ୍ରତିଷ୍ଠା କଲେ ।

ଯଦି ତୁ' ନ ଥାନ୍ତୁ,
ରାମ ରାଜା ହୋଇଥାନ୍ତେ,
କିନ୍ତୁ ଭଗବାନ ହୋଇ ନଥାନ୍ତେ !

ତୁ' ଅନନ୍ତ ଅନୁତାପର ପ୍ରତିମା,
କ୍ଷମା ମାଗୁ ନଥିବା ଅପରାଧୀ,
କଳଙ୍କ ନାଁ'ରେ.........
ଗୋଟେ ଯୁଗର ଦାୟିତ୍ୱ ବୋହିଲୁ ।
ତୋ' ନିନ୍ଦାରେ ହିଁ
ରାମ ରାମତ୍ୱ ପ୍ରାପ୍ତି ହେଲା,
ତୋ' ପତନରେ ହିଁ
ଧର୍ମର ଉତ୍ଥାନ ହେଲା ।
ତୁ' ସେଇ ଅନ୍ଧାର......
ଯାହା ବିନା ରାମାୟଣର ସୂର୍ଯ୍ୟ
କେବେ ଉଦୟ ହୋଇ ନ ଥାନ୍ତା ।

ତୋ' ଆଖିର ଲୁହ ଯେତିକି ଲୁଣିଆଁ,
ରାମାୟଣର ପ୍ରତିଟି ଅକ୍ଷର
ସେତିକି ପବିତ୍ର ।
ତୁ ଖଳନାୟିକା ନୁହେଁ,
ତୁ ସେଇ ନିର୍ଦ୍ଦୟ ସତ୍ୟ ।
ଯାହାକୁ ସହି ହିଁ ଈଶ୍ୱର ମଣିଷ ହୁଅନ୍ତି,
ଆଉ ମଣିଷ ମଧ୍ୟ ଈଶ୍ୱର ହୋଇଯାଏ ।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

# ରାତିରେ ଭଲ ନିଦ ପାଇଁ ଆଜିହିଁ ଆରମ୍ଭ କରନ୍ତୁ ଏହି ଆୟୁର୍ବେଦିକ ପାନୀୟ



ସୁସ୍ଥ ରହିବା ପାଇଁ ଆମେ ପ୍ରତିଦିନ ରାତିରେ ଅତି କମରେ ୮ ଘଣ୍ଟା ଶୋଇବା ଉଚିତ ବୋଲି ଡାକ୍ତର ପରାମର୍ଶ ଦିଅନ୍ତି । କିନ୍ତୁ ଶୋଇବାକୁ ଚେଷ୍ଟା କରିବା ବେଳେବେଳେ କଷ୍ଟକର ହୋଇଥାଏ । ଆପଣ ପ୍ରକୃତରେ ଶୋଇବା ଅପେକ୍ଷା କିଛି ସମୟ ଶୋଇବା ପାଇଁ ଚେଷ୍ଟା କରିନ୍ତି ଏବଂ ସମୟ ଚାଲିଯାଏ । ଏହାର ସମାଧାନ ହଜାର ହଜାର ବର୍ଷ ଧରି ଥିବା ଆୟୁର୍ବେଦ ପାଖରେ ଅଛି । ଆସନ୍ତୁ ଦେଖିବା ଏହି ଆୟୁର୍ବେଦିକ ନିଦ ବୃଦ୍ଧିକରିବା ପାଇଁ କଣ କଣ ଉପାୟ ଦେଇଥାଏ । ଭଲ ନିଦ ପାଇଁ ଆମକୁ ସଠିକ ଭାବରେ ଖାଇବା ପିଇବା କରିବା ଉଚିତ୍ । ସେଥି ମଧ୍ୟରୁ ଆମେ ପିଇବା ପାଇଁ କଣ କଣ କରିପାରିବା ଆସନ୍ତୁ ଦେଖିବା ।

ପ୍ରଥମ ପାନୀୟ ହେଉଛି ମୁନ୍ ଡ୍ରିଙ୍କ୍ ;ଏକ ପାରମ୍ପରିକ ଆୟୁର୍ବେଦିକ ରେସିପି । ଏହା କିପରି ପ୍ରସ୍ତୁତ କରିବା ଆସନ୍ତୁ ଜାଣିବା ଏହା ଉଷୁମ କ୍ଷୀର, ହଳଦୀ, ଜାଇଫଳ ଏବଂ କେସର ସହିତ ତିଆରି କରାଯାଏ । ହଳଦୀ କ୍ଷତ ଏବଂ ପ୍ରଦାହକୁ ସୁସ୍ଥ କରିବା ଏବଂ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରିବା ପାଇଁ ଜଣାଶୁଣା । ଜାଇଫଳ ଏବଂ କେସର ଚିନ୍ତା ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସାରେ ସହାୟକ । ଦ୍ୱିତୀୟ ପାନୀୟ ଏହି ପାନୀୟ ତିଆରି କରିବା ପାଇଁ ୧ କପ୍ କ୍ଷୀର ଗରମ କରନ୍ତୁ । ୧ ଚାମଚ ହଳଦୀ, ଅଧ ଚାମଚ ଜାଇଫଳ ପାଉଡର ଏବଂ ଏକ ଚିମୁଟା କେସର ମିଶାନ୍ତୁ । ଏହି ଗୋଲଡ୍ଡେନ ପାନୀୟ ଆପଣଙ୍କ ଶରୀର ଏବଂ ମନ ଉପରେ ଅତ୍ୟନ୍ତ ଶାନ୍ତ ପ୍ରଭାବ ପକାଇଥାଏ ।

ନିଦ ଆଣିବା ପାଇଁ ଆମର ତୃତୀୟ ପାନୀୟ ହେଉଛି ଯଷ୍ଟିମଧୁ ପାନୀୟ ଏବଂ ଏହାକୁ ଲାଇକୋରାଇସ୍ ପାନୀୟ ମଧ୍ୟ କୁହାଯାଏ । ଏହା କ୍ଷୀର ଏବଂ ଯଷ୍ଟିମଧୁ ସହିତ ତିଆରି କରାଯାଏ ଯାହାକୁ ଆଗରୁ 'ଲାଇକୋରାଇସ୍' କୁହାଯାଏ । ଯଷ୍ଟିମଧୁ ଶୁଖିଲା ମୂଳ, ପାଉଡର ଏବଂ ଟ୍ୟାବଲେଟର ଖଣ୍ଡ ଭାବରେ ଉପଲବ୍ଧ । ଆୟୁର୍ବେଦ ପ୍ରାୟତଃ ଚିନ୍ତାର ମୁକାବିଲା ପାଇଁ ଯଷ୍ଟିମଧୁ ବ୍ୟବହାର କରେ କାରଣ ଏହା ଅତ୍ୟଧିକ ସକ୍ରିୟ ସ୍ନାୟୁଗୁଡ଼ିକୁ ଶାନ୍ତ କରେ ଯାହା ଜଣେ ବ୍ୟକ୍ତିକୁ ଅସ୍ଥିର କରିପାରେ । ଏହା ଶ୍ୱାସକ୍ରିୟା ଅବସ୍ଥା ଏବଂ ପାଚନ ଅସନ୍ତୁଳନ ସମେତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ଚିକିତ୍ସା ପାଇଁ ମଧ୍ୟ ବ୍ୟବହୃତ ହୁଏ । ଏହି ପାନୀୟ ବହୁତ ଲାଭକାରୀ ।

# ଘର ଭାଙ୍ଗୁଛି ମୋବାଇଲ୍ : ସମ୍ପର୍କରେ ସନ୍ଦେହ ବଢ଼ାଉଛି ସ୍ମାର୍ଟଫୋନ୍

ବର୍ତ୍ତମାନ ଯୁବପିଢ଼ିଙ୍କ ମଧ୍ୟରେ ଛାଡ଼ପତ୍ର ସମସ୍ୟା ବହୁଳ ମାତ୍ରାରେ ବଢ଼ିଯାଇଛି । ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ବୁଝାମଣାର ଅଭାବ । ଉଭୟ ଉଭୟଙ୍କ ପ୍ରତି ଦୋଷାରୋପ କରିବା, ପରସ୍ପର ପ୍ରତି ସନ୍ଦେହ ଯୋଗୁଁ ଛାଡ଼ପତ୍ର ସଂଖ୍ୟା ଦିନକୁ ଦିନ ବଢୁଛି । ଅଳ୍ପ କିଛି ମାମଲାରେ ସତ୍ୟତା ଥାଇପାରେ । ହେଲେ ଅଧିକାଂଶ ମାମଲାରେ ସନ୍ଦେହ ହିଁ ଛାଡ଼ପତ୍ରର ପ୍ରମୁଖ କାରଣ । ମୁଖ୍ୟତଃ ସ୍ମାର୍ଟଫୋନ୍ ଏଥିପାଇଁ ଦାୟୀ । ସରଳ ଭାଷାରେ କହିଲେ ସବୁ ନାଟର ଗୋବର୍ଦ୍ଧନ ହେଉଛି ମୋବାଇଲ୍ । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଟିଂ ଯୋଗୁଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିଶ୍ୱାସ ଆଜି ସଂକଟରେ । ଯାହାଦ୍ୱାରା ପରସ୍ପର ମଧ୍ୟରେ ସନ୍ଦେହ ବଢୁଥିବା କଥା ରାଜ୍ୟ ମହିଳା ଆୟୋଗ ଅଧକ୍ଷା ଶୋଭନା ମହାନ୍ତି କହିଛନ୍ତି । ମୋବାଇଲ୍ ଜରିଆରେ ଶାଶୁଘରେ କରାଯାଉଥିବା କଥାବାର୍ତ୍ତା




ଛାଡ଼ପତ୍ରର କାରଣ ପାଲଟୁଛି । ଅନ୍ୟପକ୍ଷରେ ଉଚ୍ଚ ବର୍ଗରେ ଅହଙ୍କାର ହେଉଛି ଏହାର ଦ୍ୱିତୀୟ ବଡ଼ କାରଣ । ଶାଶୁଘରର ପ୍ରତିଟି ଛୋଟରୁ ଛୋଟ କଥା ବାପଘରକୁ ଜଣାଇବା ଦ୍ୱାରା ସଂପର୍କରେ ଅଧିକ ଫାଟ ସୃଷ୍ଟି ହୁଏ ଏବଂ ସଂପର୍କ ଭାଙ୍ଗିବାର ସମ୍ଭାବନା ମଧ୍ୟ ବଢ଼ିଯାଏ । ଅନ୍ୟପକ୍ଷରେ ଆଇନଜୀବୀ କହିଛନ୍ତି ଯେ ଆର୍ଥିକ ସ୍ତରରେ ସବଳ ସ୍ୱାମୀ , ସ୍ତ୍ରୀଙ୍କ ଅହଙ୍କାର ଅଧିକ ଥାଏ । ଛୋଟ ଛୋଟ ଝଗଡ଼ାରେ ଦୁହିଁଙ୍କ ଇଗୋ ହର୍ଟ ହେଲେ ମାମଲା ଛାଡ଼ପତ୍ରର ରୂପ ନିଏ । ଯଦି ସ୍ୱାମୀ,ସ୍ତ୍ରୀ ଅନ୍ୟ କାହା ସାମ୍ନାରେ କାହାରିକୁ ପାଟି କରିଦିଅନ୍ତି ତା'ହେଲେ ଛାଡ଼ପତ୍ର ହେବାରେ ଅଧିକ ସମୟ ଲାଗେନି । ତେବେ ଖାଲି ଉଚ୍ଚ ବର୍ଗ କାହିଁକି ଏହି ତାଲିକାରେ ଗରିବ ଶ୍ରେଣୀର ଦମ୍ପତି ମଧ୍ୟ ସାମିଲ ହେଲେଣି । ହେଲେ ଗରିବ ମହଙ୍ଗା ନ୍ୟାୟ ବ୍ୟବସ୍ଥା ଏବଂ ଆଇନର ସାହାରା ନେଉନଥିବାରୁ ଏହି ସମସ୍ୟା ଆଗକୁ ଆସିନଥାଏ । ଫଳରେ ଏଭଳି ଦମ୍ପତି ସବୁବେଳେ ଝଗଡ଼ା ଲାଗି ଏକସଙ୍ଗରେ ରହିଯାଆନ୍ତି ନହେଲେ ଅଲଗା ହୋଇ ରୁହନ୍ତି । ରେକର୍ଡରେ ଏମାନଙ୍କ ନାଁ ଆସିନଥାଏ । କିନ୍ତୁ ସମ୍ଭ୍ରାନ୍ତ ଶ୍ରେଣୀ ବର୍ଗରେ ଅଧିକ ଦମ୍ପତି ଛାଡ଼ପତ୍ରର ବାଟ ବାଛିଥା'ନ୍ତି । ଯେଉଁଥିପାଇଁ ଏମାନଙ୍କ ରେକର୍ଡ ଅଧିକ ସାମ୍ନାକୁ ଆସିଥାଏ ।

ଗଳିକନ୍ଦିର କାନ୍ଥଠାରୁ ଆରମ୍ଭ କରି ଦୋକାନ,ବଜାରର ହୋର୍ଡିଂରେ ବଡ଼ ବଡ଼ ଅକ୍ଷରରେ ଲେଖା ହୋଇଥାଏ ଯେ ଧୂମପାନ ସ୍ୱାସ୍ଥ୍ୟ ପ୍ରତି ଅହିତକର । କିନ୍ତୁ ଶରୀର ପ୍ରତି ବିପଦ ବୋଲି ଜାଣି ସୁଦ୍ଧା ଅନେକ ଲୋକ ଧୂମପାନ କରିବାକୁ ଆଦୌ କୁଣ୍ଠାବୋଧ କରନ୍ତି ନାହିଁ । ଆଉ ଯଦି କେହି ସିଗାରେଟ୍ ଛାଡ଼ିବା ପାଇଁ ଉପଦେଶ ଦିଅନ୍ତି ତାଙ୍କୁ ପରିହାସ କରିବାକୁ ପଛାନ୍ତି ନାହିଁ । ଅନେକ ଲୋକ ତ ଜନଗହଳିପୂର୍ଣ୍ଣ ସ୍ଥାନରେ ଫୁ' ଫୁ କରି ସିଗାରେଟର ଧୂଆଁ ଛାଡ଼ନ୍ତି । ସେମାନେ ନିଜ ଦେହକୁ ତ ଅବହେଳା କରନ୍ତି ତା' ସହିତ ସାମ୍ନା ଲୋକଟିର ସ୍ୱାସ୍ଥ୍ୟକୁ ମଧ୍ୟ ଖରାପ କରିଦିଅନ୍ତି । ବର୍ତ୍ତମାନ ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ଜଣେ ପିତାଙ୍କ ଧୂମପାନ ଅଭ୍ୟାସ କେବଳ ତାଙ୍କ ନିଜ ସ୍ୱାସ୍ଥ୍ୟ ଉପରେ ନୁହେଁ ବରଂ ତାଙ୍କ ପିଲାମାନଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପକାଇପାରେ । ଗବେଷଣା ଅନୁଯାୟୀ ଯଦି ଜଣେ ବାପା ନିଜ ସନ୍ତାନଙ୍କ ଆଗରେ ଲଗାତାର ଧୂମପାନ କରନ୍ତି ତେବେ ଏହାର ପ୍ରଭାବ ପିଲାଙ୍କ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇବ । କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ଡାକ୍ତରମାନେ ଏହି ଗବେଷଣା କରିଥିଲେ ଏବଂ ଏହାକୁ ଜର୍ଣ୍ଣାଲ ଅଫ୍ ଦି ଏଣ୍ଡୋକ୍ରାଇନ୍ ସୋସାଇଟିରେ ପ୍ରକାଶ କରାଯାଇଥିଲା । ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି ବାପା ଧୂମପାନ କରନ୍ତି ତେବେ ତାଙ୍କ ପିଲା ଟାଇପ୍ ୨ ମଧୁମେହ ଠାରୁ ଆରମ୍ଭ କରି




ଯକୃତ ରୋଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ମେଟାବୋଲିକ୍ ରୋଗର ଶିକାର ହୋଇପାରିବେ । ଧୂମପାନ କରୁଥିବା ପୁରୁଷଙ୍କ ଶୁକ୍ରାଣୁରେ ପରିବର୍ତ୍ତନ ଆସିପାରେ । ଏହି ପରିବର୍ତ୍ତନଗୁଡ଼ିକ ଜନ୍ମିତ ଶିଶୁର ଶରୀରରେ ଶର୍କରା ମେଟାବୋଲିଜିମ୍ ଏବଂ ଇନସୁଲିନ୍ କାର୍ଯ୍ୟକୁ ପ୍ରଭାବିତ କରିପାରେ ଯାହା ଶିଶୁ ଶରୀରରେ ମଧୁମେହ ହେବାର ଆଶଙ୍କା ବୃଦ୍ଧି କରାଏ । ଗବେଷଣାରେ ୧ ହଜାର ପୁରୁଷଙ୍କୁ ସାମିଲ କରାଯାଇଥିଲା । ଏହି ପୁରୁଷମାନେ ପ୍ରତିଦିନ ଧୂମପାନ କରୁଥିଲେ । ଏମାନଙ୍କ ସନ୍ତାନ ମଧ୍ୟରୁ ୩୦ ପ୍ରତିଶତଙ୍କ ମଧ୍ୟରେ ମଧୁମେହ ଏବଂ ଯକୃତ ସମ୍ବନ୍ଧୀୟ ସମସ୍ୟାର ଲକ୍ଷଣ ଦେଖାଯାଇଥିଲା । ଯଦିଓ ବୈଜ୍ଞାନିକମାନେ କହିଛନ୍ତି ଯେ ଗବେଷଣା ଏପର୍ଯ୍ୟନ୍ତ ବହୁତ ବଡ଼ ସ୍ତରରେ ନାହିଁ କିନ୍ତୁ ପ୍ରାରମ୍ଭିକ ଫଳାଫଳ ଦର୍ଶାଉଛି ଯେ ଧୂମପାନ ଭବିଷ୍ୟତରେ ପିଲାମାନଙ୍କ ଶରୀର ଉପରେ ଗଭୀର ପ୍ରଭାବ ପକାଇବ । ଧୂମପାନ ସମୟରେ ନିକୋଟିନ୍ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ କରେ । ଏହା ଶରୀରର ମେଟାବୋଲିଜିମ୍ ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ । ଯାହା ଇନସୁଲିନ୍ କାର୍ଯ୍ୟ କରିବାର ପଦ୍ଧତିକୁ ପରିବର୍ତ୍ତନ କରିବାର କ୍ଷମତା ରଖେ ଏବଂ ଏହାଦ୍ୱାରା ବ୍ୟକ୍ତିଙ୍କୁ ଟାଇପ୍ ୨ ମଧୁମେହ ରୋଗ ମଧ୍ୟ ହୋଇପାରେ । ଭବିଷ୍ୟତରେ ପିଲାମାନଙ୍କଠାରେ ମଧୁମେହ ରୋଗର ବିକାଶ ଏହାଦ୍ୱାରା ହିଁ ହୁଏ । ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ପିତାଙ୍କ ଧୂମପାନ ପିଲାମାନଙ୍କ ଯକୃତ କାର୍ଯ୍ୟକୁ ମଧ୍ୟ ପ୍ରଭାବିତ କରେ । ଡାକ୍ତରମାନେ କୁହନ୍ତି ଯେ ଯଦି ଜଣେ ପୁରୁଷ ପିତା ହେବାକୁ ଯୋଜନା କରୁଛନ୍ତି ତେବେ ସେ ଧୂମପାନରୁ ଦୂରେଇ ରହିବା ଉଚିତ । ଧୂମପାନ ଛାଡ଼ିବା ଦ୍ୱାରା କେବଳ ସ୍ୱାସ୍ଥ୍ୟରେ ଉନ୍ନତି ଆସିବ ନାହିଁ ବରଂ ଗର୍ଭସ୍ଥ ଶିଶୁ ରୋଗାଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ଅଛି ।



# ଚିନି ଛାଡ଼ି ଦେଖନ୍ତୁ: ଶରୀରରେ ଆସିବ ଚମତ୍କାର ପରିବର୍ତ୍ତନ !

କଣ ହୁଏ ଯେତେବେଳେ ଆପଣ ୧୪ଦିନ ପାଇଁ ଚିନି ବନ୍ଦ କରିଥାନ୍ତି । ଏହାକୁ ନେଇ ବିଶେଷଜ୍ଞ ମତ କଣ ଆସନ୍ତୁ ଜାଣିବା । ନୂଆ ବର୍ଷ ଆରମ୍ଭ ହୋଇ ପ୍ରାୟ ,୩ମାସ ହେଇଗଲାଣି , ଆପଣ ଯଜି ଏ ଜିନିଷ କରିନାହାନ୍ତି ତାହାଲେ ଏବେ ହି କରନ୍ତୁ । କିଛି ଜିନିଷର ଧ୍ୟାନ ଦିଅନ୍ତୁ ଜାହା ବଡ଼ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥାଏ । ଏପରି ଭାବରେ ଏହା ଠାରୁ ଭଲ ଉପାୟ ଆପଣ କଣ । ଯଦି ଏହି ଛୋଟ ଜିନିଷକୁ ନିଜର ନିତିଦିନିଆ ଜୀବନରେ ଆପଣେଇ ପାରିବେ ,ତାହାଲେ ଏହି ଅସୁସ୍ଥ କର ଜୀବନ ଛାଡ଼ି ଏକ ଭଲ ଜୀବନ ଯିଇ ପାରିବେ ଆସନ୍ତୁ ଜାଣିବା କଣ କରିବା ୧୪ ଦିନ ପାଇଁ ମିଠା ଜାତୀୟ ଖାଦ୍ୟ ନଖାଇଲେ କଣ ହୋଇଥାଏ ।

ଏକ ବଡ଼ ଗବେଷଣାରୁ ଜଣାପଡିଛି ଯେ ଅତ୍ୟଧିକ ଚିନି ମୋଟାପା, ଟାଇପ୍ ୨ ମଧୁମେହ, ଯକୃତରେ ଚର୍ବି ଏବଂ ହୃଦ୍ ସମସ୍ୟାର କାରଣ ହୁଏ । ତେଣୁ ଏହାକୁ କାଟିବା କେବଳ କ୍ୟାଲୋରି ପାଇଁ ନୁହେଁ । ଏହା ପ୍ରକୃତରେ ଆପଣଙ୍କ ଶରୀର ଶକ୍ତି ଏବଂ ଭୋକ ପରିଚାଳନା କରିବାର ପଦ୍ଧତିକୁ ପରିବର୍ତ୍ତନ କରେ । ଡାକ୍ତରଙ୍କ କହିବା ଅନୁସାରେ ଚିନିରେ ପ୍ରସ୍ତୁତ ଜିନିଷଗୁଡ଼ିକୁ ସ୍ୱାଦିଷ୍ଟ କରିବା ଅପେକ୍ଷା ବହୁତ କିଛି କ୍ଷତି କରିଥାଏ । ଏହା ଚୁପଚାପ୍ ଆପଣଙ୍କର ଇଚ୍ଛା, ଭୋକ ସଙ୍କେତ, ଇନସୁଲିନ୍ ଏବଂ ଯକୃତରେ ଚର୍ବି ସହିତ ବିଶୃଙ୍ଖଳିତ କରେ । ହଠାତ୍, ଆପଣଙ୍କ ଶରୀରର ନିଜସ୍ୱ ଶକ୍ତି ପ୍ରଣାଳୀ ଟ୍ରାକ୍‌ରୁ ଖସିଯାଏ ।



ଚିନି ବିନା ପ୍ରଥମ କିଛି ଦିନ ବହୁତ କଷ୍ଟକର ଲାଗିପାରେ । ଯେ ଅଧିକାଂଶ ଲୋକ ଲକ୍ଷ୍ୟ କରନ୍ତି ମିଠା ପାଇଁ ଲାଳସା ପ୍ରବଳ ହୁଏ ମୁଣ୍ଡବିନ୍ଧା କିମ୍ବା ଦୂରେଇ ଯାଇଥିବା ଅନୁଭବ ଚିଡ଼ଚିଡ଼ା, ମନୋଭାବ ପରିବର୍ତ୍ତନ, କିମ୍ବା କେବଳ ଦୁର୍ବଳ ଅନୁଭବ କିମ୍ବା ଧ୍ୟାନ ଦେବାରେ ଅସୁବିଧା ହୁଏ । ଏହା କିଛି ବିପଦପୂର୍ଣ୍ଣ ସଂଙ୍କେତ ନୁହେଁ, କିନ୍ତୁ ଆପଣଙ୍କ ମସ୍ତିଷ୍କ ନିଶ୍ଚିତ ଭାବରେ ଏହାର ସାଧାରଣ ଚିନି ସମାଧାନ ବିନା କ'ଣ କରିବେ ତାହା ଜାଣିବାକୁ ଚେଷ୍ଟା କରନ୍ତୁ । ଯେତେବେଳେ ଲୋକମାନେ ଚିନି ମିଶାଇବା ବନ୍ଦ କରନ୍ତି, ସେତେବେଳେ ପୁଷ୍ଟିସାର ବିଶେଷଜ୍ଞମାନେ ଏହି ପ୍ରାରମ୍ଭିକ ମନୋଭାବ ଏବଂ ଶକ୍ତି ପରିବର୍ତ୍ତନ ସବୁ ସମୟରେ ଦେଖନ୍ତି । ଏବଂ ଏହା ନିୟମିତ ୧୪ ଦିନ କଲା ଆପଣ ହାଲୁକା ଅନୁଭବ କରିବେ । ଧିରେ ଧିରେ ଆପଣଙ୍କ ବ୍ଲଡ ସୁଗାର ମଧ୍ୟ କମିଥାଏ । ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୁଏ । ଆପଣ ମଧ୍ୟରେ ଏକ ନୂତନ ପରିବର୍ତ୍ତନ ଦେଖାଯାଇଥାଏ । ଏହାକୁ କରିବା ଦ୍ୱାରା ଏକ ସୁସ୍ଥ ଶରୀର ଲାଭ ହୋଇଥାଏ ।

# ଯୁବପିଢ଼ିଙ୍କୁ ବଡ଼ ବିପଦ ଅବସାଦ : ୬୦ ରାଙ୍କରେ ଭାରତ

ମାନସିକ ସ୍ୱାସ୍ଥ୍ୟ ମାପକାଠି , ସ୍କୋରରେ ଭାରତୀୟ ଯୁବବର୍ଗ ନିମ୍ନମାନର ପ୍ରଦର୍ଶନ କରିଛନ୍ତି । ୮୪ଟି ଦେଶକୁ ନେଇ କରାଯାଇଥିବା ବୈଶ୍ୱିକ ସ୍ୱାସ୍ଥ୍ୟ ଅଧ୍ୟୟନରେ ଭାରତୀୟ ଯୁବପିଢ଼ି ୬୦ତମ ର୍ୟାଙ୍କ୍‌ରେ ରହିଛନ୍ତି । ଆମେରିକାର ସାପିଏନ୍ ଲାବ୍‌ସ ଦ୍ୱାରା ୨୦୨୫ରେ କରାଯାଇଥିବା ଅଧ୍ୟୟନ ଗ୍ଲୋବାଲ ମାଇଣ୍ଡ ହେଲ୍‌ଥରେ ୧୮ରୁ ୩୪ ବର୍ଷ ବୟସବର୍ଗର ଭାରତୀୟ ଯୁବବର୍ଗଙ୍କୁ ସାମିଲ କରାଯାଇଥିଲା । ତେବେ ୫୫ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ବରିଷ୍ଠ ଭାରତୀୟଙ୍କ ତୁଳନାରେ ସେମାନଙ୍କ ମାନସିକ ସୁସ୍ଥତା ଖରାପ ଥିବା ଅଧ୍ୟୟନରୁ ଜଣାପଡ଼ିଛି । ବରିଷ୍ଠ ବ୍ୟକ୍ତିମାନଙ୍କ ମାନସିକ ସୁସ୍ଥତା ଏହି ଅଧ୍ୟୟନରେ ୪୯ ର୍ୟାଙ୍କ୍‌ରେ ରହିଛି ।

ବିଚଳିତ ବର୍ଗରେ ଭାରତୀୟ ଯୁବବର୍ଗଙ୍କ ଏମ୍‌ଏଚ୍‌କ୍ୟୁ ସ୍କୋର ୩୩ ଥିବାବେଳେ ୫୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ସ୍କୋର ପାଖାପାଖି ୧୦୦ ରହିଛି । ସବୁ ଦେଶରେ ମାନସିକ ସୁସ୍ଥତାରେ ବୟସ୍କଙ୍କ ତୁଳନାରେ ୧୮ରୁ ୩୫ ବର୍ଷ ବୟସ ବର୍ଗର ଯୁବବର୍ଗଙ୍କ ପ୍ରଦର୍ଶନ ଖରାପ ରହିଛି । ତେବେ ଘାନା, ନାଇଜେରିଆ, ଜିମ୍ବାୱେ, କେନିଆ ଏବଂ ତାଞ୍ଜାନିଆ ଆଦି ଆଫ୍ରିକୀୟ ଦେଶରେ ମାନସିକ ସୁସ୍ଥତା ତୁଳନାତ୍ମକ ଭାବେ ଭଲ ରହିଛି । ଅନ୍ୟ ପକ୍ଷରେ ଜାପାନ, ତାଇୱାନ, ହଂକଂ, ବ୍ରିଟେନ ଏବଂ ଚାଇନା ମାନସିକ ସୁସ୍ଥତା ର୍ୟାଙ୍କ୍‌ରେ ତଳେ ରହିଛନ୍ତି । ବିଶ୍ୱ ଖୁସି ସୂଚକାଙ୍କରେ ଶୀର୍ଷରେ ଥିବା ଫିନ୍?ଲାଣ୍ଡ ମାନସିକ ସୁସ୍ଥତା ସୂଚକାଙ୍କରେ ୫୫ରୁ ଉର୍ଦ୍ଧ୍ୱ ବୟସ୍କଙ୍କ ପାଇଁ ୨୮ରେ ଏବଂ ୧୮ରୁ ୩୫ ବର୍ଷ ବୟସ ବର୍ଗଙ୍କ ପାଇଁ ୪୦ତମ ସ୍ଥାନରେ ରହିଛି ।



୨୦୨୪ ଏବଂ ୨୦୨୫ରେ ୮୪ଟି ଦେଶର ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଇଣ୍ଟରନେଟ୍ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କଠାରୁ ସଂଗୃହୀତ ତଥ୍ୟ ଆଧାରରେ ଏହି ସୂଚକାଙ୍କ ପ୍ରସ୍ତୁତ କରାଯାଇଛି ।

ଏଥିରୁ ମୁକୁଳିବାର ଟିପ୍ସ :

ଶାରୀରିକ ଗତିବିଧି :
ଅବସାଦରୁ ମୁକୁଳିବାର ସହଜ ଉପାୟ ହେଉଛି ଯୋଗ । ଏହାସହ ସକାଳ ସନ୍ଧ୍ୟାରେ ଚାଲିବା, କିଛି ସମୟ ଜୁମ୍ବା ଏକ୍ସରସାଇଜ୍ କରିବା ଦ୍ୱାରା ଶରୀରରୁ ଏଣ୍ଡୋର୍ଫିନ୍ ହର୍ମୋନ୍ ରିଲିଜ୍ ହୁଏ , ଯାହା ମନକୁ ହାଲକା ବା ସହଜ କରିଦିଏ ।

ଗଭୀର ଶ୍ୱାସ ଓ ଧ୍ୟାନ : ଅବସାଦ ଅନୁଭବ କଲେ ବେଶି ନୁହେଁ ୪ରୁ ୫ ସେକେଣ୍ଡ ଗଭୀର ପ୍ରଶ୍ୱାସ ନିଅନ୍ତୁ , ୪ ସେକେଣ୍ଡେ ଶ୍‌ତବାସକୁ ଭିତରେ ରଖି ୪ ସେକେଣ୍ଡରେ ଛାଡ଼ନ୍ତୁ । ଏହା ସହ ଧ୍ୟାନ କରନ୍ତୁ , ଯାହା ମନକୁ ଶାନ୍ତ କରିଥାଏ ।

ସାତ୍ତ୍ୱିକ ଖାଦ୍ୟ, ଆବଶ୍ୟକ ନିଦ :
ସନ୍ତୁଳିତ ଆହାର ସହ ୬ରୁ ୭ ଘଣ୍ଟା ଶୁଅନ୍ତୁ । କଫି, ଚିନି ପରି ଜିନିଷରୁ ଦୂରେଇ ରୁହନ୍ତୁ । କୌଣସି ପ୍ରକାର ସ୍କ୍ରିନରୁ ଦୂରେଇ ରୁହନ୍ତୁ ।

ଡାଏରି ଲେଖନ୍ତୁ :
ନିଜ ବିଚାରକୁ କାଗଜରେ ଲେଖିଦିଅନ୍ତୁ । ଏହା ଦ୍ୱାରା ମନର ବୋଝ ହାଲକା ହୋଇଯାଏ । ଏହାସହ ସାଙ୍ଗ ମାନଙ୍କ ସହ ସମୟ ବିତାଇବା ସହ କାମରୁ କିଛି ଦିନର ବ୍ରେକ୍ ନେଇ ବୁଲିବାକୁ ଯାଆନ୍ତୁ , ଗୀତ ଶୁଣନ୍ତୁ ବା କୌଣସି ଯେକୌଣସି ରଚନାତ୍ମକ କାମରେ ନିଜକୁ ବ୍ୟସ୍ତ ରଖନ୍ତୁ ।ଦେଖିବେ ଧୀରେ ଧୀରେ ଆପଣଙ୍କ ଅବସାଦ ଦୂରେଇଯିବ ।

# କନ୍ଧମାଳର ଝିଅ ସୋନମ ବେହେରାଙ୍କୁ ମୁମ୍ବାଇରେ ଜାତୀୟ ସମ୍ମାନ

କନ୍ଧମାଳ, ୨/୦୬ (ନି.ପ୍ର): ଓଡ଼ିଶାର କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ସୁରାଦେଇ ଗ୍ରାମର ଯୁବ ନେତ୍ରୀ ସୋନମ ବେହେରା ମୁମ୍ବାଇରେ ଆୟୋଜିତ ବିଡବ୍ଲ୍ୟୁ ବିଜିନେସ୍ ୱାର୍ଲ୍ଡ ଫେଷ୍ଟିଭାଲ ଅଫ ୱେଲ୍ ବିଇଙ୍ଗ୍ ୨୦୨୬ ଅବସରରେ ପ୍ରତିଷ୍ଠିତ " ରାଇଜିଙ୍ଗ ୟୁଥ ଲିଡର ଆୱାର୍ଡ " ହାସଲ କରି ଜାତୀୟ ସ୍ତରରେ ସମ୍ମାନିତ ହୋଇଛନ୍ତି। ଏହି ସମ୍ମାନ ଦେଶର ସେହି ଯୁବ ନେତୃତ୍ୱମାନଙ୍କୁ ପ୍ରଦାନ କରାଯାଏ, ଯେଉଁମାନେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଉଲ୍ଲେଖନୀୟ ଅବଦାନ ରଖିଥାନ୍ତି।ବାଲ ରକ୍ଷା ଭାରତ (ସେଭ ଦି ଚିଲଡ୍ରେନ) ଦ୍ୱାରା ପରିଚାଳିତ ଜି ଡି ଏନ ପ୍ରକଳ୍ପ ମାଧ୍ୟମରେ ସୋନମ ମାଇକ୍ରୋ ପ୍ରୋଜେକ୍ଟରେ ଗତ ଏକ ବର୍ଷ ଧରି ଯୁବ ନେତୃତ୍ୱ ଓ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟ କରିଆସୁଛନ୍ତି। ବିଶେଷ କରି କିଶୋରୀମାନଙ୍କ ମଧ୍ୟରେ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା ବୃଦ୍ଧି, ଏହାକୁ ନେଇଥିବା କୁସଂସ୍କାର ଓ ଭ୍ରାନ୍ତ ଧାରଣା ଦୂରୀକରଣ ତଥା ଯୁବ ନେତୃତ୍ୱ ବିକାଶ କ୍ଷେତ୍ରରେ ତାଙ୍କର ଅବଦାନ ପ୍ରଶଂସନୀୟ।ଗ୍ରାମ ସ୍ତରରେ ତାଙ୍କର ନିରନ୍ତର ପ୍ରୟାସ ଫଳରେ ଅନେକ କିଶୋରୀ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟକର ଓ ସୁରକ୍ଷିତ ଅଭ୍ୟାସ ଅପଣାଇବା ସହ ନିଜ ସ୍ୱାସ୍ଥ୍ୟ, ଅଧିକାର ଓ ଆତ୍ମବିଶ୍ୱାସ ପ୍ରତି ଅଧିକ ସଚେତନ ହୋଇପାରିଛନ୍ତି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ତାଙ୍କର ଏହି ନିଷ୍ଠା ଓ ନେତୃତ୍ୱକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି।ତାଙ୍କର ଏହି ଉଲ୍ଲେଖନିୟ କୃତିତ୍ୱ ପାଇଁ ଦିଲ୍ଲୀ ସ୍ଥିତ (ଏନ ଏସ ଓ) ବାଲ ରକ୍ଷା ଭାରତର ପ୍ରକଳ୍ପ କାର୍ଯ୍ୟକାରୀ ମୁଖ୍ୟ ପ୍ରଦୀପ କୁମାର ମିଶ୍ର, ସୋମି ହଳଦାର ଓ ଓଡ଼ିଶାର ମୁଖ୍ୟ ଡାକ୍ତର ଅଭିଜିତ ଭଦ୍ରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୋନମଙ୍କ ଏହି ସଫଳତା କେବଳ ଖଜୁରୀପଡା କିମ୍ବା କନ୍ଧମାଳ ଜିଲ୍ଲା ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ତାଙ୍କର ଏହି ଉପଲବ୍ଧି ଅନ୍ୟ ଯୁବପିଢ଼ିଙ୍କୁ ସମାଜ ସେବା, ନେତୃତ୍ୱ ବିକାଶ ଏବଂ ସକାରାତ୍ମକ ପରିବର୍ତ୍ତନ ପାଇଁ ଆଗେଇ ଆସିବାକୁ ପ୍ରେରଣା ଯୋଗାଇବ। ତାଙ୍କର ଏହି ସଫଳତା।

# ୧୦୩ ବିଏସଏଫ ବାଟାଲିଆନର ଯବାନ ମାନଙ୍କ ଦ୍ୱାରା ପବିତ୍ର ଧାର୍ମିକ ସ୍ଥଳ 'ସୀତା କୁଣ୍ଡ'ରେ ସଫାସୁତୁରା ଏବଂ ସୌନ୍ଦର୍ଯ୍ୟକରଣ

ମାଲକାନଗିରି, ୨/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ମୁଦୁଲିପଡ଼ାରେ ୧୦୩ ବିଏସଏଫ ବାଟାଲିଆନ ର ଯବାନ ମାନଙ୍କ ଦ୍ୱାରା ପବିତ୍ର ଧାର୍ମିକ ସ୍ଥଳ 'ସୀତା କୁଣ୍ଡ' ରେ ଏକ ସଫାସୁତୁରା ଏବଂ ସୌନ୍ଦର୍ଯ୍ୟକରଣ ଅଭିଯାନର ଆଜି ଆୟୋଜନ କରାଯାଇଥିଲା। ଏହି ଅଭିଯାନର ଲକ୍ଷ୍ୟ ପରିବେଶଗତ ସଚେତନତା ଏବଂ ସାମୁଦାୟିକ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ସହିତ ସ୍ଥାନର ପରିଷ୍କାର ପରିଚ୍ଛନ୍ନତା ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି କରିବା ଥିଲା। ବିଏସଏଫ କର୍ମଚାରୀମାନେ, ସ୍ଥାନୀୟ ଗ୍ରାମବାସୀଙ୍କ ସହିତ, ଶ୍ରମଦାନରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ପରିସର ସଫାସୁତୁରା କରିଥିଲେ। ଅଧିକ ଗଛଲତା ହଟାଇଥିଲେ ଏବଂ କୁଣ୍ଡ ଏବଂ ଏହାର ଆଖପାଖ ଅଞ୍ଚଳରୁ ଅଳିଆ ସଫା କରିଥିଲେ। ଏହି କାର୍ଯ୍ୟକ୍ରମରେ ରବିନ୍ଦ୍ର ପାଲ ସିଂହ ନେଗି, ସେକେଣ୍ଡ ଆଇସି ଅଫ୍ କମାଣ୍ଡାଣ୍ଟ, ; ସୁକ୍ରା ମୁଦୁଲି, ୱାର୍ଡ ସଦସ୍ୟ, ମୁଦୁଲିପଡ଼ା ଗ୍ରାମ, ସୁକ୍ରା ଧଙ୍ଗଡାମାଝୀ, ସୀତା କୁଣ୍ଡର ପୂଜକ; ଗ୍ରାମର ପ୍ରତିନିଧି, ଗ୍ରାମ କମିଟିର ସଦସ୍ୟ ଏବଂ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ବିଏସଏଫ କର୍ମଚାରୀ, ପିଲା ଏବଂ ଗ୍ରାମବାସୀଙ୍କ ସମେତ ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ଏହି ପ୍ରୟାସରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଅଂଶ ଭାବରେ, ସମସ୍ତ ଅଂଶଗ୍ରହଣକାରୀଙ୍କୁ ପାନୀୟ ବଂଟନ କରାଯାଇଥିଲା। ବିଏସଏଫ ସ୍ଥାନୀୟ ପିଲାମାନଙ୍କୁ ସଦ୍ଭାବନା ସ୍ୱରୂପ ନୋଟବୁକ୍, କଲମ, ପେନସିଲ୍, ଇରେଜର ଏବଂ ଟଫି ମଧ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା ଏବଂ ସ୍ଥାନୀୟ ସମ୍ପ୍ରଦାୟରୁ ଉତ୍ସାହଜନକ ପ୍ରତିକ୍ରିୟା ମିଳିଥିଲା। ଏହି ପ୍ରୟାସ ବିଏସଏଫ ଏବଂ ସ୍ଥାନୀୟ ଜନସଂଖ୍ୟା ମଧ୍ୟରେ ପାରସ୍ପରିକ ବିଶ୍ୱାସ, ସହଯୋଗ ଏବଂ ସଦ୍ଭାବନାକୁ ଆହୁରି ମଜବୁତ କରିଥିଲା, ଯାହା ସାମାଜିକ ଦାୟିତ୍ୱ ଏବଂ ସମ୍ପ୍ରଦାୟ ପ୍ରତି ବିଏସଏଫର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

# ସ୍ୱାଭିମାନ ଅଂଚଳର ରୂପାନ୍ତରଣ ପାଇଁ 'ସେତୁ' ଯୋଜନା ଓ 'ମଡେଲ ଭିଲେଜ ମିଶନ'ର ମିଳିତ ସମୀକ୍ଷା : ଭିତ୍ତିଭୂମି ବିକାଶ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

ମାଲକାନଗିରି, ୨/୦୬ (ନି.ପ୍ର): ବିକଶିତ ଓଡ଼ିଶା ଭିଜନ ୨୦୩୬-୪୭ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଜ୍ୟରେ 'ମଡେଲ ଭିଲେଜ ମିଶନ' ଏବଂ ସ୍ୱାଭିମାନ ଅଂଚଳର ବିକାଶ ପାଇଁ ଚାଲୁଥିବା 'ସେତୁ' ଯୋଜନାର ଏକ ମିଳିତ ତଥା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ପ୍ରସିଦ୍ଧ ସ୍ୱାଭିମାନ ଅଂଚଳ ସମେତ ସମଗ୍ର ଜିଲ୍ଲାର ସାମଗ୍ରିକ ବିକାଶ ଓ ରୂପାନ୍ତରଣ ନେଇ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ମଡେଲ ଭିଲେଜ ମିଶନର ରୂପାୟନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି, ଯାହା ଗ୍ରାମାଚଂଳଗୁଡ଼ିକୁ ସହରାଚଂଳ ସ୍ତରର ସୁବିଧା ପ୍ରଦାନ କରି ସେଗୁଡିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବ। ଜିଲ୍ଲାର ୧୧୧ ଟି ଗ୍ରାମ ପଂଚାୟତରେ ଏହି ମଡେଲ ଭିଲେଜ ଗଠନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ଏଥିରେ ବିଶେଷ ଭାବେ ଚିତ୍ରକୋଣ୍ଡା ବ୍ଲକର ୧୮ଟି ଗ୍ରାମ ପଂଚାୟତ ଏବଂ କୋରକୁଣ୍ଡା ବ୍ଲକର ନାକାମାମୁଡ଼ି ଗ୍ରାମ ପଂଚାୟତ ସାମିଲ ରହିଛି। ନିକଟରେ ପ୍ରଶାସନ ପକ୍ଷରୁ କରାଯାଇଥିବା କ୍ଷେତ୍ର ପରିଦର୍ଶନ ଏବଂ ସ୍ଥାନୀୟ ଲୋକଙ୍କ ଠାରୁ ସଂଗୃହିତ ଅଭିଯୋଗ ଆଧାରରେ ଅଂଚଳର ମୌଳିକ ସମସ୍ୟାଗୁଡ଼ିକର ସମାଧାନ ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସଲାଇନ ସର୍ଭେ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଏବଂ ଶକ୍ତି ବିଭାଗ ଭଳି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ଏକ ନିର୍ଦ୍ଧାରିତ ସର୍ଭେ ଫର୍ମାଟ୍ ସମସ୍ତ ବିଭାଗକୁ ପ୍ରଦାନ କରାଯାଇଛି ଏବଂ ଆସନ୍ତା ୧୫ ଜୁନ୍ ସୁଦ୍ଧା ଏହି ବେସଲାଇନ ସର୍ଭେ ଶେଷ କରିବାକୁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଏହି ମେଗା ମିଶନର ସମନ୍ୱୟ ମାଧ୍ୟମରେ ସ୍ୱାଭିମାନ ଅଂଚଳର ସମସ୍ତ ଗ୍ରାମକୁ ମୁଖ୍ୟ ସ୍ରୋତ ସହ ଯୋଡ଼ିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରଥମ ଓ ଦ୍ୱିତୀୟ ଶାଖା ପକ୍ଷରୁ ନୂତନ ରାସ୍ତା ଓ ସେତୁ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ଓଡ଼ିଶା ଉଠା ଜଳସେଚନ ନିଗମ ମାଧ୍ୟମରେ ଚାଷୀଙ୍କ ଜମିକୁ ପାଣି ଯୋଗାଇବା ସହ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ଅତିରିକ୍ତ ଶ୍ରେଣୀ ଗୃହ ଏବଂ ପ୍ରତିଟି ପଡ଼ାରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯିବ। ଏହାବାଦ୍ ସ୍ୱାଭିମାନ ଅଂଚଳରେ ନିରବଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ଦକ୍ଷିଣ ଓଡ଼ିଶା ବିଦ୍ୟୁତ ବିତରଣ କମ୍ପାନୀ ପକ୍ଷରୁ ବିଦ୍ୟୁତ୍ ଭିତିଭୂମିର ସୁଦୃଢ଼ୀକରଣ କାର୍ଯ୍ୟକୁ ଆହୁରି ତେଜ୍ କରାଯିବ। ଗ୍ରାମ ପଂଚାୟତଗୁଡ଼ିକର ବିକାଶ ଲାଗି ଏହି ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବା ସହ କାର୍ଯ୍ୟର ସ୍ୱଚ୍ଛତା ବଜାୟ ରଖିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ରାଜ୍ୟ, ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଟାସ୍କ ଫୋର୍ସ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ବେଳେ, ଏହି ନୂତନ ଯୋଜନାଟି ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ରୂପାନ୍ତରଣ ଘଟାଇ ତାହାକୁ ନୂତନ ଉଚ୍ଚତାରେ ପହଂଚାଇବ ବୋଲି ଜିଲ୍ଲାପାଳ ଶ୍ରୀ ରାଜଶିର୍କେ ଏହି ଅବସରରେ ମତ ପ୍ରକାଶ କରିଛନ୍ତି।

# ମୁରବି ବିହୀନ ଚମ୍ପୁଆ ଲ୍ୟାମ୍ପ୍ସ, ଆସିପାରୁନି ସାର କି ବିହନ : ଚାଷୀ ମହଲରେ ତୀବ୍ର ଅସନ୍ତୋଷ

ଚମ୍ପୁଆ, ୨/୦୬ (ନି.ପ୍ର): ଭାରତ ଏକ କୃଷି ପ୍ରଧାନ ଦେଶ ଓ ଚାଷୀ ହେଉଛି ଦେଶର ମେରୁଦଣ୍ଡ। କିନ୍ତୁ ବର୍ତମାନ ଚାଷ ଅନୁକୂଳ ସମୟ ଗଡି ଯାଉଥିବା ବେଳେ ଚମ୍ପୁଆ ଅଂଚଳରେ ଚାଷୀଙ୍କୁ ଅଣଦେଖା କରି ଏ ପର୍ଯ୍ୟନ୍ତ ସାର, ବିହନ ନ ଯୋଗାଇବା ସ୍ଥାନୀୟ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ସିଧା ସଳଖ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଭାଗୀୟ ଅବହେଳା ଓ ଅବ୍ୟବସ୍ଥା ଯୋଗୁଁ ଏବେ ଚମ୍ପୁଆ ଲ୍ୟାମ୍ପ୍ସ ଏକ ପ୍ରକାର ମୁରବି ବିହୀନ ହୋଇପଡ଼ିଛି। ଏହାର ସିଧାସଳଖ ପ୍ରଭାବ ସ୍ଥାନୀୟ ଚାଷୀଙ୍କ ଉପରେ ପଡ଼ିଥିବା ବେଳେ ଚାଷ ସମୟରେ ସାର ଓ ବିହନ ନମିଳିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରେ ଅନିୟମିତତା ପାଇଁ ଭାରପ୍ରାପ୍ତ ପରିଚାଳନା ନିର୍ଦେଶକ ରଜତ କୁମାର ଗିରୀଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କ ଦାୟିତ୍ୱରେ ଥିବା ଦେବବ୍ରତ ମହାରଣାଙ୍କର ମଧ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଲ୍ୟାମ୍ପ୍ସ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ବର୍ତମାନ ଚମ୍ପୁଆ ଲ୍ୟାମ୍ପ୍ସରେ କୌଣସି ଯୋଗ୍ୟ ସ୍ଥାୟୀ କର୍ମଚାରୀ ନାହାନ୍ତି। ଫଳରେ ଏବେ ଚମ୍ପୁଆର ତିନୋଟି ଲ୍ୟାମ୍ପ୍ସକୁ ସାର ଓ ବିହନ ଆସି ପାରୁନାହିଁ। ଚାଷ କାର୍ଯ୍ୟ ପାଇଁ ଦିନ ଗଡି ଯାଉଥିବା ବେଳେ ଚାଷୀ ମାନେ ଠିକ ସମୟରେ ସାର ଓ ବିହନ ପାଇ ପାରୁ ନ ଥିବାରୁ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅଂଚଳର ଚାଷୀ ମାନଙ୍କ ଆବଶ୍ୟକତା ଅନୁଯାୟୀ ଚମ୍ପୁଆ ଲ୍ୟାମ୍ପ୍ସରେ ଡିଏପି ୨୦୦୦ କ୍ୱିଂଟାଲ, ୟୁରିଆ ୨୫୦୦ କ୍ୱିଂଟାଲ, ପଟାସ ୧୨୦୦ କ୍ୱିଂଟାଲ ସାରର ଆବଶ୍ୟକତା ରହିଥିବା ବେଳେ କରଞ୍ଜିଆ ଲ୍ୟାମ୍ପ୍ସରେ ଡିଏପି ୧୮୦୦ କ୍ୱିଂଟାଲ, ୟୁରିଆ ୨୦୦୦ କ୍ୱିଂଟାଲ, ପଟାସ ୧୦୦୦ କ୍ୱିଂଟାଲ ଓ ଜାମୁଦଲକ ଲ୍ୟାମ୍ପ୍ସରେ ଡିଏପି ୧୮୦୦ କ୍ୱିଂଟାଲ, ୟୁରିଆ ୨୦୦୦ କ୍ୱିଂଟାଲ ଓ ପଟାସ ୧୦୦୦ କ୍ୱିଂଟାଲ ସାରର ଆବଶ୍ୟକତା ରହିଛି। କିନ୍ତୁ ସାର ଓ ବିହନ ଅଭାବରୁ ଚମ୍ପୁଆ ଅଂଚଳର ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ଏହି ସମସ୍ୟାକୁ ନେଇ ଚମ୍ପୁଆ ଲ୍ୟାମ୍ପ୍ସ ସଭାପତି ଲଳିତ କୁମାର ସିଂ, ସମବାୟ ସମିତିର ସହକାରୀ ନିବନ୍ଧକଙ୍କୁ ଲିଖିତ ଭାବେ ଅବଗତ କରାଇଥିବା ଜଣାପଡିଛି । ତେବେ ଚାଷୀଙ୍କ ସାମୁହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲ୍ଲା କୃଷି ଅଧିକାରୀ ଓ କେନ୍ଦୁଝର ଜିଲ୍ଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେଇ ଚମ୍ପୁଆ ଲ୍ୟାମ୍ପ୍ସରେ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେବା ସହ ଜରୁରୀକାଳୀନ ଭିତିରେ ସାର ଓ ବିହନ ଯୋଗାଇ ଦେବାକୁ ସ୍ଥାନୀୟ ଅଂଚଳରେ ଦୃଢ଼ ଦାବି ହେଉଛି।

# ଆନ୍ତର୍ଜାତୀୟ କୀର୍ତିସମ୍ପନ୍ନ କୃତୀ ଦିବ୍ୟାଙ୍ଗ ତୀରନ୍ଦାଜ ସୁଶ୍ରୀ ପାୟଲ୍ ନାଗଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ବଲାଙ୍ଗୀର, ୨/୦୬ (ନି.ପ୍ର): ବ୍ୟାଙ୍କକରେ ଆୟୋଜିତ ବିଶ୍ୱ ପାରା-ତୀରନ୍ଦାଜ ସିରିଜ୍-୨୦୨୬ରେ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ଦେଶ ଓ ଓଡ଼ିଶା ମାଟିକୁ ଗୌରବାନ୍ୱିତ କରିଥିବା ଆନ୍ତର୍ଜାତୀୟ କୀର୍ତିସମ୍ପନ୍ନ କୃତୀ ଦିବ୍ୟାଙ୍ଗ ତୀରନ୍ଦାଜ ସୁଶ୍ରୀ ପାୟଲ୍ ନାଗଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ଏହି ବିଶେଷ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରବ ଶିୱାଜୀ ଇସଲୱାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତ୍ୟନ୍ତ ଗରିବ ପରିବାରରୁ ଆସିଥିବା ଏବଂ ଶୈଶବରେ ଏକ ଦୁର୍ଘଟଣାରେ ନିଜର ଦୁଇ ହାତ ଓ ଦୁଇ ଗୋଡ଼ ହରାଇଥିବା ସତ୍ତ୍ୱେ ପାୟଲ୍ ନିଜର ଅଦମ୍ୟ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ବଳରେ ବିଶ୍ୱ ମଂଚରେ ୧ ନମ୍ବର ଖେଳାଳିଙ୍କୁ ପରାସ୍ତ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା ସମଗ୍ର ଜିଲ୍ଲା ତଥା ରାଜ୍ୟ ପାଇଁ ଗର୍ବର ବିଷୟ ପାଲଟିଛି। ତାଙ୍କର ଏହି ପ୍ରତିଭାକୁ ପ୍ରଶଂସା କରି ଜିଲ୍ଲାପାଳ ଶ୍ରୀ ଗୌରୱ ଶିୱାଜୀ ଇସଲୱାର ବିଶ୍ୱ ଚାମ୍ପିୟନ ପାୟଲ୍‌ଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାପାଳ ନିଜ ବକ୍ତବ୍ୟରେ କହିଥିଲେ, ପାୟଲ୍ କେବଳ ବଲାଙ୍ଗୀରର ନୁହଁନ୍ତି, ବରଂ ସାରା ଦେଶର ଗୌରବ। ତାଙ୍କର ଏହି ବିଜୟ ଯାତ୍ରା ପ୍ରମାଣ କରେ ଯେ ଦୃଢ଼ ମନୋବଳ ଆଗରେ କୌଣସି ପ୍ରତିବନ୍ଧକ ବାଧା ସୃଷ୍ଟି କରିପାରିବ ନାହିଁ। ପାୟଲ୍‌ଙ୍କ ଆଗାମୀ ପାରା ଏସୀୟ କ୍ରୀଡ଼ା ଏବଂ ପାରାଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆଯିବ। ସମ୍ବର୍ଦ୍ଧନାର ପ୍ରତିଉଭରରେ ଭାବବିହ୍ୱଳ ହୋଇ ବିଶ୍ୱ ବିଜୟିନୀ ପାୟଲ୍ ନାଗ କହିଥିଲେ ଯେ, ଏହି ସଫଳତା ପଛରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ତାଙ୍କ କୋଚ୍‌ଙ୍କ ବହୁତ ବଡ଼ ଅବଦାନ ରହିଛି। ଆନ୍ତର୍ଜାତୀୟ ସ୍ତରରେ ଦେଶ ପାଇଁ ଆହୁରି ପଦକ ଆଣିବା ତାଙ୍କର ଆଗାମୀ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ।

# କଂଗ୍ରେସର ଜିଲା କମିଟି, ବ୍ଲକ ଓ ନଗର କମିଟିର ସମୀକ୍ଷା

ଜୟପୁର, ୨/୦୬ (ନି.ପ୍ର): ଜୟପୁର ସ୍ଥିତ ଜିଲା କଂଗ୍ରେସ ଭବନ ଠାରେ ଆଜି କଂଗ୍ରେସର ଜିଲା କମିଟି, ବ୍ଲକ ଓ ନଗର କମିଟିର ସମୀକ୍ଷା ସହ ପଂଚାୟତ ପୌର ନିର୍ବାଚନ ନେଇ କଂଗ୍ରେସ ତରଫରୁ ପ୍ରସ୍ତୁତି ବୈଠକ, ବିଏଲଏ-୧ ଓ ବିଏଲଏ-୨ ସମିକ୍ଷା ମଧ୍ୟ କରାଯାଇଛି । କୋରାପୁଟ ଜିଲା କଂଗ୍ରେସର ସଭାପତି ରୁପକ ତୁରୁକଙ୍କ ଆହ୍ୱାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ଜାତୀୟ କଂଗ୍ରେସ ସମ୍ପାଦକ ଓ ଓଡିଶା ସହ ପ୍ରଭାରୀ ଜେ.ଟି କୁସୁମ ଯୋଗ ଦେଇଥିଲେ । କୋରାପୁଟ ଜିଲାର ସାଂଗଠନିକ ସ୍ଥିତି ଓ କାଯ୍ୟକଳାପ ଉପରେ ସମିକ୍ଷା କରିଥିଲେ । ପ୍ରଦେଶ କଂଗ୍ରେସର ସ୍ୱତନ୍ତ୍ର ପଯ୍ୟବେକ୍ଷକ ଅଜିତ ଦାସ ଓ ମୁରଲୀଧର ନାୟକ ,ପଟାଙ୍ଗି ବିଧାୟକ ତଥା ବିରୋଧି ଦଳର ନେତା ରାମ କାଡାମ ଉପସ୍ଥିତ ରହିଥିଲେ । ଆଗାମୀ ପଂଚାୟତ ଓ ପୌର ନିବାଚନରେ ଯେପରି କଂଗ୍ରେସ ଅକ୍ତିଆର କରିବ ସେ ନେଇ ଉପସ୍ଥିତ ସହ ପ୍ରଭାରି ମନ୍ତ୍ର ଦେଇଥିଲେ । ବର୍ତମାନର ଡବଲ ଇଞ୍ଜିନ ସରକାର ରେ ମହିଳା ଛାତ୍ର ଛାତ୍ରୀ ସାଧାରଣ ଜନତା, ଚାଷି, ଗୃହିଣି ସମସ୍ତେ ଅତିଷ୍ଠ ହେଲେଣି । ରାଜ୍ୟ ଓ କେନ୍ଦ୍ର ସରକରା ବିଫଳ ହୋଇଛି । ରାଜ୍ୟରେ ରୋଜଗାର ନାହିଁ । ଗାଁ ଗହଳିରେ ଲୋକେ ଖାଇବାରୁ ପାଇ ପାରୁ ନାହାନ୍ତି । ଦରଦାମ ଆକାଶ ଛୁଆଁ ହୋଇଥିବା ବେଳେ ପ୍ରତ୍ୟେକ ଦିନ କର୍ମଚାରି ମାନଙ୍କୁ ଛଟେଇ କରାଯାଉଛି । ପେଟ୍ରୋଲ, ଡିଜେ. ଗ୍ୟାସର ଦରଦାମ ବୃଦ୍ଧି ଉପରେ ଲୋକଙ୍କ ପାଖରେ ପହଂଚି ସଚେତନ କରି ଆଗାମି ପୌର ଓ ପଂଚାୟତ ନିର୍ବାଚନରେ ଯେପରି କଂଗ୍ରେସର ବିଜୟ ହେବ ସେଥିପ୍ରତି ସମସ୍ତ କଂଗ୍ରେସ କର୍ମି ଓ ନେତା ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଛି । ଆଗାମି ସାଧାରଣ ନିର୍ବାଚନରେ ରାଜ୍ୟ ଓ କେନ୍ଦ୍ରରେ ଯେପରି କଂଗ୍ରେସ ସରକାରି ଗଢିବ ସେନେଇ ଏବେ ଠାରୁ ସମସ୍ତେ ତତ୍ପରତା ପ୍ରକାଶ କରିବାକୁ ଆହ୍ୱାନ ଦିଆଯାଇଛି ।

ବୈଠକରେ ବରିଷ୍ଠ କଂଗ୍ରେସ ନେତା ବିଦୋନ ମହାପାତ୍ର, ଜିଲା ମହିଳା କଂଗ୍ରେସ ସଭାନେତ୍ରି ନଳିନି ରଥ, କୃଷ୍ଣ କୁଳଦିପ ଭଗବାନ ବାହିନିପତି, ଭାବାନି ଶଙ୍କର ରଥ, ଅଶୋକ ଗନ୍ତାୟକ, ବସନ୍ତ ନାୟକ କୋରାପୁଟ ଜିଲାର ବ୍ଲକ ସଭାପତି ନଗର ସଭାପତି, ଛାମୁଆ ସଂଗଠନର ମୁଖ୍ୟ, ପିସିସି କର୍ମକର୍ତା, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ କିଷାନ କଂଗ୍ରେସର କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ ।

## ବଣ୍ଡାଘାଟି ମୁଦୁଲିପଡ଼ାରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି, ୨/୦୬ (ନି.ପ୍ର): ବଣ୍ଡା ଘାଟିର ମୁଦୁଲିପଡ଼ା ପଂଚାୟତରେ 'ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର' ଆଜି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଓ ଏସପିଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା ସହ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଦୁର୍ଗମ ଅଞ୍ଚଳର ଲୋକଙ୍କ ନିକଟରେ ସହଜରେ ପହଂଚିବା ପାଇଁ ଏହି ବିଶେଷ ସ୍ୱତନ୍ତ୍ର ଶିବିର ଆୟୋଜନ କରାଯାଇଥିଲା, ଯାହାଦ୍ୱାରା ବଣ୍ଡା ଜନଜାତିର ଲୋକମାନେ ନିଜ ସମସ୍ୟା ପ୍ରଶାସନ ସାମ୍ନାରେ ରଖିପାରିଛନ୍ତି। ଏହି ଶିବିରରେ ମୋଟ୍ ୩୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସ୍ଥାନୀୟ ବାସିନ୍ଦାମାନେ ମୁଖ୍ୟତଃ ପାନୀୟ ଜଳ, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସରକାରୀ ଆବାସ ଯୋଜନା ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକ ପ୍ରଶାସନ ସାମ୍ନାରେ ରଖିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ କହିଛନ୍ତି ଯେ, ଦୁର୍ଗମ ଅଂଚଳରେ ରହୁଥିବା ଜନସାଧାରଣଙ୍କ ସମସ୍ୟାର ସମାଧାନ କରିବା ପ୍ରଶାସନର ମୁଖ୍ୟ ଦାୟିତ୍ୱ।

# କୋରାପୁଟ ଜିଲ୍ଲା ଡାକ୍ତରଖାନାରେ ନେଗେଟିଭ ଗ୍ରୁପ ରକ୍ତର ଅଭାବ

କୋରାପୁଟ, ୨/୦୬ (ନି.ପ୍ର): କୋରାପୁଟ ଜିଲ୍ଲାରେ ଥିବା ୨ଟି ରକ୍ତଭଣ୍ଡାରରେ ଦିନକୁ ଦିନ ରକ୍ତର ଅଭାବ ଦେଖା ଦେଇଛି । ଯାହାଫଳରେ ରୋଗୀ ଓ ସେମାନଙ୍କ ପରିବାର ଲୋକ ସମସ୍ୟାରେ ପଡିବା ସହ ଚିନ୍ତା ବଢ଼ିବାରେ ଲାଗିଥିବା ଲକ୍ଷ୍ୟ କରାଯାଇଛି । ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ରକ୍ତଦାନ ଶିବିର ଧିମେଇ ଯାଇଥିବା ଜଣାଯାଇଛି । ବିଶେଷ କରି ଜରୁରୀ ଅସ୍ତ୍ରୋପଚାର, ପ୍ରସବ, ଦୁର୍ଘଟଣା ଓ ଗୁରୁତର ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତ ମିଳିବା କଷ୍ଟକର ହୋଇପଡ଼ିଛି । ଫଳରେ ରୋଗୀଙ୍କ ସମ୍ପର୍କୀୟମାନେ ରକ୍ତ ପାଇଁ ଏଣେତେଣେ ଦୌଡ଼ାଦୌଡ଼ି କରୁଥିବା ଲକ୍ଷ୍ୟ କରାଯାଇଛି । ସୂଚନା ଅନୁସାରେ, ଜିଲ୍ଲାର ଦୁଇଟି ପ୍ରମୁଖ ସରକାରୀ ରକ୍ତଭଣ୍ଡାର ଗୁଡ଼ିକରେ ବର୍ତମାନ ବିଭିନ୍ନ ଗ୍ରୁପର ରକ୍ତର ଷ୍ଟକ୍ ଆବଶ୍ୟକତା ତୁଳନାରେ ବହୁତ କମ୍ ରହିଛି । ବିଶେଷ କରି ଇ-ନେଗେଟିଭ ଭଳି ଦୁର୍ଲଭ ଗ୍ରୁପର ରକ୍ତ ପ୍ରାୟ ଅନୁପଲବ୍ଧ ହୋଇଯାଇଛି । ଅନେକ ସମୟରେ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କୁ ନିଜେ ଦାତା ଖୋଜିବାକୁ ପଡୁଛି । କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରତିଦିନ ବହୁ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ରକ୍ତର ଚାହିଦା ମଧ୍ୟ ବଢ଼ିଛି । ଥାଲାସେମିଆ, ସିକେଲ ସେଲ, ରକ୍ତହୀନତା ଓ ଅନ୍ୟାନ୍ୟ ରୋଗରେ ପୀଡ଼ିତ ରୋଗୀମାନେ ନିୟମିତ ଭାବେ ରକ୍ତ ଆବଶ୍ୟକ କରୁଥିବାରୁ ଉପଲବ୍ଧ ରକ୍ତ ଶୀଘ୍ର ଶେଷ ହୋଇଯାଉଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଗ୍ରୀଷ୍ମ ଋତୁ ଓ ବର୍ଷା ଆରମ୍ଭ ସମୟରେ ସାଧାରଣତଃ ରକ୍ତଦାନ ଶିବିର କମ୍ ହେବା ସହ ରକ୍ତଦାତାଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇଥାଏ । ଏହା ରକ୍ତଭଣ୍ଡାରରେ ରକ୍ତ ସଂକଟର ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି । ଅନ୍ୟପଟେ, ସଚେତନତାର ଅଭାବ ଯୋଗୁଁ ଅନେକ ଯୁବକ ରକ୍ତଦାନ ପ୍ରତି ଆଗ୍ରହ ଦେଖାଉନଥିବା ମଧ୍ୟ ଏହି ସମସ୍ୟାକୁ ବଢ଼ାଇଛି । ସାମାଜିକ କର୍ମୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ରକ୍ତ ସଂକଟ ଦୂର କରିବା ପାଇଁ ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ନିୟମିତ ରକ୍ତଦାନ ଶିବିର ଆୟୋଜନ କରିବା ସହ ଲୋକଙ୍କୁ ସଚେତନ କରିବାକୁ ଦାବି କରିଛନ୍ତି । କଲେଜ, ବିଶ୍ୱବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ସଂଗଠନ ସହଯୋଗରେ ବ୍ୟାପକ ରକ୍ତଦାନ ଅଭିଯାନ କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ରୋଗୀଙ୍କ ପରିବାର ଲୋକେ କହିଛନ୍ତି ଯେ, ଜରୁରୀ ସମୟରେ ରକ୍ତ ନ ମିଳିବା ଏକ ଗୁରୁତର ସମସ୍ୟା । ଅନେକ ଗରିବ ପରିବାର ରକ୍ତ ଯୋଗାଡ଼ କରିବା ପାଇଁ ଦିନ ଦିନ ଧରି ହସ୍ପିଟାଲ ଓ ରକ୍ତଭଣ୍ଡାର ଚକ୍କର କାଟୁଛନ୍ତି । ତେଣୁ ରକ୍ତ ସଂଗ୍ରହ ବୃଦ୍ଧି ପାଇଁ ସରକାର ଓ ସମାଜର ସମସ୍ତ ବର୍ଗ ଆଗେଇ ଆସିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି । କୋରାପୁଟ ଜିଲାରେ ଦେଖାଦେଇଥିବା ଏହି ରକ୍ତ ସଂକଟ କେବଳ ସ୍ୱାସ୍ଥ୍ୟ ବ୍ୟବସ୍ଥାର ସମସ୍ୟା ନୁହେଁ, ବରଂ ସମାଜର ସାମୂହିକ ଦାୟିତ୍ୱର ପ୍ରତିଫଳନ । ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହୋଇପାରେ ବୋଲି ସ୍ୱାସ୍ଥ୍ୟ ମହଲରେ ଆଶଙ୍କା ପ୍ରକାଶ ପାଇଛି । ତେଣୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମସ୍ୟାକୁ ଗୁରୁତ୍ୱର ସହ ନେବା ପାଇଁ ଜିଲ୍ଲାବାସୀ ଦାବି କରିଛନ୍ତି ।

# ତିନି ମାସ ହେଲା ମିଳିନାହିଁ ବାର୍ଦ୍ଧକ୍ୟ ଭତ୍ତା : ଚମ୍ପୁଆ ଏନଏସି କାର୍ଯ୍ୟାଳୟର ଦ୍ୱାରସ୍ଥ ହିତାଧିକାରୀ

ଚମ୍ପୁଆ, ୨/୦୬ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବିଜ୍ଞାପିତ ଅଂଚଳ ପରିଷଦ(ଚମ୍ପୁଆ ଏନ୍ଏସି) ଅଂଚଳରେ ଦେଖାଦେଇଛି ଭତା ସମସ୍ୟା। ଦୀର୍ଘ ତିନି ମାସ ହେବ ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତା ନମିଳିବା ପ୍ରତିବାଦରେ ଆଜି ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଗୋଧୂଳି(୧ ନମ୍ବର ୱାର୍ଡ)ର ଅସହାୟ ହିତାଧିକାରୀ ମାନେ ଚମ୍ପୁଆ ଏନ୍ଏସି କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ଭତା ଟଙ୍କା ଉପରେ ନିର୍ଭର କରି ଚଳୁଥିବା ଏହି ବୃଦ୍ଧବୃଦ୍ଧା ଓ ନିରାଶ୍ରୟମାନେ ଏବେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଥିବା ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡର ଶତାଧିକ ହିତାଧିକାରୀଙ୍କୁ ଗତ ତିନି ମାସ ହେଲା ଭତା ମିଳିନାହିଁ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧୁବାବୁ ପେନସନ ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧୀନରେ ଥିବା ଏହି ଅର୍ଥ ବ୍ୟାଙ୍କ ଖାତାକୁ ଆସୁ ନଥିବା ହିତାଧିକାରୀମାନେ ପ୍ରକାଶ କରିଛନ୍ତି। ଫଳରେ ଔଷଧ କିଣିବା ଠାରୁ ଆରମ୍ଭ କରି ଦୈନନ୍ଦିନ ଗୁଜୁରାଣ ମେଂଟାଇବାରେ ସେମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବ୍ୟାଙ୍କ ଓ ଏନଏସି ଅଫିସ ଦୌଡ଼ି ଦୌଡ଼ି ନିରାଶ ହେବା ପରେ, ଆଜି ବାଧ ହୋଇ ବୃଦ୍ଧ ବୃଦ୍ଧାମାନେ ଏନ୍ଏସି କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ଗୁହାରି ଜଣାଇଛନ୍ତି। ଏହି ସମସ୍ୟା ନେଇ ଚମ୍ପୁଆ ଏନଏସିର ଭତା ବିଭାଗର କର୍ମଚାରୀ ହରେକୃଷ୍ଣ ନାଏକଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି ଯେ, ସରକାରୀ ସ୍ତରରେ ନୂତନ ସଫ୍ଟୱେର୍ ପରିବର୍ତନ ଏବଂ କେନ୍ଦ୍ର-ରାଜ୍ୟ ମିଳିତ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ବୈଷୟିକ ତ୍ରୁଟି କାରଣରୁ ଏହି ବିଳମ୍ବ ଘଟିଛି। ସିଧାସଳଖ ନଗଦ ଟଙ୍କା ନେଉଥିବା ହିତାଧିକାରୀଙ୍କର କୌଣସି ଅସୁବିଧା ହୋଇନାହିଁ, କିନ୍ତୁ ଅନଲାଇନ୍ ଖାତାଧାରୀମାନେ ପ୍ରଭାବିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ଏବଂ ଆସନ୍ତା ୧୦ ରୁ ୧୫ ଦିନ ମଧ୍ୟରେ ସମସ୍ତ ବକେୟା ଭତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

# *ସମାଧାନ ସମାରୋହ ଅଗଷ୍ଟ ୨୧ରୁ ୨୩ ପର୍ଯ୍ୟନ୍ତ*

ପୁରୀ, ୨/୦୬ (ନି.ପ୍ର): ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ୱତନ୍ତ୍ର ଲୋକ ଅଦାଲତ "ସମାଧାନ ସମାରୋହ" -୨୦୨୬ ଆସନ୍ତା ଅଗଷ୍ଟ ୨୧, ୨୨ଏବଂ ୨୩ ତାରିଖରେ ଅନୁଷ୍ଠିତ ହେବ । ଉପରୋକ୍ତ ସମାଧାନ ସମାରୋହରେ ନିମ୍ନ ଲିଖିତ ମାମଲା ଗୁଡ଼ିକର ଆପୋଷ ସହମତି ଭିତିରେ ସମାଧାନ କରାଯିବାର ବ୍ୟବସ୍ଥା କରାଯାଇଛି। ବୈବାହିକ ବିବାଦ, ମୋଟରଯାନ ଜନିତ ଦୁର୍ଘଟଣା ମାମଲା, ଚେକ ବାଉନ୍ସ ମାମଲା, ଜମି ଅଧିଗ୍ରହଣ ମାମଲା, ରଫାଯୋଗ୍ୟ ଫୌଜଧାରୀ ମାମଲା, ଶ୍ରମ ବିବାଦ, ଅପୋଷ ସହମତିରେ ସମାଧାନ ଯୋଗ୍ୟ ଅନ୍ୟାନ୍ୟ ଉପଯୁକ୍ତ ମାମଲା। ସମାଧାନ ସମାରୋହ ସମ୍ପର୍କରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଗୁଡିକ ହେଲା ଉପରୋକ୍ତ ଲୋକ ଅଦାଲତରେ ନିଜର ମାମଲାର ସମାଧାନ ପାଇଁ ସୁପ୍ରିମ୍ କୋର୍ଟଙ୍କ ଉପଲବ୍ଧ ଗୁଗୁଲ ଫର୍ମ ପୂରଣ କରି ଅନୁରୋଧ କରିବେ ।

# ଅଇଁଠାପାଲି ଥାନା ଅଂଚଳରୁ ଦେଶୀ ବନ୍ଧୁକ ସହ ଗୁଳି ଜବତ: ଜଣେ ଗିରଫ

ସମ୍ବଲପୁର, ୨/୦୬ (ନି.ପ୍ର): ସମ୍ବଲପୁର ସହରର ଅଇଁଠାପାଲି ଥାନା ଅଧୀନସ୍ଥ ବେସରକାରୀ ବସ୍‌ଷ୍ଟାଣ୍ଡ ଅଂଚଳରେ ଗତ ୩୦ ମେ ରାତିରେ ପୁଲିସ ପକ୍ଷରୁ ଚାଲିଥିବା ଏକ ସ୍ୱତନ୍ତ୍ର ଚଢ଼ାଉ ଅଭିଯାନ ସମୟରେ ଅବୈଧ ଅସ୍ତ୍ର ରଖିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସମ୍ବଲପୁର ଅଙ୍ଗୁଳିଆପଡ଼ା ଅଂଚଳର ୨୬ ବର୍ଷୀୟ ନରେନ୍ଦ୍ର ନାଏକ ବୋଲି ଜଣାପଡିଛି। ନିର୍ଭରଯୋଗ୍ୟ ସୂଚନା ଆଧାରରେ ପୁଲିସ ତାଙ୍କୁ କାବୁ କରି ବ୍ୟକ୍ତିଗତ ତଲାସି କରିଥିଲା। ତଲାସି ବେଳେ ତାଙ୍କ ନିକଟରୁ ଗୋଟିଏ ସିଙ୍ଗଲ୍-ସଟ୍ ଦେଶୀ ବନ୍ଧୁକ, ଦୁଇଟି ଜୀବନ୍ତ ଗୁଳି ଏବଂ ଗୋଟିଏ ମୋଟୋରୋଲା ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଜବତ ସାମଗ୍ରୀକୁ ଆଇନଗତ ପ୍ରକ୍ରିୟା ଅନୁସାରେ ଜବତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅଇଁଠାପାଲି ଥାନାରେ କେସ୍ ୧୫୬/୨୬ରେ ଭାରତୀୟ ଅସ୍ତ୍ର ଆଇନର ଧାରା ୨୫(୧ଏ)/୨୫(୧ବି)(ଏ) ଅଧୀନରେ ମାମଲା ରୁଜୁ ହୋଇଛି।

# ଜିଲ୍ଲା ବିଜେଡି ପକ୍ଷରୁ ଜୁନ ୫ ତାରିଖରେ ପ୍ରତିବାଦ ସଭା



ଖୋର୍ଦ୍ଧା, ୦୨/୬ (ନି.ପ୍ର): ରାଜ୍ୟରେ ପ୍ରତିଦିନ ହିଂସା ବୃଦ୍ଧି ପାଉଛି। ମହିଳା ଏବଂ ନାରୀ ମାନେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ପେଟ୍ରୋଲ ଏବଂ ଡିଜେଲ ଅଭାବ ଦର୍ଶାଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଠାରୁ ଆରମ୍ଭ କରି ବସ୍ ଭଡ଼ା ବୃଦ୍ଧି ହୋଇଛି। ଏତଦ୍ ବ୍ୟତୀତ ରାଜ୍ୟ ରେ ଦୁଇ ବର୍ଷ କରି ଗଢା ଯାଇଥିବା ବିଜେପି ସରକାର ସବୁ କ୍ଷେତ୍ର ରେ ବିଫଳ ହୋଇଛି ବୋଲି ପ୍ରମୁଖ ବିରୋଧୀ ଦଳ ବିଜେଡି ଦଳ ପକ୍ଷରୁ ଅଭିଯୋଗ କରାଯାଇଚି। ରାଜ୍ୟ ବିଜେଡି ସଭାପତି ତଥା ବିରୋଧ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟ ରେ ବିଭିନ୍ନ ନିର୍ବାଚନ ମଣ୍ଡଳୀ ରେ ପ୍ରତିବାଦ ସଭା ଅନୁଷ୍ଠିତ ହେଉଛି। ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର୍ ସାହୁ ଙ୍କ ନେତୃତ୍ୱ ରେ ଏକ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରା ଆସନ୍ତା ଜୁନ୍ ମାସ ୫ତାରିଖ ରେ ଆୟୋଜନ ହେବ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ବିଜେଡି ବରିଷ୍ଠ ଉପ ସଭାପତି ଦେବୀ ରଞ୍ଜନ ମିଶ୍ର, ପ୍ରତାପ କୁମାର ଜେନା, ରାଜ୍ୟ ସଭା ସାଂସଦ ମାନସ ମଙ୍ଗରାଜ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ମନ୍ମଥ କୁମାର ରାଉତରାୟ, ବିଜେଡି ଛାତ୍ର ସଭାପତି ଇପିଶିତା ସାହୁ, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ,ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ବିଜେଡି ମହିଳା ନେତ୍ରୀ ପ୍ରମିଳା ମଲ୍ଲିକ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଶୁଭ କାନ୍ତ ମହାପାତ୍ର , ଯୁବ ନେତା ଅମିୟ କୁମାର ମହାନ୍ତି ଙ୍କ ସମେତ ଅନ୍ୟ ବିଜେଡି ନେତୃବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଶ୍ରୀ ସାହୁ ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ବିଜେପି ସରକାର ଅମଳ ରେ ରାଜ୍ୟ ରେ ଦରଦାମ୍ ବୃଦ୍ଧି ସହ ଅରାଜକତା, ହିଂସା ବୃଦ୍ଧି ପାଇଛି। ସବୁ କ୍ଷେତ୍ର ରେ ରାଜ୍ୟ ସରକାର ବିଫଳ ହୋଇଛି। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ରେ ଗତ ଦୁଇ ବର୍ଷ ମଧ ରେ କୌଣସି ପ୍ରକାର ବିକାଶ ମୂଳକ କାର୍ଯ୍ୟ କରାଯାଇ ନାହିଁ। ପୂର୍ବ ବିଜେଡି ସରକାର ଅମଳ ରେ ମଞ୍ଜୁର ହୋଇଥିବା ବେଳେ ବିଭିନ୍ନ ପ୍ରକଳ୍ପ ଚାଲିଥିବା କାର୍ଯ୍ୟ ରେ ବିଲ୍ ପାସ୍ ବେଳେ ପିସି କାରବାର ଚାଲୁଛି। ଖୋର୍ଦ୍ଧା ପୌର କାର୍ଯ୍ୟାଳୟ ରେ ବେଆଇନ କାର୍ଯ୍ୟ ଚାଲୁଛି। ଖୋର୍ଦ୍ଧା ଅଞ୍ଚଳ ରେ ଜୀବନ ଜୀବିକା ନିର୍ବାହ ପାଇଁ ମୁଖ୍ୟ ଭାବେ ପାହାଡ ଏବଂ କ୍ରଶର ଦିର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଛି। ସହର କୁ ସରସ ସୁନ୍ଦର୍ କରିବା ପାଇଁ କ୍ୟାବିନ ଉଚ୍ଛେଦ କରାଯାଇଛି। ଖୋର୍ଦ୍ଧାର ବିଭିନ୍ନ ଚିକିତ୍ସାଳୟ କର ଆୟୁଷ୍ମାନ କାର୍ଡ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବାରୁ ଅନେକ ଗରିବ ରୋଗୀ ଚିକିତ୍ସା ସୁବିଧା ପାଇ ପାରୁ ନାହାନ୍ତି। ଏହିଭଳି ଅନେକ ସମସ୍ୟା କୁ ନେଇ ଏକ ପ୍ରତିବାଦ ଶୋଭାଯାତ୍ରା ଆସନ୍ତା ୫ତାରିଖ ରେ ସକାଳ ୮ଟାରେ ସ୍ଥାନୀୟ ଗୀତା ଭବନ ରୁ ବାହାରି ସହର ର ମୁଖ୍ୟ ରାସ୍ତା ଦେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ପହଞ୍ଚି ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟ ରେ ଜିଲ୍ଲାପାଳ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରେ ଖୋର୍ଦ୍ଧା ବ୍ୟତୀତ, ବେଗୁନିଆ ବୋଲଗଡ, ଜଟଣୀ , ଚିଲିକା, ଜୟଦେବ ନିର୍ବାଚନ ମଣ୍ଡଳୀ ର ବିଜେଡି ନେତୃବୃନ୍ଦ ସହ କର୍ମୀ ଯୋଗ ଦେବେ ବୋଲି ଶ୍ରୀ ସାହୁ ସୂଚନା ଦେଇଛନ୍ତି।

## ପାଲା ମାଧ୍ୟମରେ ଏସ୍ଆଇଆର ସଚେତନତା

ଖଇରା, ୦୨/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ପାଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପାଲା ଗାୟକ ମହେଶ୍ୱର ବାରିକ ନିଜର ପାଲା ପରିବେଷଣ ମାଧ୍ୟମରେ ପରିଗଣନା ଫର୍ମ ପୁରଣର ଅବଧି, ଚିଠା ଭୋଟର ତାଲିକା ପ୍ରକାଶନ, ଦାବି ଓ ଆପତ୍ତି ଦାଖଲ କରିବାର ଅବଧି ଭଳି ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ତଥ୍ୟ ଉପସ୍ଥାପନ କରିଥିଲେ । ଖଇରା ଦୁର୍ଗା ମଣ୍ଡପରେ ଅନୁଷ୍ଠିତ ଏହି ପାଲା କାର୍ଯ୍ୟକ୍ରମରେ ବିଡିଓ ନାରାୟଣ ସାହୁ, ସହକାରୀ ଯନ୍ତ୍ରୀ ବିଭୂତି ଭୁଷଣ ନାୟକ, ଜିପିଡିଓ ସୁରେଶ କୁମାର ମଣ୍ଡଳ, ବିଏସଏସଓ ସରୋଜ କୁମାର ନାୟକ, ବିପିସି ଅନନ୍ତ କୁଅଁର, ବିଏଲଓ ସୁପରଭାଇଜର ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଲୋକମାନେ ପାଲାକାର୍ଯ୍ୟକ୍ରମ ମନଭରି ଉପଭୋଗ କରିଥିଲେ ।

## ଭାରତୀୟ ଜନତା ପାର୍ଟି ପକ୍ଷରୁ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀସ୍ତରୀୟ ବି.ଏଲ୍.ଏ-୨ ପ୍ରଶିକ୍ଷଣ ଶିବିର




ଜଳେଶ୍ୱର, ୦୨/୬ (ନି.ପ୍ର): ଭାରତୀୟ ଜନତା ପାର୍ଟୀ ର ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଆଜି ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ନୁଆ ବଜାର ଖୁସି ପ୍ଲାଜା ପରିଷରରେ ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ କାର୍ଯ୍ୟକ୍ରମ ସହିତ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବି.ଏଲ୍.ଏ- ୨ ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ ଏସ ଆଇ ଆର ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ସଫଳ କରିବା ଦିଗରେ କାର୍ଯ୍ୟକର୍ତ୍ତାମାନଙ୍କୁ ଏଠାରେ ଗୁରୁମନ୍ତ୍ର ଦିଆଯାଇ ଥିଲା। ବାଲେଶ୍ୱର (ଉତ୍ତର) ବିଜେପି ଜିଲ୍ଲା ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ପଣ୍ଡା ଙ୍କ ସଭାପତିତ୍ୱରେ ମଣ୍ଡଳ ସଭାପତି ସଞ୍ଜୀବ ସେନାପତିଙ୍କ ମଞ୍ଚ ପରିଚାଳନାରେ ଏହି ହାଇପ୍ରୋଫାଇଲ୍ ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଓ ମାର୍ଗଦର୍ଶକ ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଏସ ଆଇ ଆର ସମ୍ବନ୍ଧରେ ଆଲୋଚନା କରିଥିଲେ। ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ନେତା ଶ୍ରୀଯୁକ୍ତ ବ୍ରଜମୋହନ ପ୍ରଧାନ ମଧ ଏହି ଶିବିରରେ ମୁଖ୍ୟତଃ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବୋଧିତ କରିଥିଲେ। ଏହି ସମ୍ବନ୍ଧରେ ବିଜେପି ବାଲେଶ୍ୱର (ଉତ୍ତର) ଜିଲ୍ଲା ସମ୍ପାଦକ ଶ୍ରୀ କାଳିଚରଣ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅଶୋକ ଦାସ,ବିଜୟ ସାମଲ, ସଞ୍ଜୀବ ଜେନା, ଅନୁପ କୁମାର ପ୍ରଧାନ, ରଜତ ରଞ୍ଜନ ଦାସ, ଅନୀଲ ସାହୁ ପ୍ରମୁଖ ମଣ୍ଡଳ ସଭାପତି ମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏସ.ଆଇ.ଆର ସମ୍ବନ୍ଧରେ ଆଲୋଚନା କରିଥିଲେ।ଆଗାମୀ ରଣନୀତି ଦୃଷ୍ଟିରୁ ଏହି ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ପୁରୀ ଜିଲ୍ଲାରେ ମଦ ଦୋକାନ ନିଲାମ କାର୍ଯ୍ୟକ୍ରମ

ପୁରୀ, ୦୨/୬ (ନି.ପ୍ର): ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ପୁରୀ ଜିଲ୍ଲାର ୫୪ ଗୋଟି ମଦ ଦୋକାନ ନିଲାମ ପାଇଁ ନିଲାମ ପ୍ରକ୍ରିୟା ଟାଉନହଲ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଉପସ୍ଥିତ ରହି ନିଲାମ ପ୍ରକ୍ରିୟା କୁ ଅନୁଧାନ କରିଥିଲେ।ପରେ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ଙ୍କ ଅଧକ୍ଷତାରେ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ମୋଟ ୫୪ଟି ମଦ ଦୋକାନ ପାଇଁ ୧୭୯୧ ଜଣ ଆବେଦନ କରିଥିଲେ। ଏଥିର୍ବେ୍ଦେଶୀ ମଦ ଦୋକାନ ୩୬ ଗୋଟି ପାଇଁ ୧୨୫୮ ଗୋଟି ଆବେଦନ ମିଳିଥିବା ବେଳେ ଓ ଦେଶୀ ମଦ ଦୋକାନ ୧୮ ଗୋଟି ପାଇଁ ୫୩୩ ଜଣ ଆବେଦନ କରିଥିଲେ। ଏହାକୁ ଲଟେରୀ ମାଧମରେ ଚୟନ କରାଯାଇଥିଲା। ଆବେଦନକାରୀଙ୍କ ଉପସ୍ଥିତିରେ ଟୋକନ ଗୁଡିକୁ ଏକ ଡବାରେ ପକାଯାଇ ଘଂଟା ଘଂଟି କରାଯାଇ ଅତିରିକ୍ତ ଜିଲ୍ଲାପାଳ ଆଖିରେ କଳା ପଟି ବାନ୍ଧି ଏହି ଡବାରୁ ଗୋଟିଏ ଗୋଟିଏ ଟୋକନ ଉଠାଇ ଲଟେରୀ ବିଜେତାଙ୍କ କ୍ରମିକ ସଂଖ୍ୟାକୁ ଘୋଷଣା କରିଥିଲେ।

## ହାତିଆଡିହା ଶିବ ମୁନି ଯୋଗାଶ୍ରମରେ ମୁନି ସମାଜର ଶୁଭ ଜନ୍ମଦିନ ପାଳନ



ରୂପସା, ୦୨/୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ସାପ୍ତାହିକ ସତ୍ସଙ୍ଗ ସହିତ, ଆଶ୍ରମର ବରିଷ୍ଠ ଯୋଗସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନିଜୀଙ୍କ ଧର୍ମପତ୍ନୀ ମୁନିରାଜ୍ଞୀ ଗୀତାଞ୍ଜଳୀ ବାରିକଙ୍କ ୭୦ ତମ ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା , ବେଦପାଠ ଶାନ୍ତି ପାଠ କରାଯାଇ,ମୁନିରାଜ୍ଞୀ ଗୀତାଞ୍ଜଳୀଙ୍କୁ ଦୀର୍ଘ ନିରୋଗ ନିରାମୟ ଆନନ୍ଦମୟ ଶାନ୍ତିମୟ ଜୀବନ ଯାପନ ର ସମୂହ ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିଲେ, ଆଶ୍ରମର ନୂତନ ସଭାପତି, ମୁନି ରାଜ ନାରାୟଣ ମହାପାତ୍ର ମହୋଦୟ, ମୁନିରାଜ ଯୋଗେନ୍ଦ୍ର ବେହେରା, ମୁନିରାଜ୍ଞୀ ବିମଳା ଲେଙ୍କା, ଶକୁନ୍ତଳା ପରିଡ଼ା, ବାସନ୍ତୀ ପରିଡ଼ା, କାଞ୍ଚନ ସାହୁ, ମୁନିମତୀ ସରସ୍ୱତୀ ନନ୍ଦ, ଜାହ୍ନବୀ ଗିରି, କୈକେୟୀ ଜେନା, ଯମୁନା ପାତ୍ର,ମୁନି ଶଶଧର ସେନାପତି, ମୁନି ମତୀ ଉର୍ମିଳା ରାଉଳ, କୁନି ମାଝି, ମୁନି ସତ୍ୟ ସେନାପତି, ମୁନିମତୀ ଆରତୀ ଗିରି ଏବଂ ମୁନି କୁମାର ତାପସ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ବୃନ୍ଦ । ଯମ ନିୟମ ପାଳନ ପୂର୍ବକ, ପ୍ରତିଦିନ ମୁନି ସମାଜର ଚକ୍ରଭେଦନ କରି ଚାଲିଲେ, ଜଣେ ନିଶ୍ଚିତ ସୁଖ ଶାନ୍ତି ଆନନ୍ଦରେ ରହିବା ସହିତ, ତାର ସମସ୍ତ ସଂକଳ୍ପ ଅଚିରେ ପୁରଣ ହୋଇ ଚାଲୁଥିବ । ଏହା ସମସ୍ତ ଅନୁଭବି ମାନେ ପ୍ରକାଶ କରିଥିଲେ । ଶେଷରେ ଯୋଗୀ ପରମାନନ୍ଦ ମୁନି, ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ତିରୋଧାନ ଦିବସ



ବାସୁଦେବପୁର , ୦୨/୬ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତରେ ଓଡ଼ିଶାର ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ସକାଳେ ତିଳ ତର୍ପଣ କରା ଯାଇଥିଲା। ଏହି ତିରୋଧାନ ଦିବସ ତଥା ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ବିଜୁ ଜନତା ଦଳର ଯୁବ ନେତା ତଥା ଦଳର ସମ୍ପାଦକ ପବିତ୍ର ରଞ୍ଜନ ପୁହାଣ, ସଭାପତି ମଧୁସୂଦନ ମଲ୍ଲିକ , ଅଲେଖ ଲେଙ୍କା, ଶରତ କୁମାର ସ୍ୱାଇଁ, ନୀଳାଦ୍ରି ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ଏହା ବ୍ୟତୀତ ଶତାଧିକ କର୍ମୀ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ଅନେକ ଜନ ହିତକର କାର୍ଯ୍ୟ କରି ଅମର ହୋଇ ରହିଛନ୍ତି। ଯୁଗ ଯୁଗ ଧରି ଓଡ଼ିଶାର ରାଜନୈତିକ ଇତିହାସରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ପୁତ୍ର ବିଜୟଶ୍ରୀ ରାଉତରାୟ ସମସ୍ତ ଙ୍କ ହୃଦୟରେ ବସା ବାନ୍ଧି ରହିଥିବେ ବୋଲି ନେତା ଓ କର୍ମୀ ମତ ପ୍ରକାଶ କରିଥିଲେ। ବିଜୟଶ୍ରୀ ରାଉତରାୟଙ୍କ ପୁତ୍ର ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଙ୍କ କଥା ମଧ ଏହି ଅବସରରେ ଆଲୋଚନା କରା ଯାଇଥିଲା। ସମସ୍ତେ ବିଜୟଶ୍ରୀ ରାଉତରାୟଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ। ଶେଷରେ ଯୁବ ନେତା ପବିତ୍ର ରଞ୍ଜନ ପୁହାଣ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକଭବନରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୦୨/୬ (ନି.ପ୍ର): ଭାରତର ଶକ୍ତି ଏହାର ସମୃଦ୍ଧ ବିବିଧତା ଏବଂ ସ୍ଥାୟୀ ଏକତାରେ ରହିଛି ଓ ଏଥି ପାଇଁ ନାଗରିକମାନଙ୍କ ମଧ୍ୟରେ ପାରସ୍ପରିକ ସମ୍ମାନ, ସଦଭାବ ଏବଂ ସାମୂହିକ ପ୍ରଗତିର ମୂଲ୍ୟବୋଧକୁ ବଜାୟ ରଖିବାକୁ ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ମଙ୍ଗଳବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ତେଲେଙ୍ଗାନା, ଗୋଆ ଏବଂ ସିକିମର ପ୍ରତିଷ୍ଠା ଦିବସ ପାଳନ ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ବିବିଧ ସଂସ୍କୃତି, ପରମ୍ପରା ଏବଂ ଇତିହାସ ସତ୍ତ୍ୱେ ଭାରତର ସ୍ପନ୍ଦନଶୀଳ ସଂଘୀୟ ମନୋଭାବ ଏବଂ ଦେଶକୁ ଏକତ୍ର ବାନ୍ଧି ରଖିବାର ମୂଲ୍ୟବୋଧକୁ ଏହି କାର୍ଯ୍ୟକ୍ରମ ପ୍ରତିଫଳିତ କରୁଛି। ଏହି ତିନୋଟି ରାଜ୍ୟର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କର ଭିନ୍ନ ଇତିହାସ, ଭୌଗୋଳିକ ଅବସ୍ଥିତି ଏବଂ ସାଂସ୍କୃତିକ ପରମ୍ପରା ସତ୍ତ୍ୱେ ତେଲେଙ୍ଗାନା, ଗୋଆ ଏବଂ ସିକିମ ଦେଶର ଅଭିବୃଦ୍ଧି ଏବଂ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜୁନ୍ ୪ରେ ଆସୁଛି ...

ଆସନ୍ତା ସପ୍ତାହରେ ଉତ୍ତର-ପଶ୍ଚିମ, କେନ୍ଦ୍ରୀୟ ଓ ପୂର୍ବ ଭାରତର ଅନେକ ଅଂଶ ତଥା ଦକ୍ଷିଣ ଉପଦ୍ୱୀପ ଭାରତର ଅନେକ ଅଞ୍ଚଳରେ ମଧ୍ୟମରୁ ପ୍ରବଳ ବଜ୍ରପାତ ସହ ବର୍ଷା ହେବାର ଚେତାବନୀ ଦେଇଛି ବୋଲି ଆଇଏମ୍‌ଡି। ବଜ୍ରପାତ ସହିତ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ, ଯାହା ବାହ୍ୟ କାର୍ଯ୍ୟକଳାପ, ଅସ୍ଥାୟୀ ସଂରଚନା, ବିଦ୍ୟୁତ୍ ଲାଇନ ଓ କୃଷି ପାଇଁ ବିପଦ ସୃଷ୍ଟି କରିପାରେ। ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କୁ ସତର୍କ ରହିବାକୁ ଏବଂ ସ୍ଥାନୀୟ ପାଣିପାଗ ପରାମର୍ଶ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଛି। ଦିଲ୍ଲୀ-ଏନସିଆର, ରାଜସ୍ଥାନ, ପଞ୍ଜାବ ଓ ହରିୟାଣା ସମେତ ଉତ୍ତର-ପଶ୍ଚିମ ଭାରତରେ ବଜ୍ରପାତ ଓ ପ୍ରବଳ ପବନ ଜାରି ରହିବାର ସମ୍ଭାବନା ରହିଛି। ମଧ୍ୟପ୍ରଦେଶ ଓ ଛତିଶଗଡ଼ ସମେତ କେନ୍ଦ୍ରୀୟ ଭାରତରେ ସମାନ ପାଗ ଦେଖାଯିବାର ସମ୍ଭାବନା ଥିବାବେଳେ ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ପରି ପୂର୍ବ ରାଜ୍ୟରେ ମଧ ବଜ୍ରପାତ ସହ ବର୍ଷା ହୋଇପାରେ। ସମଗ୍ର ଭାରତରେ କିଛିଦିନ ଧରି ବ୍ୟାପକ ପ୍ରାକ୍-ମୌସୁମୀ ବର୍ଷା ଓ ବଜ୍ରପାତ ପରେ ଏହି ପୂର୍ବାନୁମାନ କରାଯାଇଛି, ଯାହା ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ ଉଲ୍ଲେଖନୀୟ ହ୍ରାସ ଘଟାଇଛି।

### ଆନ୍ନାମଲାଇଙ୍କୁ ମନାଇବାରେ...

ଅନୁମାନ କରାଯାଉଛି ଯେ ଆନ୍ନାମଲାଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସହ ମଧ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ । ରାଜନୈତିକ ବିଶେଷଜ୍ଞମାନଙ୍କ ଅନୁସାରେ ଶାହଙ୍କ ସହ ଗୁପ୍ତ ବୈଠକ ପରେ ହିଁ ସ୍ପଷ୍ଟ ହେବ ଯେ, ଆନ୍ନାମଲାଇ ବିଜେପିରେ ରହିବେ ନା ନୂଆ ବାଟ ଖୋଜିବେ । ରାଜନୈତିକ ବିଶେଷଜ୍ଞଙ୍କ ମତରେ, ଅନ୍ନାମଲାଇ ଏବଂ ବିଜେପି ନେତୃତ୍ୱଙ୍କ ମଧ୍ୟରେ ଅନେକ ପ୍ରସଙ୍ଗରେ ଆଲୋଚନା ଚାଲିଛି। କିଛି ଗଣମାଧ୍ୟମ ରିପୋର୍ଟ ଦାବି କରୁଛି ଯେ, ସେ ଦଳ ଛାଡିବା ପାଇଁ ପାରସ୍ପରିକ ସହମତିର ବିକଳ୍ପ ଅନୁସନ୍ଧାନ କରୁଛନ୍ତି। ତେବେ ଏହା ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ। ଅନ୍ନାମଲାଇଙ୍କ ନିକଟତର ଲୋକମାନେ କୁହନ୍ତି ଯେ, ଗତ କିଛି ବର୍ଷ ମଧ୍ୟରେ ତାମିଲନାଡୁ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି । ବିଶେଷକରି ଅଭିନେତାରୁ ରାଜନେତା ହୋଇଥିବା ଥାଲାପତି ବିଜୟ ରାଜନୀତିରେ ପ୍ରବେଶ କରିବା ପରଠାରୁ ରାଜ୍ୟର ରାଜନୈତିକ ପାଣିପାଗ ପରିବର୍ତ୍ତନ ହେଉଥିବା ପରି ମନେ ହେଉଛି। ଫଳସ୍ୱରୂପ, ଅନ୍ନାମଲାଇ ଅନୁଭବ କରିଛନ୍ତି ଯେ, କେବଳ ଭାଷା ଏବଂ ପାରମ୍ପରିକ ଦ୍ରାବିଡ଼ ରାଜନୈତିକ ପ୍ରସଙ୍ଗ ଉପରେ ଆଧାରିତ ନିର୍ବାଚନୀ ସଫଳତା ଆଉ ଏବେ ସହଜ ନୁହେଁ। ଜନସାଧାରଣ ନୂତନ ବିକଳ୍ପ ଏବଂ ନୂତନ ନେତୃତ୍ୱ ଖୋଜୁଛନ୍ତି । ଏହି କାରଣଗୁଡ଼ିକ ଦ୍ୱାରା ପ୍ରଭାବିତ ହୋଇ, ଅନ୍ନାମଲାଇ ବିଜେପିଠାରୁ ଅଲଗା ହୋଇ ରାଜ୍ୟରେ ନିଜକୁ ଏକ ନୂତନ ବିକଳ୍ପ ଭାବରେ ପ୍ରତିଷ୍ଠିତ କରିବାକୁ ଚାହୁଁଛନ୍ତି ବୋଲି ଅନୁମାନ କରାଯାଉଛି । ରିପୋର୍ଟ ଅନୁଯାୟୀ, ସେ ଖୁବ୍ ଶୀଘ୍ର ତାମିଲନାଡୁର ଲୋକଙ୍କ ସମସ୍ୟାକୁ ନେଇ ଏକ ବଡ଼ ଜନ ଆନ୍ଦୋଳନ ଆରମ୍ଭ କରିପାରନ୍ତି। ତେବେ ଏହା କେବଳ ଏକ ସାମାଜିକ-ରାଜନୈତିକ ଅଭିଯାନ ହେବ କି ଏହା ଶେଷରେ ଏକ ନୂତନ ରାଜନୈତିକ ଦଳ ଗଠନ କରିବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

### ରାଜ୍ୟ ସରକାରଙ୍କ ୨...

ବୈଠକରୁ ଜଣାଯାଇଛି ଯେ, ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ଡ. କାଳୀପଦ ପଣ୍ଡାଙ୍କ...

ଝାଡ଼େଶ୍ୱର ପ୍ରଧାନ, ରମେଶ ଚନ୍ଦ୍ର ଜେନା, ଡ. ବିଜୟ କୁମାର ମହାନ୍ତି, ଡ. ମଧୁରାନାଥ ହୋତା, କବି ଅଭୟ ଦାସ, କବି ପ୍ରଶାନ୍ତ ଦାସ, ଆଡଭୋକେଟ୍ ବିଜୟ ପାଣିଗ୍ରାହୀ, ସୁଧାକର ସେଠୀ, ଅଭିନନ୍ଦନର ସଂପାଦକ ଜଗଦୀଶ ମିଶ୍ର ପ୍ରମୁଖ ଏହି ଉତ୍ସବରେ ପୁସ୍ତକ ଓ ପତ୍ରିକା ଉନ୍ମୋଚନ ପର୍ବରେ ଯୋଡ଼ି ହୋଇଥିଲେ । ପ୍ରେକ୍ଷାଳୟରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଏବଂ ସହରର ଶତାଧିକ ଲେଖକ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ୭୦ ଜଣ ଲେଖକ ସେମାନଙ୍କର ନିଜ ନିଜର ପ୍ରିୟ ଶିକ୍ଷକଙ୍କ ଉପରେ ଲେଖିଥିବା ଲେଖାରେ ସମୃଦ୍ଧ ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ ପତ୍ରିକା ସମସ୍ତଙ୍କ ପାଇଁ ଏକ ସୁଖପାଠ୍ୟ ପତ୍ରିକା ବୋଲି ଉତ୍ସବରେ ମତ ପୋଷଣ କରିଥିଲେ ଅତିଥିବର୍ଗ ।

### ଜୋନାଲ ସ୍ତରୀୟ...

ସେହିଭଳି ଆସନ୍ତା ୫ ତାରିଖରୁ କିଟ ପରିସରରେ ଭଲିବଲ ମ୍ୟାଚ ଆୟୋଜନ କରାଯିବ ।
ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍ ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି ।

## ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍

ଭୁବନେଶ୍ୱର, ୦୨/୬ (ନି.ପ୍ର): ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ମନ୍ଥ ଅଫ୍ ସୋଲାର ' ଅଭିଯାନରେ ଓଡ଼ିଶାକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍' ପାଇଁ ଚୟନ କରାଯାଇଛି, ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଂଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ଏତଦ୍‌ବ୍ୟତୀତ, 'ମାକ୍ସିମମ୍ ଭେଣ୍ଡର ରେଜିଷ୍ଟ୍ରେସନସ୍ ' ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିବା ସହ ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

## ଫକୀର ମୋହନ ଓ ମଧୁବାବୁଙ୍କ ପ୍ରତି ଅଶାଳୀନ ମନ୍ତବ୍ୟର ପ୍ରତିବାଦ ସଭା ସହିତ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ସହ ଥାନାରେ ଏତଲା

ଜଳେଶ୍ୱର, ୦୨/୬ (ନି.ପ୍ର): ଓଡ଼ିଆ ଭାଷା-ସାହିତ୍ୟର ବରପୁତ୍ର ବ୍ୟାସକବି ଫକୀର ମୋହନ ସେନାପତି ଏବଂ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତି ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ପ୍ରଦାନ ଘଟଣାକୁ ନେଇ ସାରା ରାଜ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଆଜି ମଙ୍ଗଳବାର ସକାଳ ୯ ଘଟିକା ସମୟରେ ଜଳେଶ୍ୱରର ମୁଣ୍ଡତୁଣିଆ ସ୍ଥିତ ଦୀନକୃଷ୍ଣ ସାହିତ୍ୟ ଓ ସଂସ୍କୃତି ସଂସଦ ଆନୁକୁଲ୍ୟରେ ଏକ ଭବ୍ୟ ପ୍ରତିବାଦ ସଭା ସ୍ଥାନୀୟ ଗାନ୍ଧୀସେବାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି।ସଂସଦର ସଭାପତି ଇନ୍ଦୁମାଧବ ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଭାରତୀୟ ଜନତା ପାର୍ଟି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଓଡ଼ିଶାର ଏହି ଦୁଇ ପ୍ରାତଃସ୍ମରଣୀୟ ଜନନାୟକଙ୍କ ବିଷୟରେ ଯେଉଁଭଳି ମିଥ୍ୟା ଓ ଆକ୍ଷେପମୂଳକ ବ୍ୟକ୍ତବ୍ୟ ରଖିଛନ୍ତି, ତାହାକୁ ସଭାରେ ଦୃଢ଼ ନିନ୍ଦା କରାଯାଇଛି।ଉପସ୍ଥିତ ବୁଦ୍ଧିଜୀବୀମାନେ ଅଭିଲାଷଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଓଡ଼ିଆ ଅସ୍ମିତାକୁ ନେଇ ଯେଉଁ ଦଳ ଶାସନ ଗାଦିକୁ ଆସିଛି, ସେହି ଦଳର ନେତୃତ୍ୱ ଓଡ଼ିଆ ସ୍ୱାଭିମାନର ମେରୁଦଣ୍ଡ ସଦୃଶ ବରପୁତ୍ରମାନଙ୍କୁ ସମାଲୋଚନା କରୁଥିବା ବେଳେ ଦଳର ଅନ୍ୟ ବରିଷ୍ଠ ନେତାମାନେ ନୀରବ ଦ୍ରଷ୍ଟା ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବୈଠକରେ ବୁଦ୍ଧିଜୀବୀଙ୍କ ମତ ପ୍ରକାଶ ପାଇଛି। ପ୍ରତିବାଦ ସଭା ଶେଷ ହେବା ପରେ ସଂସଦ ତରଫରୁ ଏକ ପ୍ରତିନିଧି ଦଳ ଜଳେଶ୍ୱର ବି.ଡି.ଓ ଗୌରାଙ୍ଗ ଚରଣ ଘୋଷଙ୍କୁ ସାକ୍ଷାତ କରିଥିଲେ। ବି.ଡି.ଓଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଏହା ସହିତ ସମ୍ପୃକ୍ତ ଯୁବ ନେତାଙ୍କ ବିରୁଦ୍ଧରେ ତୁରନ୍ତ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଜଳେଶ୍ୱର ଥାନା ଅଧିକାରୀଙ୍କ ନିକଟରେ ଏକ ଲିଖିତ ଏତଲା ଦାୟର କରାଯାଇଛି।ଏହି ପ୍ରତିବାଦ ସଭା ଓ କାର୍ଯ୍ୟକ୍ରମରେ ଜଳେଶ୍ୱରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ସମାଜସେବୀ ଦିଲ୍ଲୀପ କୁମାର ଗିରି, ସୀତାଂଶୁ ସେନାପତି, ବିଶିଷ୍ଟ ଶିକ୍ଷାବିତ ଜିତାରାମ ବେ,ଡକ୍ଟର ଲଳିତ ରଞ୍ଜନ ସେନାପତି, ସଂସଦର ସଦସ୍ୟ ମନୋରଞ୍ଜନ ଦାସ,ସୁଶାନ୍ତ କୁମାର ଦାସ,ସୁନୀଲ କୁମାର ନାୟକ ଓ କାଳି ଚରଣ ପୃଷ୍ଟି, ଗିରିଧାରୀ ବେହେରା,ପ୍ରାଣକୃଷ୍ଣ ଗିରି,ଅନନ୍ତ କୁମାର ଦତ୍ତ,ବସନ୍ତ ଦାସ ଏବଂ ରବୀନ୍ଦ୍ର କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ସରୋଜ କୁମାର ମହାନ୍ତି ଉପସ୍ଥିତ ସମସ୍ତ ବୁଦ୍ଧିଜୀବୀ ଓ ସଂସଦର ସଦସ୍ୟମାନଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ପାଇଁ ଉପଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ

ଉଦଳା, ୦୨/୬ (ନି.ପ୍ର): ଉଦଳା ନିର୍ବାଚନ ମଣ୍ଡଳିରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ଉଦେଶ୍ୟରେ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ, ଉଦଳାଙ୍କ ତରଫରୁ ଏକ ସାମ୍ବାଦିକ ସମ୍ମିଳନି ଅନୁଷ୍ଠିତ ହୋଇ ଯାଇଛି । ସଘନ ସଂଶୋଧନ କାର୍ଯ୍ୟକ୍ରମର ସଠିକ୍ ବିଶଦ ବିବରଣି ଜନସାଧାରଣଙ୍କୁ ଅବଗତ କରାଇବା ଉଦେଶ୍ୟରେ ଉକ୍ତ ସାମ୍ବାଦିକ ସମ୍ମିଳନିର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ଗତ ମଇ ୩୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ସମସ୍ତ ତଥ୍ୟ ମାନ ଅବଗତ କରାଇବା ସହିତ ଜନସାଧାରଣଙ୍କ ନିକଟରେ ସଠିକ୍ ତଥ୍ୟ ଉପସ୍ଥାପନ କରିବାକୁ ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପରାମର୍ଶ ଦେଇଥିଲେ । ଜଣେବି ଯୋଗ୍ୟ ନିର୍ବାଚକଙ୍କ ନାମ ଯେମିତି ଭୋଟର ତାଲିକାରୁ ବାଦ ନପଡ଼େ ସେଥିପ୍ରତି ଉପଖଣ୍ଡ ପ୍ରଶାସନ ସତର୍କ ଦୃଷ୍ଟି ରଖିଥିବା ବେଳେ ଏଥିନିମନ୍ତେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବାର ଉପଜିଲ୍ଲାପାଳ ମତ ପ୍ରକାଶ କରିଥିଲେ । ଆଜିର ସାମ୍ବାଦିକ ସମ୍ମିଳନିରେ ଡ଼େପୁଟି




କଲେକ୍ଟର ପ୍ରତିକ କୁମାର ପଣ୍ଡା, ସହକାରୀ ଜିଲ୍ଲାପାଳ ପ୍ରବିଣ କୁମାର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଉତରାୟ ମୁର୍ମୁ, ଶ୍ରୀତମ ମହାନ୍ତି, ଇଭାନ ଦଳେଇ, ଦୁସ୍ମନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ତଥା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଅଜିତ ମହାପାତ୍ର ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ ।

# ଇଲେକ୍ଟ୍ରି କରେଣ୍ଟ ଲାଗି ଚାଲିଗଲା ଯୁବ ବ୍ୟବସାୟୀଙ୍କ ଜୀବନ: ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର

ନୀଳଗିରି , ୦୨/୬ (ନି.ପ୍ର): ନିଜ ଦୋକାନକୁ ସଂଯୋଗ କରାଯାଇଥିବା ସର୍ଭିସତାରକୁ ସଜାଡିବାକୁ ଯାଇ ୧୧କେଭି ବିଦ୍ୟୁତତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ଜୀବନ ଯିବାପରେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ବରହମପୁର ଥାନା ଅନ୍ତର୍ଗତ କେସିପୁର ପଞ୍ଚାୟତ ଅଧୀନସ୍ଥ ହାତୀକୁଟ ବେହେରାସାହି ଗ୍ରାମର ରୋହିତାସ ବେହେରାଙ୍କ ପୁଅ କୃତିବାସ ବେହେରା (୪୫) ସ୍ଥାନୀୟ ଯମୁନାଛକରେ ଏକ ରେଡିମେଟ ଦୋକାନକରି ପରିବାର ପ୍ରତିପୋଷଣ କରୁଥିଲେ। ଆଜି ସକାଳ ପ୍ରାୟ ସାଢ଼େ ଆଠଟା ସମୟରେ ନିଜଡ୍ରେସ୍ ଦୋକାନକୁ ସଂଯୋଗନେଇଥିବା ସର୍ଭିସ୍ ତାରଟି ଓହଳି ପଡିଥିବାରୁ ଏକ ବାଉଁଶ



ସାହାଯ୍ୟରେ ଉପରକୁ ଟେକିବା ସମୟରେ ହଠାତ୍ ଉପରେ ଯାଇଥିବା ୧୧କେଭି ବିଦ୍ୟୁତତାର ସଂସ୍ପର୍ଶରେ ଆସିଥିଲେ। ଫଳରେ କୃତିବାସଙ୍କୁ କରେଣ୍ଟ ଲାଗିବାରୁ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ଉଦଳା ହସ୍ପିଟାଲ୍ ନିଆଯାଇଥିବା ବେଳେ ଡ଼ାକ୍ତର ମୃତ୍ୟୁଘୋଷଣା କରିଥିଲେ। ପରେ ତାଙ୍କ ମରଶରୀରକୁ ଉକ୍ତ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଗଲାପରେ ପରିବାରଲୋକଙ୍କୁ ଶବହସ୍ତାନ୍ତର କରାଯାଇଥିଲା। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ଦେଖିବାକୁ ମିଳିଥିଲା। ଜଣେ ମିଷ୍ଟଭାଷୀ, ପରୋପକାରୀ, ହୃଦୟବାନ ଲୋକଥିବାରୁ ତାଙ୍କ ସମ୍ମାନାର୍ଥେ ଯମୁନାବଜାରକୁ ଦିବସବ୍ୟାପି ବନ୍ଦ ରଖାଯାଇଥିଲା। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବାବେଳେ ସ୍ତ୍ରୀ ଓ ବାପା ମା ରୋଜଗାରିଆ ପୁଅକୁ ହରାଇ ମର୍ମାହତ ହୋଇପଡିଛନ୍ତି। ପୁଅ ଦେବାଶିଷ ମୁଖାଗ୍ନୀ ଦେଇଥିବାବେଳେ ବରହମପୁର ଷ୍ଟକଚର ଅଧୀନରେ ଆସୁଥିବା ଏହି ଇଲେକ୍ଟ୍ରି ଲାଇନର କର୍ମଚାରୀଙ୍କ ଅବହେଳାପାଇଁ ଜଣେ ଯୁବକଙ୍କ ଜୀବନ ଅକାଳରେ ଚାଲିଯାଇଥିବାରୁ ବିଦ୍ୟୁତ୍ ବିଭାଗକୁ ଅଞ୍ଚଳବାସୀ ଦାୟୀକରିବା ସହିତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବୀ କରିଛନ୍ତି।

# ବାଲେଶ୍ୱର ସହରର ମଣ୍ଡଳବଜାରରେ ନିର୍ମିତ ହେବ ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ: ଅଧିକାରୀଙ୍କ ସହ ପ୍ରକଳ୍ପର ବହୁମୁଖୀ ଦିଗ ଉପରେ ସମୀକ୍ଷା କଲେ ବିଧାୟକ ମାନସ କୁମାର ଦତ୍ତ

ବାଲେଶ୍ୱର, ୦୨/୬ (ନି.ପ୍ର): ବାଲେଶ୍ୱର ସହରର ସାମଗ୍ରିକ ବିକାଶ ଦିଗରେ ବିଧାୟକ ମାନସ କୁମାର ଦତ୍ତଙ୍କ ନିରନ୍ତର ପ୍ରୟାସ ସଫଳ ରୂପ ନେବାରେ ଆଗକୁ ବଢି ଚାଲିଛି । ଏହିକ୍ରମରେ ବିଧାୟକ ଶ୍ରୀ ଦତ୍ତଙ୍କ ପ୍ରଚେଷ୍ଟାରେ ସହରର ବିକାଶଧାରା ସହିତ ନୂତନ ଫର୍ଦ୍ଦ ଯୋଡିବାକୁ ଯାଉଛି ଅତ୍ୟାଧୁନିକ ସୁବିଧା ସୁଯୋଗ ସମ୍ପନ୍ନ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଜନା । ପ୍ରାୟ ୭କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ସ୍ଥାନୀୟ ମଣ୍ଡଳବଜାରରେ ନିର୍ମିତ ହେବ ଏହି ଅତ୍ୟାଧୁନିକ ମାର୍କେଟ କମ୍ପ୍ଲେକ୍ସ । ମୁଖ୍ୟମନ୍ତ୍ରୀ ସହରୀ ବିକାଶ ବାଲେଶ୍ୱର ପୌରପାଳିକା ପକ୍ଷରୁ ପ୍ରସ୍ତାବିତ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଜନା ପାଇଁ ଅର୍ଥ ମଞ୍ଜୁର ପରେ ଟେଣ୍ଡର ପ୍ରକ୍ରିୟା ଚାଲିଛି । ଖୁବଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି । ଏ ନେଇ ବିଧାୟକ ଶ୍ରୀ ଦତ୍ତ ମଣ୍ଡଳବଜାର ଠାରେ ପହଂଚି ପୌରାଧକ୍ଷା ସବିତା ସାହୁଙ୍କ ଉପସ୍ଥିତିରେ ପୌର ଅଧିକାରୀ ଓ ପୌରଯନ୍ତ୍ରୀଙ୍କ ସହ ପ୍ରକଳ୍ପର ସମୀକ୍ଷା କରିଥିଲେ । ଏହା ସହିତ ସ୍ଥାନୀୟ ବ୍ୟବସାୟୀଙ୍କ ସହ ବଜାରର ଉନ୍ନତି ସମ୍ପର୍କରେ ସେ ଆଲୋଚନା କରିଥିଲେ । ମଣ୍ଡଳବଜାରରେ ଦୀର୍ଘ ବର୍ଷ ଧରି ବ୍ୟବସାୟିକ କାର୍ଯ୍ୟକଳାପ ମାଧ୍ୟମରେ ବାଲେଶ୍ୱର ସହରର ଅର୍ଥନୈତିକ ବିକାଶରେ ପ୍ରମୁଖ ଅବଦାନ ରଖିଥିବା ବ୍ୟବସାୟୀଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥି ନିମନ୍ତେ ମଣ୍ଡଳବଜାରର ଜରାଜୀର୍ଣ୍ଣ ଦୋକାନ ଘରଗୁଡିକୁ ଭାଙ୍ଗି ବହୁତଳ ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣର ଯୋଜନା କରାଯାଇଛି । ଏଥିରେ ଦୋକାନ ଘର ସହିତ ଅନ୍ୟାନ୍ୟ ଆର୍ଥିକ କାରବାର ପାଇଁ ଭିତ୍ତିଭୂମୀ ସୃଷ୍ଟି କରାଯିବ । ବିଶେଷ ଭାବେ ଗ୍ରାହକମାନଙ୍କ ପାଇଁ ଏକ ସ୍ୱଚ୍ଛ ଓ ସୁବିଧାଜନକ ପରିବେଶ ସୃଷ୍ଟି କରାଯିବ ବୋଲି ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ ପ୍ରକାଶ କରିଛନ୍ତି । ସ୍ଥାନୀୟ ଅଂଚଳର ବିକାଶ ଏବଂ ବ୍ୟବସାୟୀ ଭାଇଭଉଣୀମାନଙ୍କ କଲ୍ୟାଣ ଦିଗରେ ରାଜ୍ୟର ଲୋକଙ୍କ ସରକାର ସର୍ବଦା ପ୍ରତିବଦ୍ଧ ରହିଛନ୍ତି ବୋଲି ସେ କହିଛନ୍ତି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିରିୟଲ ଶୁଭ୍ର ପଟେଲ ଓ ପୌରଯନ୍ତ୍ରୀ ସୀମାଂଚଳ ମିଶ୍ର ଏହି ପ୍ରକଳ୍ପର ବହୁମୁଖୀ ଦିଗ ଏବଂ ଉପଲବ୍ଧ ହେବାକୁ ଥିବା ସୁବିଧା ସମ୍ପର୍କରେ ବିଧାୟକଙ୍କୁ ମ୍ୟାପ, ଗ୍ରାଫ ଓ ଥ୍ରିଡି ଡିଜାଇନ ମାଧ୍ୟମରେ ଅବଗତ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୌରାଙ୍ଗ ଦାସ, ସୁଜିତ ଦେବ, ନିତ୍ୟଗୋପାଳ ସିଂହ, ସନ୍ତୋଷ ଦେ, ଲୋକନାଥ ଭୂୟାଁ, ମନ୍ମଥ ବେହେରା, ଯୋଗେନ ରଣା, ମନୋରଞ୍ଜନ ନନ୍ଦି, ଅଶୋକ ଦାସ, ସୁକୁମାର ଦେ, ବିଜୟ ପୃଷ୍ଟି, ଜୟନ୍ତ ସେଠି, ତପନ ନନ୍ଦୀ ସଂଜୀବ ପ୍ରଧାନ, ଭଜମୋହନ ପଣ୍ଡା, ଶ୍ରୀନାଥ ରଣା, ଗୌତମ ବାରିକ ପ୍ରମୁଖ ଏହି ସମୟରେ ଉପସ୍ଥିତ ଥିଲେ ।

# ଇତିହାସରେ ବିଦୁସ୍ମିତା ହେଲେ ବିଶ୍ୱବିଦ୍ୟାଳୟର ଟପର



ଉଦଳା, ୦୨/୬ (ନି.ପ୍ର): ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର +୩ ଶେଷ ବର୍ଷର ଛାତ୍ରୀ ବିଦୁସ୍ମିତା ଘୋଷ ଇତିହାସ ସମ୍ମାନରେ ଚଳିତ ବର୍ଷ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଟପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟ ପାଇଁ ସେ ଗର୍ବ ଓ ଗୌରବ ଆଣିଥିବାରୁ ତାଙ୍କୁ ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ପରିଚାଳନା କମିଟିର ସଦସ୍ୟ ଓ ସହପାଠୀ ବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି ।

# ରାଇକୁଳା ୟୁପି ସ୍କୁଲ ପ୍ରଧାନଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୦୨/୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଡା ଗ୍ରାମପଞ୍ଚାୟତ ଅଧୀନ ରାଇକୁଳା ୟୁପି ସ୍କୁଲର ପ୍ରଧାନଶିକ୍ଷକ ପିତାମ୍ବର ଭୂୟାଁଙ୍କୁ ରବିବାର ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଭୋଗରାଇ ର ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ କମଳଲୋଚନ ବିଶ୍ୱାଳ ମୁଖ୍ୟ ଅତିଥି, ଅଲୋଷ୍ଟା ରାଜ୍ୟସଭାପତି ବିକ୍ରମ କୁମାର ଦାସ ମୁଖ୍ୟବକ୍ତା, ଖଇରା ବ୍ଲକ ସହଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂ, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ, ସ୍ଥାନୀୟ ସରପଞ୍ଚ



ରଘୁନାଥ ଜେନା ଓ ସମିତିସଭ୍ୟା କମଳିନୀ ମାଝୀ, ଜିଲା ଅଲୋଷ୍ଟା ସଭାପତି ରବିନାରାୟଣ ପଣ୍ଡା, ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ଦାଶ, ଶଙ୍କର୍ଷଣ ଜେନା, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର, ପରିଚାଳନା କମିଟି ସଭାପତି ବ୍ରଜକିଶୋର ପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ବଳରାମ ଜେନା ଓ ପର୍ଶୁରାମ ଜେନା ଯୋଗ ଦେଇଥିଲେ । ୧୯୮୯ ମସିହା ଚାକିରି ଆରମ୍ଭ କାଳରୁ ବିଦାୟୀ ପ୍ରଧାନଶିକ୍ଷକଙ୍କ ତ୍ୟାଗ, ନିଷ୍ଠା, ଛାତ୍ରବତ୍ସଳତା ଓ ଗଠନମୂଳକ ଚିନ୍ତାଧାରା ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଜୟନ୍ତ ଦାସ, ଭବେନ୍ଦ୍ର କୁମାର ଶଙ୍ଖୁଆ, ମାନସ କୁମାର ପଣ୍ଡା, ଭବେନ୍ଦ୍ର ପାତ୍ର, ଶିପ୍ରାରାଣୀ ପଣ୍ଡା, ମାୟାଧର ଦାସ, ଉଗ୍ରସେନ ନାୟକଙ୍କ ସମେତ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟ ତରଫରୁ ବିଦାୟୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୦୨/୬ (ନି.ପ୍ର): ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଏବଂ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ପାରମାଣିକସ୍ମିତ୍ ପୁରୁଷୋତ୍ତମ ଦାସଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଶିବିରରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ, ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର , ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀତପା ମିଶ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ପ୍ରମୁଖ ଆଜିର ଏହି ପ୍ରଶାସନିକ ଜନ ଅଭିଯୋଗ ଶିବିରରେ ଯୋଗଦେଇ ଜନସାଧାରଣ ମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ଜିଲ୍ଲାପାଳଙ୍କୁ ସହଯୋଗ ପ୍ରଦାନ କରିଥିଲେ । ଆଜିର ଅଭିଯୋଗ ଶିବିରକୁ ମୋଟ ୮୫ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୨ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଅଭିଯୋଗ ଥିଲା । ଜିଲ୍ଲାପାଳ ଅଭିଯୋଗ ଶିବିରରେ ୧୪ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ଋତୁରାଜ ଚିକିତ୍ସା ନିମନ୍ତେ କୁମାଣ୍ଡୋଳା ଗ୍ରାମ ପଞ୍ଚାୟତ, ବାଣପୁର ବ୍ଲକ୍‌ର ଅଭିଯୋଗ କାରୀ ମଞ୍ଜୁ ବେହେରା ଙ୍କୁ କର୍କଟ ରୋଗ ଚିକିତ୍ସା ନିମନ୍ତେ ୧୫ ହଜାର ଏବଂ ଗୁରୁଜଙ୍ଗା ଗ୍ରାମ ପଞ୍ଚାୟତ, ଖୋର୍ଦ୍ଧା ବ୍ଲକର ଛବି ଦାସଙ୍କୁ ଆତ୍ମ ନିଯୁକ୍ତି ନିମନ୍ତେ ୧୫ ହଜାରକୁ ନେଇ ମୋଟ ୩୦ ହଜାର ଟଙ୍କା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରିଥିଲେ କ୍ଷ ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ, ସମସ୍ତ ବି ଡି ଓ, ତହସିଲଦାର, ଜନ ପ୍ରତିନିଧି ବୃନ୍ଦ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

# ବିଭିନ୍ନ ଦାବି ନେଇ ବାଲେଶ୍ୱର ଟାଉନ କଂଗ୍ରେସ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ବାଲେଶ୍ୱର, ୦୨/୬ (ନି.ପ୍ର): ବାଲେଶ୍ୱର ପୌରପାଳିକା ର ୩୧ଟି ୱାର୍ଡ ରେ ସରକାର ଙ୍କ ବିକାଶ ମୂଳକ କାର୍ଯ୍ୟ ନିୟମ ଅନୁଯାୟୀ କରିବା ଦାବିରେ ଟାଉନ କଂଗ୍ରେସ ପକ୍ଷରୁ ମଙ୍ଗଳବାର ୧୫ ଦାବି ସମ୍ବଳିତ ଏକ ଦାବିପତ୍ର ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରଯାଇଛି। ସମସ୍ତ ଭିତ୍ତଭୂମି ଥାଇ ମଧ୍ୟ ସରକାର ଙ୍କ ଉଦାସୀନତା ଯୋଗୁଁ ପୌର ପରିଷଦ କୁ ମହାନଗର ନିଗମ ଘୋଷଣା କରାଯାଇପାରୁ ନାହିଁ। ତୁରନ୍ତ ବାଲେଶ୍ୱର ପୌରପାଳିକା କୁ ମହାନଗର ନିଗମ ଘୋଷଣା, ପୌର ପରିଷଦର ସମ୍ବିଧାନ ଅନୁଯାୟୀ ପ୍ରତି ମାସ ପରିଷଦ ବୈଠକ ଡକାଯାଇ ଆଇନକୁ ସମ୍ମାନ ଜଣାଇବା, ପୌର ପରିଷଦ ସମ୍ବିଧାନର ଧାରା ୭୧(୨) ଅନୁଯାୟୀ ମାସିକ ବୈଠକର ବିବରଣୀ ୩ ଦିନ ଭିତରେ ବିବରଣୀ କୁ ଜିଲ୍ଲାପାଳ, ନଗର ଉନ୍ନୟନ ବିଭାଗ ଓ ପାରିଷଦ ମାନଙ୍କୁ ଠିକ ସମୟରେ ଦିଆ ନ ଯାଇ ପୌର ପରିଷଦର ଗଣତାନ୍ତ୍ରିକ ଅଧିକାରକୁ ଉଲଂଘନ କରା ନ ଯିବା, ପୌର ପରିଷଦର ପାନୀୟ ଜଳ ପିଇବା ଉପଯୋଗୀ ହୋଇ ନ ଥିବା ରୁ ପ୍ରତି ସାହିରେ କାଦୁଅ ପାଣିକୁ ଛାଙ୍କି ଲୋକମାନେ ବ୍ୟବହାର କରୁଛନ୍ତି । ଏହାକୁ ଅତ୍ୟନ୍ତ ଜରୁରୀ ଭାବି ୧୫ ଦିନ ଭିତରେ ସୁଧାର କରିବା ଆଦି ଦାବି ଉଲ୍ଲେଖ କରଯାଇଛି। ସେହିପରି ଶେଷ ଥର ପାଇଁ ୧୮.୦୩.୨୦୨୫ ମସିହାରେ ବାଲେଶ୍ୱର ପୌର ପରିଷଦର ବିଭିନ୍ନ ୱାର୍ଡ ରେ ଉନ୍ନତି ମୂଳକ କାର୍ଯ୍ୟ ହେବାପାଇଁ ଟେଣ୍ଡର କରାଯାଇଥିଲା । କିନ୍ତୁ ଅଦ୍ୟାବଧି ପରିଷଦର ଉନ୍ନତି ମୂଳକ କାର୍ଯ୍ୟ କରିବା ପାଇଁ କୌଣସି ଟେଣ୍ଡର ବାହାର କରାଯାଇ ନାହିଁ । ତେଣୁ ପୌର ପରିଷଦର ବିକାଶ ରେ ବାଧା ଉପୁଜିଛି । ଖୁବ୍ ଶୀଘ୍ର ଟେଣ୍ଡର କରାଯାଇ ବାକିଥିବା ଅନ୍ୟାନ୍ୟ ଉନ୍ନତି କାର୍ଯ୍ୟ ହାତ କୁ ନେବା ପାଇଁ କଂଗ୍ରେସ୍ ଦାବି କରିଛି । ସମସ୍ତ ୧୫ ଗୋଟି ଦାବୀ ଆସନ୍ତା ୧୫ ଦିନ ଭିତରେ ଆରମ୍ଭ କରା ନ ଗଲେ ବାଲେଶ୍ୱର ଟାଉନ କଂଗ୍ରେସ ପୌର ପରିଷଦ ସମ୍ମୁଖରେ ଧାରଣାରେ ବସିବ ବୋଲି ଚେତାବନୀ ଦିଆଯାଇଛି । ବରିଷ୍ଠ କାଉନସିଲର ତଥା କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା, ଟାଉନ ସଭାପତି ଅନୁପ କୁମାର ସ୍ୱାଇଁ, ଅର୍ଚ୍ଚନା ନନ୍ଦୀ, ଶ୍ରୀକାନ୍ତ ବୁଗୁଡ଼ାଇ, ଜୋତ୍ସ୍ନା ସେନାପତି, ଶେଖ ନିଜାମୁଦିନ , ସେଖ୍ ଅସଗର ଅଲି ,ସାହେବା ଅଖତର , ଶେଖ କାଲାମ ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହି ଦାବି ପତ୍ର ପ୍ରଦାନ କରିଥିଲେ

# ଭଦ୍ରକରେ ଏସ୍.ଆଇ.ଆର ସଚେତନତା ରଥର ଶୁଭାରମ୍ଭ

ଭଦ୍ରକ, ୦୨/୬ (ନି.ପ୍ର): କମିଶନଙ୍କ ଦ୍ୱାରା ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ବ୍ୟାପକ ଭାବେ ପହଞ୍ଚାଇବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ଏସ୍ଆଇଆର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାୟ ଓ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ଉର୍ମିଳା ନାୟକ ସବୁଜ ପତାକା ପ୍ରଦର୍ଶନ କରି ଏହି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ୍, ପଞ୍ଚାୟତ ଓ ସହରାଞ୍ଚଳ ପରିଭ୍ରମଣ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନେଇ ଚରଣ ଟୁଡୁ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ନାଗରିକମାନଙ୍କୁ ଏସ୍ଆଇଆର ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବା, ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଏନ୍ୟୁମେରେସନ୍ ଫର୍ମ ପୂରଣ କରି ଦାଖଲ କରିବା ପାଇଁ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ୫ଓଜ-୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଏଲଓ ମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ଏନ୍ୟୁମେରେସନ୍ ଫର୍ମ ବଣ୍ଟନ ଓ ସଂଗ୍ରହ କରୁଛନ୍ତି।

# ପୌରାଧକ୍ଷଙ୍କ ଘର ଉପରକୁ ବୋମାମାଡ ଘଟଣା : ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାତୀୟ କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ପାରାଦୀପ, ୦୨/୬ (ନି.ପ୍ର): ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଘର ଉପରକୁ ଗତ ଶନିବାର ଦିନ ସଂନ୍ଧ୍ୟାରେ ପେଟ୍ରୋଲ ବୋମାମାଡ ହୋଇଥିଲା । ଏହି ଘଟଣାର ୪୮ ଘଣ୍ଟା ବିତି ଯାଇଥିଲେ ବି ପୋଲିସ୍ କୌଣସି ସ୍ୱଷ୍ଟ ସୂଚନା ଦେଇ ପାରୁନାହିଁ । ପାରାଦୀପର ପ୍ରଥମ ନାଗରିକ ଶ୍ରୀ ବିଶ୍ୱାଳ ଯେତେବେଳେ ସୁରକ୍ଷିତ ନୁହଁନ୍ତି ତେବେ ପାରାଦୀପର ସାଧାରଣ ନାଗରିକ କେତେ ସୁରକ୍ଷିତ ତାହା ଜଣାପଡିଯାଉଛି ବୋଲି ସୋମବାର ଦିନ ପାରାଦୀପ ନଗର କଂଗ୍ରେସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ନଗର କଂଗ୍ରେସ୍ ସଭାପତି କେଦାରନାଥ ବିଶ୍ୱାଳ କହିଛନ୍ତି । ୨୦୦୫ ମସିହାରେ ଯୁବନେତା ଜଗତାନନ୍ଦ ପତି(ମୁନା)ଙ୍କ ହତ୍ୟାକାଣ୍ଡ ଘଟଣାରେ କେହି ଦୋଷୀ ସାବ୍ୟସ୍ତ ହୋଇ ପାରିନଥିଲେ । ପୋଲିସ୍ ଗାଡି ଡ୍ରାଇଭର ସୁକେଶ ମଣ୍ଡଳ ମୃତ୍ୟୁ ଘଟଣାରେ ପୋଲିସ୍ କହାରିକୁ ବି ଗିରଫ କରି ପାରିନଥିଲା । ଯେଉଁଥିରୁ ପୋଲିସ୍‌ର ପାରିବା ପଣିଆ ସ୍ୱଷ୍ଟ ବାରି ହୋଇପଡୁଛି ବୋଲି ଅଭିଯୋଗ କରିଛନ୍ତି ପାରାଦୀପ




ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ ନେତା ନିରଂଜନ ନାୟକ । ପାରଦୀପ ଏକ ମିନି ବାରତ ବର୍ଷ ଏଠାରେ ସବୁ ରାଜ୍ୟର, ସବୁ ଧର୍ମ ଓ ସବୁ ଜାତିର ଲୋକମାନେ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରେ ଭାଇଚାରା ରହିଛି । ଏହି ଭଳି ଘଟଣାମାନ ଘଟିଲେ ଶାନ୍ତ ପାରାଦୀପ ଆଗାମୀ ଦିନରେ ପୁଣି ଅଶାନ୍ତ ହେବ ବୋଲି ଶ୍ରୀ ନାୟକ କହିଥିଲେ । ପୋଲିସ୍ କେବଳ କିଛି ଛୋଟ ଛୋଟ ପିଲାଙ୍କୁ ଥାନାକୁ ଆଣି ଅଟକ ରଖି ଦେଲେ ହେବ ନାହିଁ ବରଂ ଏହା ପଛରେ ଥିବା ମୁଖ୍ୟ କାର୍ପଟଦାରଙ୍କୁ ଗିରଫ କରିବାକୁ ସେ ଦାବୀ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ତ୍ରିନାଥ ମହାନ୍ତି, ସରୋଜ କୁମାର ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ବିଜୟ କୁମାର ସେଠୀ, କୃପାସିନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida